Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 225
Friday, 23 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୨୩ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା: ମୁଖ୍ୟମନ୍ତ୍ରୀ

ମୁମ୍ବାଇ/ଭୁବନେଶ୍ୱର, ୨୨/୧୦ (ନ୍ୟୁ.ଏ): ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଂଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି । ୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ

ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି । ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଂଟ ରିଜନ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ । ଗୋପାଳପୁରରେ ରେଫ୍ରିଜରେଂଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତ୍ତିକ ପ୍ରକଳ୍ପଗୁଡ଼ିକରେ ଉପୁଜୁଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି । ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି । ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ୍ୟ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନିରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା । ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ । ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତ୍ତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ । ଏଥିରେ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି ଏବଂ ସେଂଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ମାଧ୍ୟମରେ ମିଳୁଥିବା ସହଯୋଗ ମଧ୍ୟ ସାମିଲ ରହିଛି । ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଉପସ୍ଥିତ ଥିଲେ ।

ଯମୁନା ପୁନରୁଦ୍ଧାର ପାଇଁ ୮,୯୪୧ କୋଟି ପ୍ରକଳ୍ପର ଶୁଭାରମ୍ଭ କଲେ ଶାହ

ନୂଆଦିଲ୍ଲୀ, ୨୨/୧୦ (ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଦିଲ୍ଲୀରେ ଯମୁନା ନଦୀର ପୁନରୁଦ୍ଧାର ସମ୍ବନ୍ଧୀୟ ୮,୯୪୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ ସମାରୋହରେ ଯୋଗ ଦେଇଥିଲେ । ଏହି ଅବସରରେ ଦିଲ୍ଲୀର ଉପରାଜ୍ୟପାଳ ଶ୍ରୀ ତରଣଜିତ ସିଂହ ସାନ୍ଧୁ, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଶ୍ରୀ ଅମିତ ଶାହ ନିଜ ଅଭିଭାଷଣରେ କହିଥିଲେ ଯେ ଆଜି ଏଠାରେ ଯମୁନା ନଦୀର ଶୁଦ୍ଧିକରଣ ପାଇଁ ପ୍ରାୟ ୯,୦୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଦିଲ୍ଲୀରେ ଆମ ଦଳର ସରକାର ଗଠନ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଯମୁନାକୁ ଶୁଦ୍ଧ କରିବାର ନିଜର ଲକ୍ଷ୍ୟକୁ ଦିଲ୍ଲୀ ସରକାର ଏବଂ ଗୃହ ମନ୍ତ୍ରଣାଳୟ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏତେ କମ୍ ସମୟ ମଧ୍ୟରେ ଆମେ ୪୦ ପ୍ରତିଶତରୁ ଅଧିକ ସଫଳତା ହାସଲ କରିଛୁ । ଶ୍ରୀ ଅମିତ ଶାହ କହିଥିଲେ ଯେ ବିଗତ ୩୦ ବର୍ଷ ଧରି ପୂର୍ବ ସରକାରମାନେ ଦିଲ୍ଲୀର ବର୍ଜ୍ୟଜଳକୁ ଯମୁନା ନଦୀରେ ନିଷ୍କାସିତ କରିବା ପାଇଁ ଅନୁମତି ଦେଇଥିଲେ ଏବଂ ପ୍ରତିଦିନ ଡାଏରୀରୁ ୨,୦୦୦ ଟନ୍ ଗୋବର ଯମୁନା ନଦୀରେ ଫିଙ୍ଗି ଦେଉଥିଲେ । ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ ହରିୟାଣାରେ ମୁଖ୍ୟ ବିରୋଧୀ ଦଳର ସହଯୋଗୀମାନଙ୍କ ସରକାର କ୍ଷମତାରେ ଥିଲା, ଏବଂ ହରିୟାଣାରୁ ଶିଳ୍ପ ବର୍ଜ୍ୟ ଜଳ ତଥା ଉତ୍ତର ପ୍ରଦେଶରୁ ମଇଳା ଜଳ ମଧ୍ୟ ଯମୁନାକୁ ପ୍ରବାହିତ ହେଉଥିଲା । ସେ କହିଥିଲେ ଯେ ଆଜି ଆମ ଦଳର ସରକାର କେନ୍ଦ୍ରରେ ଏବଂ ଦିଲ୍ଲୀ, ହରିୟାଣା ଏବଂ ଉତ୍ତର ପ୍ରଦେଶରେ କ୍ଷମତାରେ ରହିଛି । ଏହି ଚାରୋଟି ରାଜ୍ୟରେ ଆମ ସରକାର ମିଳିତ ଭାବେ ଉତ୍ତର ପ୍ରଦେଶ, ହରିୟାଣା ଏବଂ ଦିଲ୍ଲୀ ପାଇଁ ସମୟବଦ୍ଧ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ଯାହା ମାଧ୍ୟମରେ ଆମେ ୨୦୨୯ ସୁଦ୍ଧା ଯମୁନାକୁ ସ୍ୱଚ୍ଛ କରିବୁ । ଶ୍ରୀ ଶାହ କହିଥିଲେ ଯେ ଆମେ ଏପରି ଏକ ଦିଲ୍ଲୀ ନିର୍ମାଣ କରିବାକୁ ଚାହୁଁଛୁ ଯେଉଁଠାରେ ଘର ସୁନ୍ଦର ହେବ, ପାଣି ଶୁଦ୍ଧ ହେବ, ରାସ୍ତାଗୁଡ଼ିକ ସ୍ୱଚ୍ଛ ହେବ, ଆବର୍ଜନା ପାହାଡ଼ ନଥିବ, ଏବଂ ଯମୁନା ଥରେ ସଫା ହୋଇଗଲେ, ଏଠାରୁ ସଙ୍ଗମ ପର୍ଯ୍ୟନ୍ତ ଲୋକମାନଙ୍କୁ ଆଶୀର୍ବାଦ ଦେଇପାରିବ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକୁ ଏକ ଅତୁଟ ସଂକଳ୍ପ ଭାବେ ଗ୍ରହଣ କରିଛନ୍ତି ଏବଂ ଆଜି ସେହି ସଂକଳ୍ପର ଏକ ବହୁତ ବଡ଼ ଅଂଶ ପୂରଣ ହେଉଛି । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଏଠାରେ ୧୦ଟି ପ୍ରକଳ୍ପର ଉଦଘାଟନ ସହ ୩୩ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସେ କହିଥିଲେ ଯେ ମୋଟ ୮,୯୪୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ଅନେକ ଲକ୍ଷ ଲିଟର ଜଳ ଶୁଦ୍ଧ ହେବ ଏବଂ ଯମୁନାକୁ ପ୍ରବାହିତ ହେବ । ଆଜି ଏଠାରେ ଦିଲ୍ଲୀର ଅନେକ ଅଂଚଳ ସହ ଜଡ଼ିତ ପ୍ରକଳ୍ପଗୁଡ଼ିକର ଉଦଘାଟନ କରାଯାଇଥିଲା ଏବଂ ବର୍ତ୍ତମାନର ଏସ୍. ଟି. ପି. ଗୁଡ଼ିକର ଉନ୍ନତିକରଣ ତଥା ନୂତନ ଏସ୍. ଟି. ପି. ଗୁଡ଼ିକର ସ୍ଥାପନ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଆଜି ଏଠାରେ ଏକ ବିକେନ୍ଦ୍ରୀକୃତ ଏସ୍. ଟି. ପି. ପମ୍ପିଂ ଷ୍ଟେସନ ମଧ୍ୟ ସ୍ଥାପନ କରାଯାଇଛି, ଏବଂ ପ୍ରତ୍ୟେକ ଘର ପର୍ଯ୍ୟନ୍ତ ସ୍ୱେରେଜ୍ ଲାଇନ ସଂଯୋଗ କରିବାର କାର୍ଯ୍ୟ ଆରମ୍ଭ ହୋଇଛି । ଆମେ ସ୍ୱେରେଜ୍ ପୁନର୍ବାସ, ଟ୍ୟାପିଂ ଏବଂ ଡ୍ରେନେଜ୍ କାର୍ଯ୍ୟକୁ ଆଗକୁ ବଢ଼ାଉଛୁ ।

ତିବ୍ବତରେ ଭୟଙ୍କର ଭୂମିକମ୍ପ, ତୀବ୍ରତା ୭.୦



ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ତିବ୍ବତରେ ଶକ୍ତିଶାଳୀ ଭୂମିକମ୍ପ , ଗୁରୁବାର ସନ୍ଧ୍ୟାରେ ତିବ୍ବତରେ ଅନୁଭୂତ ହୋଇଛି ଭୂମିକମ୍ପର ତୀବ୍ର ଝଟକା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ରେକର୍ଡ କରାଯାଇଛି । ଭୂମିକମ୍ପର ତୀବ୍ରତା ଅଧିକ ଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଛି । ଏପର୍ଯ୍ୟନ୍ତ ଧନଜୀବନ ହାନି ନେଇ କୌଣସି ସୂଚନା ମିଳିନାହିଁ । ତେବେ ଅନେକ ଅଂଚଳରେ ପାହାଡ଼ରୁ ପଥର ଖସିବା ସହ ଭୂସ୍ଖଳନ ହୋଇଥିବା ଖବର ମିଳିଛି । ଭୂମିକମ୍ପ ପରେ ଚୀନ୍‌ର ଅଧିକାରୀମାନେ ତିବ୍ବତର ସ୍ଥିତି ଉପରେ ନଜର ରଖିଛନ୍ତି । ନ୍ୟାସନାଲ ସେଂଟର ଫର୍ ସିସ୍ମୋଲୋଜିର ସୂଚନା ଅନୁଯାୟୀ, ଭାରତୀୟ ସମୟ ରାତି ପ୍ରାୟ ୮ଟା ୩ ମିନିଟ୍‌ରେ ତିବ୍ବତରେ ୭.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଭୂପୃଷ୍ଠଠାରୁ ୧୭୩ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଥିଲା । ଅନ୍ୟପଟେ, ଚୀନ୍‌ର ଗଣମାଧ୍ୟମ ପକ୍ଷରୁ ଏହି ଭୂମିକମ୍ପ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ । ତିବ୍ବତ ଭୂମିକମ୍ପ ପ୍ରବଣ ଅଂଚଳ ଭାବେ ପରିଚିତ । ଏହାର ପ୍ରମୁଖ କାରଣ ହେଉଛି ଭାରତୀୟ ଟେକ୍ଟୋନିକ୍ ପ୍ଲେଟ୍ ଏବଂ ୟୁରେସିଆନ୍ ପ୍ଲେଟ୍ ମଧ୍ୟରେ ଧକ୍କା । ପ୍ରାୟ ୫ରୁ ୬ କୋଟି ବର୍ଷ ପୂର୍ବେ ଭାରତୀୟ ପ୍ଲେଟ୍ ଉତ୍ତର ଦିଗକୁ ଗତି କରି ୟୁରେସିଆନ୍ ପ୍ଲେଟ୍ ସହ ଧକ୍କା ହୋଇଥିଲା । ଏହି ପ୍ରକ୍ରିୟା ଯୋଗୁଁ ତିବ୍ବତ ମାଳଭୂମିର ସୃଷ୍ଟି ହୋଇଥିଲା । ବର୍ତ୍ତମାନ ମଧ୍ୟ ଭାରତୀୟ ପ୍ଲେଟ୍ ପ୍ରତିବର୍ଷ ପ୍ରାୟ ୪ରୁ ୫ ସେଂଟିମିଟର ବେଗରେ ଉତ୍ତର ଦିଗକୁ ଗତି କରୁଛି । ଏହି ଗତି ଯୋଗୁଁ ଭୂଗର୍ଭରେ ଚାପ ଓ ଶକ୍ତି ଜମା ହୋଇଥାଏ । ଯେତେବେଳେ ଏହି ଶକ୍ତି ହଠାତ୍ ମୁକ୍ତ ହୁଏ, ସେତେବେଳେ ଭୂମିକମ୍ପ ସୃଷ୍ଟି ହୋଇଥାଏ ।

ନିଖୋଜ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର, ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ଜଳେଶ୍ୱର, ୨୨/୧୦ (ଆ.ପ୍ର) : ଶେଷରେ ୫ ଦିନ ହେଲା ନିଖୋଜ ଥିବା ନାବାଳିକାଙ୍କ ମୃତଦେହ ମିଳିଛି । ଜଙ୍ଗଲ ଭିତରୁ ନାବାଳିକାଙ୍କ ଗଳିତ ମୃତଦେହ ମିଳିବା ପରେ ପୂରା ଅଂଚଳରେ ହଇଚଇ ସୃଷ୍ଟି ହୋଇଛି । ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଆଶଙ୍କା କରିଛନ୍ତି ସ୍ଥାନୀୟ ଲୋକ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପ ଫାଣ୍ଡି ଅଧୀନ ବର୍ଦ୍ଧନା ଗ୍ରାମ ପଂଚାୟତର ଗୋଟିଏ ଜଙ୍ଗଲରୁ ଆଜି ନାବାଳିକାଙ୍କ ମୃତଦେହ ମିଳିବା ପରେ ଏପରି ଆଶଙ୍କା କରିଛନ୍ତି ଲୋକେ । ପୁଲିସ୍ ଏହି ଘଟଣାରେ ସ୍ଥାନୀୟ ଅଂଚଳର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛନ୍ତି । କିନ୍ତୁ ପୁଲିସ୍ ଏ ସମ୍ପର୍କରେ କିଛି ବି କହି ନାହିଁ । ଏବେ ଘଟଣାର ତଦନ୍ତ ଚାଲିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି ।

ପରିବାର ଲୋକଙ୍କ କହିବା କଥା ଯେ ନାବାଳିକା ଜଣଙ୍କ ୫ ଦିନ ତଳେ ଘରେ ଥିଲେ । ସେ କୌଣସି କାମରେ ଘରୁ ବାହାରି ଥିବା ବେଳେ ଆଉ ଫେରି ନଥିଲେ । ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ସହ ପୁଲିସରେ ମଧ୍ୟ ଅଭିଯୋଗ କରିଥିଲେ । ୫ ଦିନ ହେଲା ପୁଲିସ୍ ଘଟଣାର ଯାଂଚ କରୁଥିବା ବେଳେ ଆଜି ବର୍ଦ୍ଧନା ଗ୍ରାମ ପଂଚାୟତ ଅଧୀନସ୍ଥ ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଠାବ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ନାବାଳିକାଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣା ପଛରେ ଥିବା ସତ୍ୟାସତ୍ୟ ଏଯାଏ ସ୍ପଷ୍ଟ ହୋଇନାହିଁ । ତଥାପି ତାଙ୍କୁ ଦୁଷ୍କର୍ମ ପରେ ତାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜଳେଶ୍ୱର ପୁଲିସ ବିଭିନ୍ନ ଦିଗକୁ ନଜରରେ ରଖି ତଦନ୍ତ ଚଳାଇଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି ।

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଲଘୁଚାପ

ଭୁବନେଶ୍ୱର, ୨୨/୧୦ (ଆ.ପ୍ର) : ଆସୁଛି ବାତ୍ୟା ! ୨୫ ପରେ ହେବ ସ୍ପଷ୍ଟ । ବର୍ତ୍ତମାନ ୨୪ ଘଂଟା ମଧ୍ୟ ରେ ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବ କେନ୍ଦ୍ର ବଙ୍ଗୋପସାଗର ରେ ସୃଷ୍ଟି ହେବାକୁ ଯାଉଛି ଲଘୁଚାପ । ଏହା ଅଧିକ ଘନୀଭୂତ ହେବ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ । ଏମିତିକି ଏହା ଭୟାବହ ବାତ୍ୟା ର ରୂପ ମଧ୍ୟ ନେଇ ପାରେ । ଏଥିପାଇଁ ପାଗ ଅନୁକୂଳ ଥିବା ମଧ୍ୟ ବିଶେଷଜ୍ଞ ଙ୍କ ମତ ରହିଛି । ଏହା ପରିପ୍ରେରେ ରାଜ୍ୟରେ ୨୬ ରୁ ହେବ ପ୍ରବଳ ବର୍ଷା । ଅକ୍ଟୋବର ୨୮ ରୁ ୨୯ ବେଳକୁ ବାତ୍ୟା ସ୍ଥଳଭାଗକୁ ଛୁଇଁ ପାରେ । କିନ୍ତୁ ଏ ସବୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ । ଆହୁରି ୪୮ ରୁ ୭୨ ଘଂଟା ବା ୨୫ ତାରିଖ ବେଳକୁ ଚିତ୍ର ସ୍ପଷ୍ଟ ହେବ ବୋଲି କହିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ୨୩ ତାରିଖ ବେଳକୁ ଦକ୍ଷିଣ ପୂର୍ବ ଓ ପୂର୍ବ କେନ୍ଦ୍ର ବଙ୍ଗୋପସାଗରରେ ଏହା ପ୍ରଥମେ ଲଘୁଚାପର ରୂପ ନେବ । ଏହା ପରେ ଅଧିକ ଘନୀଭୂତ ହୋଇ ୨୪ ବେଳକୁ ସଦୃଶ୍ୟ ଲଘୁଚାପ ଓ ୨୫ ବେଳକୁ ଅବପାତ ରେ ପରିଣତ ହେବାକୁ ନେଇ ପୂର୍ବାନୁମାନ ହୋଇଛି । ତେଣୁ ଅବପାତ ରୂପ ନେବା ପରେ ବାତ୍ୟାକୁ ନେଇ ସଠିକ ଚିତ୍ର ସାମନାକୁ ଆସିବ ବୋଲି ସେ କହିଛନ୍ତି । ଏହା ବାତ୍ୟାର ରୂପ ନେବା ପରେ ଅଧିକ ଶକ୍ତିଶାଳୀ ହେବାକୁ ନେଇ ମଧ୍ୟ ପୂର୍ବାନୁମାନ କରାଯାଇଛି । ଅବପାତ ରୂପ ନେବା ପରେ ଏହାର ଗତିପଥ ମଧ୍ୟ ଜଣାପଡିବ । ବର୍ତ୍ତମାନ ଲଘୁଚାପ ହେବା ପରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାକୁ ନେଇ ପୂର୍ବାନୁମାନ ହୋଇଛି । ଆନ୍ଧ୍ର ଓ ଓଡିଶା ଉପକୂଳ ମଧ୍ୟରେ ଅତିକ୍ରମକୁ ନେଇ ମଧ୍ୟ କିଛି ମଡେଲ ପୂର୍ବାନୁମାନ କରିଛି । ବାତ୍ୟା କେତେ ଶକ୍ତିଶାଳୀ ହେବ ତାହା ୨୫ ରେ ସ୍ପଷ୍ଟ ହେଉଥିବା ବେଳେ ଏହା ପ୍ରଭାବ ଓଡିଶା ଉପରେ ରହିବ । ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହେବାକୁ ନେଇ ମଧ୍ୟ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ସମୟରେ ପବନ ମଧ୍ୟ ରହିବ ବୋଲି ପାଣିପାଗ ବିଶେଷଜ୍ଞ ଙ୍କ ମତ ରହିଛି । ଅକ୍ଟୋବର ମାସ ରେ ସୃଷ୍ଟି ହୋଇଥିବା ବାତ୍ୟା ଶକ୍ତିଶାଳୀ ରହିଥାଏ । ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହା ବାତ୍ୟା ସୃଷ୍ଟି ପାଇଁ ସହାୟକ ହୋଇ ଥାଏ । ପୂର୍ବରୁ ଅକ୍ଟୋବର ମାସରେ ହୋଇଥିବା ବାତ୍ୟା ଯେପରିକି ମହାବାତ୍ୟା, ଫାଇଲିନ ଏହାର ଏକ ଉଦାହରଣ । ତେଣୁ ଏହି ସିଷ୍ଟମ କେତେ ଭୟଙ୍କର ହେବ ଏହା ୨୫ ତାରିଖରେ ସ୍ପଷ୍ଟ ହେବ ।

ଧରାପୃଷ୍ଠରୁ ବିଦାୟ ନେଲେ ମା' ଦୁର୍ଗା

ଭୁବନେଶ୍ୱର, ୨୨/୧୦ (ଆ.ପ୍ର) : ସରିଲା ମା'ଜଗତଜନନୀଙ୍କ ଲୀଳାଖେଳା । ଧରାପୃଷ୍ଠରୁ ବିଦାୟ ନେଉଛନ୍ତି ମହିଷା ମର୍ଦ୍ଦିନୀ । ମେଲାଣି ବେଳାରେ ପାରମ୍ପରିକ ଓ ଆଧୁନିକ ନୃତ୍ୟଗୀତରେ କମ୍ପୁଛି ପରିବେଶ । ଆଜି ଦୁର୍ଗାପୂଜା ଭସାଣ ଉତ୍ସବରେ ମେଲାଣି ନେଉଛନ୍ତି ମାଆ । ଏଥିପାଇଁ ରାଜଧାନୀର ୬ଟି ସ୍ଥାନରେ ବିସର୍ଜନ ଲାଗି ବ୍ୟବସ୍ଥା କରାଯାଇଛି । ଏହା ପୂର୍ବରୁ ରାଜଧାନୀର ୪ଟି ସ୍ଥାନରେ ଏକାଠି ହୋଇଛନ୍ତି ସମସ୍ତ ମେଢ । ମେଢ ଗୁଡ଼ିକ ପ୍ରଥମେ ଭୁବନେଶ୍ୱରର ସହିଦନଗର, ଓଲଡ ଟାଉନ୍, ନୟାପଲ୍ଲୀ ଓ ଚନ୍ଦ୍ରଶେଖରପୁରରେ ସମସ୍ତ ମେଢ ଏକାଠି ହୋଇଥିଲେ । ସେଠାରୁ ବିଭିନ୍ନ ନଦୀରେ ହୋଇଥିବା ଅସ୍ଥାୟୀ ବିସର୍ଜନ କୁଣ୍ଡକୁ ଯାଉଛନ୍ତି । ଏପଟେ ଆଜି ଭସାଣ ଉତ୍ସବ ଲାଗି ଦିନ ୨ଟା ପରଠୁ ରାଜଧାନୀର ବିଭିନ୍ନ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ କଟକଣା ଜାରି ହୋଇଛି ।...ତେଣେ ଗତକାଲିଠୁ ଆରମ୍ଭ ହୋଇଥିବା ଭସାଣ ଉତ୍ସବ ଲାଗି କମ୍ପୁଛି କଟକ ସହର । ବାଜା-ରୋଷଣୀରେ ଚୁଲୁବୁଲୁଛି କଟକ ମହାନଗରୀ । ଗୋଟିଏ ପରେ ଗୋଟିଏ ସାହି ପରିକ୍ରମା କରି ଦେବୀଗଡ଼ା ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି ମେଢ଼ । ଗତକାଲି ରାତିରେ କଟକରେ ୧୬ଟି ମେଢ଼ ବିସର୍ଜନ ହୋଇ ସାରିଛି । ଭସାଣ ପାଇଁ କଟକ ସହରରେ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କୋଟିଆ ପ୍ରସଙ୍ଗ : ପୁଣି ସୁପ୍ରିମ୍‌କୋର୍ଟ ଯିବ ଓଡ଼ିଶା

କୋରାପୁଟ/ସମ୍ବଲପୁର/ଭୁବନେଶ୍ୱର, ୨୨/୧୦ (ଆ.ପ୍ର) : କୋଟିଆରେ ଆନ୍ଧ୍ର ପକ୍ଷରୁ ପଂଚାୟତ ନିର୍ବାଚନ କରାଇବାକୁ ଜୋରଦାର ପ୍ରସ୍ତୁତି ଚାଲିଛି । ଏହାକୁ ନେଇ ଓଡ଼ିଶାରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି । ବିଭିନ୍ନ ମହଲରୁ ଏହାକୁ କଡ଼ା ସମାଲୋଚନା ହେଲା ପରେ ଆଇନଗତ ଲଢ଼େଇ ସହ ପ୍ରଶାସନିକ ସ୍ତରରେ ନିର୍ବାଚନକୁ ରୋକିବା ପାଇଁ ଓଡ଼ିଶା ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୁଲିସ ଓ ଜିଲ୍ଲା ପ୍ରଶାସନର ଦୁଇ ଜଣ ବରିଷ୍ଠ ଅଧିକାରୀ କୋଟିଆରେ ରହିବେ । ଆନ୍ଧ୍ରର ଗତିବିଧି ଉପରେ ନିୟମିତ ନଜର ରଖିବା ସହ ପ୍ରତିଦିନ ରିପୋର୍ଟ ଦେବାକୁ କୋରାପୁଟ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ଦଣ୍ଡକାରଣ୍ୟ ବିକାଶ ମହାମଂଚ ପକ୍ଷରୁ ଆସନ୍ତା ୪ ତାରିଖରେ ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ପାଇଁ ଡାକରା ଦିଆଯାଇଛି । ଆନ୍ଧ୍ର ପକ୍ଷରୁ କୋଟିଆ ପଂଚାୟତକୁ

ବିଭକ୍ତ କରି ଗଞ୍ଜେଇପଦର, ଫାଟୁସିନେରି ଏବଂ ଧୂଳିପଦର ପଂଚାୟତ ଗଠନ କରାଯାଇଛି । ସାଲୁର ମଣ୍ଡଳରେ ଏହି ତିନିଟି ପଂଚାୟତ ରହିଛି । ଏହି ପଂଚାୟତ ଗୁଡ଼ିକରେ ଜେଡ୍‌ପିଟିସି (ଜିଲ୍ଲା ପରିଷଦ ସଭ୍ୟ) ଏବଂ ଏମ୍‌ପିଟିସି (ସମିତି ସଭ୍ୟ) ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ସହ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ସମିତିସଭ୍ୟ ପଦ ପାଇଁ ଆଜି ନେରେଡିବାଲସା ଓ ଉପରସେମ୍ବୀ ଗାଁର ଜଣେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବାକୁ ସମର୍ଥକଙ୍କ ସହ ସାଲୁର ଯାଇଥିଲେ । ୨୩ ତାରିଖରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହେବ ଏବଂ ୩ ତାରିଖରେ ନିର୍ବାଚନ ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଆଭାସୀ ମାଧ୍ୟମରେ ଏହି ପ୍ରସଙ୍ଗର ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଆଇନଗତ ଦୃଷ୍ଟିକୋଣରୁ ଉଚିତ ପଦକ୍ଷେପ ନେବା ଦିଗରେ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟଙ୍କ ସହ ସବିଶେଷ ଆଲୋଚନା କରିବା ସହ ପରାମର୍ଶ ଲୋଡ଼ିଛନ୍ତି । ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମନ୍ତ୍ରୀ ଶ୍ରୀ ପୂଜାରୀ କରିଥିବା ଏହି ଆଭାସୀ ବୈଠକରେ ଆଡ୍‌ଭୋକେଟ୍ ଜେନେରାଲଙ୍କ ସମେତ ଦକ୍ଷିଣାଂଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀ ।

ମୋଦିଜୀ ଦେଶକୁ ଯୋଡିବାକୁ ଚାହୁଁଛନ୍ତି, ନବୀନ ପଟ୍ଟନାୟକ ଦେଶକୁ ଭାଙ୍ଗିବା କାର୍ଯ୍ୟରେ ଲାଗିଛନ୍ତି : ଡ. ଯତୀନ ମହାନ୍ତି

ଭୁବନେଶ୍ୱର, ୨୨/୧୦ (ଆ.ପ୍ର) : ଗତ କାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ପଷ୍ଟ କହିଛନ୍ତି ଯେ, ସିଜେପି ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ଦୁଇଜଣ ଆଶୁତୋଷ ଗାନ୍ଧୀ ଓ ସୌରଭ ଦାସଙ୍କ ଗିରଫଦାରୀକୁ ନିନ୍ଦା କରିବା ସହିତ ସେମାନଙ୍କୁ ମୁକ୍ତ କରିବା ପାଇଁ ଦାବୀ ଜଣାଇଛନ୍ତି । ଏପରିକି ନ୍ୟାୟିକ ପ୍ରକ୍ରିୟାକୁ ଆକ୍ଷେପ କରିବା ସହିତ ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ନିଷିଦ୍ଧାଂଚଳରେ ଜାତୀୟ ପତାକା ଉତ୍ତୋଳନ କରିବା କୌଣସି ଅପରାଧ ନୁହେଁ ବୋଲି ବିଚାରାଳୟକୁ ପରାମର୍ଶ ଦେବା ସହ ଉଭୟଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଉପଦେଶ ଦେଇଛନ୍ତି । ଏହାଦ୍ୱାରା ଦେଶର ଯୁବଶକ୍ତିର ବିଶ୍ୱାସ ବିଚାରାଳୟ ବ୍ୟବସ୍ଥା ଉପରେ ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଗତ ୨୪ ବର୍ଷ ଧରି 'ଆଇନ ତା ବାଟରେ ଯିବ' ବୋଲି କହୁଥିବା ନବୀନ ବାବୁଙ୍କ ପ୍ରକୃତରେ ନ୍ୟାୟିକ ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ବିଶ୍ୱାସ ନଥିଲା । ଯଦି ପୂର୍ବରୁ ନ୍ୟାୟିକ ଓ ପ୍ରଶାସନିକ ବ୍ୟବସ୍ଥାରେ ବିଶ୍ୱାସ ଥିଲା ବୋଲି ତାଙ୍କର ହୃଦୟଙ୍ଗମ ହେଉଥିଲା, ତେବେ ଆଜି ଏ ହୃଦୟ ପରିବର୍ତ୍ତନ କାହିଁକି? ଆଜି କ'ଣ ସେହି ଅରାଜକତା ଶକ୍ତିମାନଙ୍କୁ ସମର୍ଥନ କରିବାକୁ ଯାଇ ନବୀନ ବାବୁ ତାଙ୍କର ସମସ୍ତ ନୀତି, ନିୟମ ଓ ନୈତିକତା ଭୁଲିଗଲେ କି ବୋଲି ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ପ୍ରଶ୍ନ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ମହାନ୍ତି କହିଛନ୍ତି ଯେ, ତମ ଉଦ୍ଦେଶ୍ୟ କ'ଣ, କ'ଣ କରିବାକୁ ଚାହୁଁଛ ବୋଲି ଅରାଜକତା ଶକ୍ତିମାନଙ୍କୁ ଗତ କାଲି ମାନ୍ୟବର ଦିଲ୍ଲୀ କୋର୍ଟ ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ଫ୍ରାନ୍ସଠାରୁ ଆରମ୍ଭ କରି ଇଟାଲୀ, ସ୍ପେନ୍ ପର୍ଯ୍ୟନ୍ତ ବ୍ୟାପିଥିବା ଆନ୍ଦୋଳନରେ ବ୍ୟାପକ ହିଂସା ଏବଂ ଅରାଜକତା ଦେଖିବାକୁ ମିଳୁଛି । ଗଣତନ୍ତ୍ର ଓ ପ୍ରଶାସନିକ ବ୍ୟବସ୍ଥାକୁ ଜୋରଜବରଦସ୍ତ ପରିବର୍ତ୍ତନ କରି ନିଜର ଅରାଜକତାକୁ ଏଠାରେ ଚଳାଇବାକୁ ପ୍ରଚେଷ୍ଟା କରାଯାଉଛି । ତାଙ୍କ ନେତାମାନେ କହୁଛନ୍ତି ବାଂଲାଦେଶର ଘଟଣା ତାଙ୍କ ପାଇଁ ଆଦର୍ଶ ବା ପ୍ରେରଣା ଅଟେ । ଗତକାଲି ଯେଉଁମାନେ ନିଜକୁ ନିଜେ ଆତ୍ମଘୋଷିତ ଯୁବ ସମାଜର ପ୍ରେରଣା ବୋଲି କହିଛନ୍ତି, ସେମାନଙ୍କୁ ନବୀନ ବାବୁ ସମର୍ଥନ କରିଛନ୍ତି । ଏହା ତାଙ୍କର ଦେବାଳିଆ ମାନସିକତା ସ୍ପଷ୍ଟ କରୁଛି । ନବୀନ ବାବୁ ନିଜ ସାମାଜିକ ଗଣମାଧ୍ୟମ ଏକ୍ସ ପୋଷ୍ଟରୁ ଏହା ସ୍ପଷ୍ଟ ହେଉଛି ଯେ, ଏହା ତାଙ୍କର ବାର୍ଦ୍ଧକ୍ୟ ଜନିତ ସମସ୍ୟା ସହ ତାଙ୍କ ପାଇଁର ଅଭିମୁଖ୍ୟ ମଧ୍ୟ ସମାନ ଅଟେ । ଭାରତକୁ ଭାଗ ଭାଗ କରି ଅରାଜକତାକୁ ଶକ୍ତିକୁ ସମର୍ଥନ କରି ବିଜେଡି ଆଜି ଛିଡା ହୋଇଛି କି, ତାହାର ଜବାବ୍ ବିଜେଡିକୁ ସାଧାରଣ ଜନତାଙ୍କ ସମ୍ମୁଖରେ ଦେବାକୁ ପଡିବ ବୋଲି ଡ.ମହାନ୍ତି କହିଛନ୍ତି । ଯେତେବେଳେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତକୁ ଯୋଡିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ବିଜେଡି ଭାରତର ବିଭାଜନକାରୀ ନେତାମାନଙ୍କୁ ସମର୍ଥନ କରିବା ଅତ୍ୟନ୍ତ ଲଜ୍ଜାଜନକ । ଯୁବ ସମାଜକୁ ଆଗକୁ ନେବା ପାଇଁ ମୋଦିଜୀ ଯେତେବେଳେ ଅହରହ ପରିଶ୍ରମ କରୁଛନ୍ତି, ସେତେବେଳେ କାହିଁକି ବିଜେଡି ତାର କୁତ୍ସିତ ଚିନ୍ତାଧାରାକୁ ସଫଳ କରିବା ପାଇଁ ଚେଷ୍ଟା କରୁଛି ବୋଲି ଡ.ମହାନ୍ତି ପ୍ରଶ୍ନ କରିଛନ୍ତି । ଗୋଟିଏ ପଟେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶ ବିଭାଜନକାରିଙ୍କ ସପକ୍ଷରେ କହୁଥିବାବେଳେ ଅନ୍ୟପଟେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଯୋଡିବାକୁ ଏବଂ ଦେଶର ଯୁବ ବର୍ଗଙ୍କ ସ୍ୱାର୍ଥ ପାଇଁ କାମ କରୁଛନ୍ତି । ବିଶେଷ ଭାବେ ଓଡ଼ିଶାର ସାମଗ୍ରିକ ଓ ସନ୍ତୁଳିତ ବିକାଶ ପାଇଁ ମୋଦି ସରକାର ପ୍ରତିବଦ୍ଧ । ଆସନ୍ତା ୨୫ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ । ଏହି ଅବସରରେ ୧୭୦ କୋଟି ବ୍ୟୟରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ଆରବିଆଇ ଡାଟା ସେଂଟର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବେ । ସମସ୍ତ ଭାରତୀୟଙ୍କ ତଥ୍ୟ କିଭଳି ସୁରକ୍ଷିତ ରହିବ ଏବଂ ସାଇବର ସିକ୍ୟୁରିଟିକୁ ପ୍ରାଧାନ୍ୟ ଦେଇ ଓଡ଼ିଶାରେ ଆରବିଆଇର ଦ୍ୱିତୀୟ ଡାଟା ସେଂଟର ସ୍ଥାପନା କରାଯାଇଛି । ଡାଟା ସେଂଟର ପୃଥିବୀର ସର୍ବବୃହତ ଶ୍ରେଷ୍ଠ ଆବଶ୍ୟକତା । ଏହି ଡାଟା ସେଂଟର ପାଇଁ ସେ ଓଡ଼ିଶାକୁ ବାଛିଛନ୍ତି, ଯାହା ଆମ ପାଇଁ ଗର୍ବ ଓ ଗୌରବ ଅଟେ । ଆରବିଆଇ ଭଳି ପ୍ରତିଷ୍ଠିତ ସଂସ୍ଥାର ଡାଟା ସେଂଟର ପ୍ରତିଷ୍ଠା ଦ୍ୱାରା ଓଡ଼ିଶାର ଡିଜିଟାଲ ଶିଳ୍ପ ବିକାଶ ତ୍ୱରିତ ହେବା ସହିତ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶାର ଛବି ବଦଳାଇବାରେ ସହାୟକ ହେବ । ଆଇଟି କ୍ଷେତ୍ରରେ ଓଡିଶା ରାଜ୍ୟକୁ ପ୍ରଥମେ ସେମିକଣ୍ଡକ୍ଟର ହବ୍ ଭାବେ ପରିଚୟ ପ୍ରଦାନ କରିବାର ପ୍ରୟାସ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ମୋଦିଜୀ ବର୍ତ୍ତମାନ ଡାଟା ସେଂଟର ଭାବେ ଓଡିଶାକୁ ଗୁରୁତ୍ୱ ଦେଇଛନ୍ତି । ଏହା ହେଉଛି ନରେନ୍ଦ୍ର ମୋଦିଙ୍କ ଆଗାମୀ ଦିନରେ ଓଡିଶାର ବିକାଶ ପାଇଁ ଥିବା ସ୍ୱପ୍ନକୁ ସାକାର କରିବାର ଗୋଟିଏ ପଦକ୍ଷେପ । ଯାହାକି ମୋଦିଜୀଙ୍କ ଯୁବବର୍ଗ ଓ ଓଡିଶା ପ୍ରତି ଥିବା ଭଲ ପାଇବାକୁ ସ୍ପଷ୍ଟ ଦର୍ଶାଉଛି ବୋଲି ଡ.ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶା ଗସ୍ତ ସଂପର୍କରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ୨୫ ତାରିଖ ଅପରାହ୍ନ ୪ଟାରେ ମୋଦିଜୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ଖୋର୍ଦ୍ଧା ଗସ୍ତ କରି ଆରବିଆଇ ଡାଟା ସେଂଟରର ଉଦଘାଟନ କରିବେ । ଏହା ପରେ ପୁଣି ଥରେ ଭୁବନେଶ୍ୱର ଫେରି ଆସି ସଂଧ୍ୟା ୭ଟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ରାଜ୍ୟରେ ଡବଲ ଇଂଜିନ ସରକାର ଗଠନ ହେବା ପରେ ଏହା ହେଉଛି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୯ମ ଓଡ଼ିଶା ଆଗମନ । ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉତ୍ସାହିତ ଅଛନ୍ତି ଏବଂ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଅପେକ୍ଷାରତ ଅଛନ୍ତି ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ଓ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

କୋଟିଆରେ ଆନ୍ଧ୍ରର ନିର୍ବାଚନୀ ପ୍ରୟାସକୁ ବିରୋଧ, ସରକାରଙ୍କୁ ଦୃଢ଼ ପଦକ୍ଷେପ ପାଇଁ ତାରାଙ୍କ ଆହ୍ୱାନ

କୋରାପୁଟ, ୨୨/୧୦ (ଆ.ପ୍ର) : କୋଟିଆ କେବଳ ଏକ ଭୌଗୋଳିକ ଅଂଚଳ ନୁହେଁ, ଏହା ଓଡ଼ିଶାର ମାଟି, ଆଦିବାସୀଙ୍କ ସ୍ୱାଭିମାନ, କୋରାପୁଟର ଅସ୍ମିତା ଏବଂ ଆମ ଐତିହ୍ୟ ସହ ଗଭୀର ଭାବରେ ଜଡ଼ିତ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି କହିବା ସହ, କୋଟିଆର ଲୋକଙ୍କ ଅଧିକାର, ସେମାନଙ୍କ ଭାଷା, ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକାର ସୁରକ୍ଷା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ପ୍ରକାଶ କରିଛନ୍ତି । କୋଟିଆ ପ୍ରସଙ୍ଗକୁ କୌଣସି ଦଳୀୟ ରାଜନୀତିର ସୀମା ମଧ୍ୟରେ ସୀମିତ ନରଖି, ଓଡ଼ିଶାର ସ୍ୱାର୍ଥ ଓ ଜନସାଧାରଣଙ୍କ ଅଧିକାରର ପ୍ରଶ୍ନ ଭାବରେ ଦେଖିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆନ୍ଧ୍ର ପକ୍ଷରୁ କୋଟିଆ ଅଂଚଳରେ ପଂଚାୟତ ନିର୍ବାଚନ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟକଳାପ ଚଳାଇବାର ପ୍ରୟାସ ନୂଆ ନୁହେଁ । ପୂର୍ବରୁ ମଧ୍ୟ ଏପରି ପଦକ୍ଷେପ ନିଆଯାଇଛି । କିନ୍ତୁ ଏହି ପ୍ରସଙ୍ଗରେ ଆଇନଗତ ବିବାଦ ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିବା ବେଳେ ସମ୍ବନ୍ଧିତ ଆଇନଗତ ସ୍ଥିତିକୁ ସମ୍ମାନ ଦେବା ଏବଂ ଲୋକଙ୍କ ମଧ୍ୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ସୃଷ୍ଟି ନକରିବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । କୋଟିଆର ଭବିଷ୍ୟତ ନେଇ କୌଣସି ପ୍ରକାରର ସାଲିସ୍ ଗ୍ରହଣୀୟ ନୁହେଁ । ଏହି ଅଂଚଳର ଲୋକମାନେ ଯେପରି ନିଜ ଅଧିକାର, ପରିଚୟ ଓ ସାଂସ୍କୃତିକ ଐତିହ୍ୟ ସହିତ ସମ୍ମାନର ସହ ବଂଚିପାରିବେ, ସେଥିପାଇଁ ଓଡ଼ିଶା ସରକାର, ପ୍ରଶାସନ ଓ ସମସ୍ତ ରାଜନୈତିକ ଦଳ ଏକଜୁଟ ହୋଇ ଦୃଢ଼ ପଦକ୍ଷେପ ନେବା ଦରକାର । କୋଟିଆ ସହ ଆମର ସମ୍ପର୍କ କେବଳ ପ୍ରଶାସନିକ ସୀମା ମଧ୍ୟରେ ସୀମିତ ନୁହେଁ; ଏହା ଆମ ଇତିହାସ, ସଂସ୍କୃତି ଓ ଧାର୍ମିକ ଆସ୍ଥା ସହ ମଧ୍ୟ ଜଡ଼ିତ । ଶାବର ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଭାବରେ ମୁଁ ମଧ୍ୟ କୋଟିଆ ଅଂଚଳରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଆଧ୍ୟାତ୍ମିକ ସମ୍ପର୍କର ସୁଦୃଢ଼ୀକରଣ ଏବଂ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ମୋର ପ୍ରୟାସ ଜାରି ରଖିବି ବୋଲି ସେ ପ୍ରକାଶ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଜନସମ୍ମୁଖକୁ ଆଣିବା ଏବଂ କୋଟିଆର ବାସ୍ତବ ସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ହେଉଛି କୋଟିଆର ସମସ୍ୟା, ଅଧିକାର ଓ ଓଡ଼ିଶାର ସ୍ୱାର୍ଥ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା କୋଟିଆର ଅଧିକାର ପାଇଁ ଆମ ସଂକଳ୍ପ ଅଟଳ । ଓଡ଼ିଶାର ସ୍ୱାଭିମାନ ପାଇଁ ଆମ ଲଢେଇ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

ଜଗତସିଂହପୁର ଠାରେ ୩୮ ତମ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ

ଜଗତସିଂହପୁର, ୨୨/୧୦ (ଆ.ପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶ୍ରୀ ରାମ କ୍ଲବ ସମ୍ପାଦକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାନ୍ୟବର ବିଧାୟକ-ତଥା-ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ଜଗତସିଂହପୁର ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ ନିଶା ସେବନ ଓ ମୋବାଇଲ ବ୍ୟବହାର ଠାରୁ ଯୁବସମାଜ ଦୂରେଇ ରହିବା ପାଇଁ ନିବେଦନ କରିବା ସହ ଉସାଣି କାର୍ଯ୍ୟକ୍ରମରେ ନିଶା ସେବନ ନ କରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଦୁର୍ନୀତିକୁ ବିରୋଧ କରି ସ୍ୱର ଉତ୍ତୋଳନ କରିବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ । ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅନପତି ମେଢ଼ ର ସଭାପତି ସତ୍ୟ ବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଶ୍ରୀରାମ କ୍ଲବର ସଭାପତି ରତ୍ନାକର ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶିତ ହୋଇଥିଲା । ଏଥିରେ ରାବଣ ଜଟାୟୁ ଯୁଦ୍ଧ, ସୀତା ହରଣ,ରାମ ରାବଣ ଯୁଦ୍ଧ ଓ ରାବଣ ବଧ ବେଶ ଆକର୍ଷଣୀୟ ହୋଇଥିଲା । କାର୍ଯ୍ୟକ୍ରମରେ ଆକର୍ଷଣୀୟ ବୈଦ୍ୟୁତିକ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ଶେଷରେ ଶ୍ରୀରାମ କ୍ଲବ୍‌ର କାର୍ଯ୍ୟକର୍ତ୍ତା ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆରକ୍ଷୀ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

ମା' ଆଙ୍କୁଡେଶ୍ୱରୀ ପୀଠରେ ରାବଣପୋଡ଼ି ଉତ୍ସବ, ଭକ୍ତଙ୍କ ପ୍ରବଳ ଭିଡ଼

ବାସୁଦେବପୁର,୨୨/୧୦ (ଆ.ପ୍ର) : ବାରମାସରେ ତେର ପର୍ବ ପର୍ବପର୍ବାଣୀରେ ଉତ୍ସବମୁଖର ହୋଇଉଠିଛି ମା'ଙ୍କ ପୀଠ । ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକତାର ମହାମିଳନ ଭିତରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିନାୟକପୁର ଗ୍ରାମପଂଚାୟତର ପ୍ରସିଦ୍ଧ ମା' ଆଙ୍କୁଡେଶ୍ୱରୀଙ୍କ ପୀଠରେ ଆୟୋଜିତ ହୋଇଛି ରାବଣପୋଡ଼ି ଉତ୍ସବ । ମା'ଙ୍କ ଷୋଡ଼ଶ ଦିବସୀୟ ଦୁର୍ଗାପୂଜା ଅବସରରେ ଏହି ଉତ୍ସବକୁ ନେଇ ଭକ୍ତ ଓ ଦର୍ଶକଙ୍କ ମଧ୍ୟରେ ଦେଖିବାକୁ ମିଳିଛି ପ୍ରବଳ ଉତ୍ସାହ । ଆଧ୍ୟାତ୍ମିକ ପରିବେଶ ଭକ୍ତିମୟ ମାହୋଲ ଆଉ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ।ଏ ହେଉଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ବିନାୟକପୁର ଗ୍ରାମପଂଚାୟତର ପ୍ରସିଦ୍ଧ ମା' ଆଙ୍କୁଡେଶ୍ୱରୀଙ୍କ ପୀଠ । ଦୀର୍ଘଦିନ ଧରି ଏଠାରେ ପାଳିତ ହୋଇଆସୁଛି ମା'ଙ୍କ ଷୋଡ଼ଶ ଦିବସୀୟ ଦୁର୍ଗାପୂଜା । ମହାଷ୍ଟମୀ, ସନ୍ଧିପୂଜା ଓ ଦଶହରାର ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଏହି ଉତ୍ସବର ମୁଖ୍ୟ ଆକର୍ଷଣ । ଦଶମୀ ଅବସରରେ ଆୟୋଜିତ ରାବଣପୋଡ଼ି ଉତ୍ସବକୁ ଦେଖିବା ପାଇଁ ପୀଠରେ ଜମିଥିଲା ଭକ୍ତ ଓ ଦର୍ଶକଙ୍କ ଭିଡ଼ । ଅସତ୍ୟ ଉପରେ ସତ୍ୟର ବିଜୟ ଅଧର୍ମ ଉପରେ ଧର୍ମର ବିଜୟ ଅହଂକାର ଉପରେ ନ୍ୟାୟର ବିଜୟର ପ୍ରତୀକ ହେଉଛି ରାବଣପୋଡ଼ି ଉତ୍ସବ ।ଏହି ପରମ୍ପରା ମାଧ୍ୟମରେ ସମାଜକୁ ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚାଲିବାର ବାର୍ତ୍ତା ଦିଆଯାଇଛି । କେବଳ ପୂଜାପାଠ ନୁହେଁ, ମା'ଙ୍କ ପୀଠରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାନସଭା ନେତା ବାଣୀ କଲ୍ୟାଣୀ ମହାନ୍ତି, ଜଗନ୍ନାଥପ୍ରସାଦ ଗ୍ରାମପଂଚାୟତର ପୂର୍ବତନ ସରପଂଚ ଭାଗିରଥି ବଳ, ନାୟକାଣୀଡିହି ଗ୍ରାମପଂଚାୟତର ପୂର୍ବତନ ସରପଂଚ ବଂଶୀଧର ବିଶ୍ୱାଳ ଓ ବେତଡ଼ା ମଣ୍ଡଳ ସଭାପତି ଅମରେନ୍ଦ୍ର ନାୟକଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ । ମା' ଆଙ୍କୁଡେଶ୍ୱରୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି କମଳାକାନ୍ତ ନାୟକ, ଧନ୍ୟବାଦ ଅର୍ପଣ କରିଥିଲେ ନିତ୍ୟାନନ୍ଦ ପାତ୍ର, ଓ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ଗ୍ରାମବାସୀମାନେ ଉତ୍ସବର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଭଗବାନ ମିଶ୍ର ଓ ନରେନ୍ଦ୍ର ପ୍ରସାଦ ମଳିକ, ମଂଚ ପରିଚାଳନା କରୁଥିଲେ ରମାକାନ୍ତ ଦାସ, ରାଜେନ୍ଦ୍ର ବାରିକ ଓ ରତିକାନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ମା'ଙ୍କ ଆଶୀର୍ବାଦ ଓ ପରମ୍ପରାର ମହକରେ ମୁଖରିତ ହୋଇଉଠିଛି ଆଙ୍କୁଡେଶ୍ୱରୀ ପୀଠ । ରାବଣପୋଡ଼ି ଉତ୍ସବ କେବଳ ଏକ ପରମ୍ପରା ନୁହେଁ, ବରଂ ସତ୍ୟର ବିଜୟ ଓ ଅସତ୍ୟର ବିନାଶର ଏକ ଶାଶ୍ୱତ ବାର୍ତ୍ତା ।

ଚୌଦ୍ୱାର ପୋଲିସ ଜବତ କଲା ସ୍କ୍ରାପ୍ ବୋଝେଇ ଟ୍ରକ ଜଣେ ଗିରଫ

ଟାଙ୍ଗୀଚୌଦ୍ୱାର, ୨୨/୧୦ (ଆ.ପ୍ର) : ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ଆଇଆଇସି, ଚୌଦ୍ୱାର ଥାନାର ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଥାନା ପୋଲିସ ଟିମ୍ ଚଢ଼ାଉ କରି (ଓ ଆର -୧୯ଜି -୯୪୬୪) ପଞ୍ଜୀକରଣ ନମ୍ବର ବିଶିଷ୍ଟ ଏକ ଟାଟା ଟ୍ରକ୍?କୁ ଅଟକାଇଥିଲେ । ଉକ୍ତ ଟ୍ରକ୍‌ରେ ଚୋରି ହୋଇଥିବା ସନ୍ଦେହଯୁକ୍ତ ସ୍କ୍ରାପ୍ ସାମଗ୍ରୀ ବୋଝେଇ ହୋଇଥିବା ଏବଂ କୌଣସି ବୈଧ ଅନୁମତି କାଗଜପତ୍ର ବିନା ବେଆଇନ ଭାବେ ପରିବହନ କରାଯାଉଥିବା ଜଣାପଡ଼ିଥିଲା । ଏହି ପରିପ୍ରେକ୍ଷୀରେ ଉକ୍ତ ଟ୍ରକ୍ ସହିତ ସେଥିରେ ବୋଝେଇ ହୋଇଥିବା ସ୍କ୍ରାପ୍ ସାମଗ୍ରୀକୁ ଜବତ କରାଯାଇଥିଲା ଓ ଏହି ମାମଲା ସମ୍ପର୍କରେ ବିହାର ରାଜ୍ୟ, ଗୟା ଜିଲ୍ଲା, ଟିକାରୀ ଥାନା ଅନ୍ତର୍ଗତ କୁସିପେ ଗ୍ରାମର ବାସିନ୍ଦା ନନ୍ଦନ ପାସୱାନଙ୍କ ପୁତ୍ର ରାଜଦେଓ ପାସୱାନ (ବୟସ ୪୫ ବର୍ଷ)ଙ୍କୁ । ଚଢ଼ାଉକାରୀ ପୋଲିସ ଟିମ୍‌ର ଅଧିକାରୀ ଏସ୍‌ଆଇଏନ୍ ଜୟ ପ୍ରଧାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ଆଇନର ଧାରା ଅନୁଯାୟୀ ଉକ୍ତ ମାମଲା ପଞ୍ଜୀକୃତ କରାଯାଇଥିଲା । ଅଭିଯୁକ୍ତ ରାଜଦେଓ ପାସୱାନଙ୍କୁ ଆଜି ଗିରଫ କରାଯାଇ ମାନ୍ୟବର ଅଦାଲତଙ୍କ ନିକଟକୁ ଚାଲାଣ କରାଯାଇଅଛି । ଉକ୍ତ ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ବନ୍ଧ ଛକ କାଳୀପୂଜା କମିଟି ତରଫରୁ ଶୁଭ ଖୁଂଟି ସ୍ଥାପନ



ଜି.ଉଦୟଗିରି, ୨୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନ୍ଧ ଛକ କାଳୀ ପୂଜା କମିଟି ତରଫରୁ ଚଳିତ ବର୍ଷ ଦୀପାବଳି ଉତ୍ସବ ପାଳନ ନିମନ୍ତେ ଶ୍ୟାମାକାଳୀ ଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ଗୁରୁବାର ଶୁଭ ଖୁଂଟି ସ୍ଥାପନ କରାଯାଇଛି । ଆସନ୍ତା ନଭେମ୍ବର ୮ ତାରିଖରେ ଦୀପାବଳି ଉତ୍ସବ ବା କାଳୀ ପୂଜାକୁ ଦୃଷ୍ଟିରେ ରଖି କମିଟି ସଭାପତି ବିଷ୍ଣୁ ପ୍ରସାଦ ସାହୁଙ୍କ ନେତୃତ୍ୱ ରେ ଅନୁଷ୍ଠିତ ମାଁ ଶ୍ୟାମାକାଳୀଙ୍କ ଉତ୍ସବ ନିମନ୍ତେ ରୀତିନୀତି ଅନୁସାରେ ପୁରୋହିତ ନାରାୟଣ ପାଢ଼ୀଙ୍କ ଦ୍ୱାରା ନିର୍ଦ୍ଧାରିତ ଶୁଭ ସମୟରେ ଶୁଭଖୁଂଟି ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରତାପ କୁମାର ପଣ୍ଡା ଓ ସହଯୋଗୀ ଭାବେ ପ୍ରଶ୍ନ କୁମାର ସାହୁ ପୂଜା ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ କମିଟି ସମ୍ପାଦକ କାର୍ତ୍ତିକ ପାଢ଼ୀ, ସତ୍ୟନାରାୟଣ ଗୌଡ଼, ଶିବରାମ ସାହୁ, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାସ, ନୂତନ ପଟ୍ଟନାୟକ, ବାଳକୃଷ୍ଣ ବେହେରା ଉପସ୍ଥିତ ଥିବା ବେଳେ ରବୀନ ପାଢ଼ୀ, ଦିବାକର ସାହୁ, ନାରାୟଣ ପାତ୍ର, ପ୍ରତାପ ସାହୁ, ଅଜିତ ସୁବୁଦ୍ଧି, ତୁଷାର ସାପୁଆ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶାସ୍ତ୍ରୀୟ ରୀତିନୀତି ଅନୁସାରେ ମାଁଙ୍କ ଆବାହନ କାର୍ଯ୍ୟକ୍ରମ ରୁ ଆରମ୍ଭ ହୋଇ ୫ ଦିନ ପର୍ଯ୍ୟନ୍ତ ମଣ୍ଡପରେ ମାଁ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ କମିଟି ସଭାପତିଙ୍କ ଠାରୁ ସୂଚନା ମିଳିଛି । ମାଁ ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ଠାରୁ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ କମିଟି ସଦସ୍ୟ ଓ ନଗର ବାସିନ୍ଦାଙ୍କ ସହଯୋଗ ନିମନ୍ତେ କମିଟି ସଭାପତି ଅନୁରୋଧ କରିଥିଲେ ।

ଦୁର୍ଗାପୂଜା ଉପଲକ୍ଷେ ଜଗତସିଂହପୁର ଠାକୁର ପାଟଣାରେ ଗରବା ରାତି

ଜଗତସିଂହପୁର, ୨୨/୧୦ (ଆ.ପ୍ର) : ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ୧୯ ନଂ ୱାର୍ଡ ଠାକୁରପାଟଣା ଠାରେ ଅଷ୍ଟମୀ ତିଥି ଉପଲକ୍ଷେ ଲକ୍ଷ୍ମୀ ମନ୍ଦୀର ସମ୍ମୁଖ ପ୍ରାଙ୍ଗଣରେ ଏକ ଗରବା ରାତ୍ରି ପାଳିତ ହୋଇଯାଇଛି । ଠାକୁର ପାଟଣା ଗ୍ରାମର ବହୁ ଯୁବକ ଓ ଯୁବତୀ ମିଶି ଗରବା, ଡାଣ୍ଡିଆ ଓ ଛୋଟପିଲାଙ୍କର ସଂଗୀତ ଚେୟାର ଖେଳ କରାଯାଇଥିଲା । ଏହି ଉତ୍ସବରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଚାଳିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଗ୍ରାମ କମିଟିର ସଭାପତି ଡଃ ଲିଙ୍ଗରାଜ ବେହେରା ଅଧ୍ୟକ୍ଷତା କରିଥିବାବେଳେ, ପୂର୍ବତନ ନଗରପାଳ ମଧୁସୂଦନ ସାହୁ ମୁଖ୍ୟ ଅତିଥି ଓ ଜାତୀୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗରବା ଓ ଡାଣ୍ଡିଆ ଭିନ୍ନ କାରଣରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ଅଧୁନା ଏହା ଆଧ୍ୟାତ୍ମିକ ଚିନ୍ତନକୁ ନେଇ ଗଢିଉଠିଛି । ଅନ୍ୟ ବକ୍ତା ଭାବେ ୧୯ନ ୱାର୍ଡର ପାରିଷଦ କ୍ରୀଷ୍ଣା ପ୍ରିୟା ପରିଡା ଉପସ୍ଥିତ ରହି ସହଯୋଗ କରିଥିଲେ । ପୂର୍ବତନ ନଗରପାଳ ଶ୍ରୀ ସାହୁ କହିଥିଲେ ଯେ ଆମର ନୂଆ ପିଢ଼ି ଠାକୁର ପାଟଣା, ଜଗତସିଂହପୁର ତଥା ଆମର ବାଣୀକ୍ଷେତ୍ରର ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ବଜାୟ ରଖୁଛନ୍ତି ତେଣୁ ସେମାନେ ଧନ୍ୟବାଦର ପାତ୍ର । ସେଥିପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି ପିଲା ମାନଙ୍କୁ ଉତ୍ସାହିତ କରି ଆଶ୍ୱାସନା ଦେଇଥିଲେ । ମା' କୁତମଚଣ୍ଡି ପୂଜା କମିଟି କନିଷ୍ଠ କର୍ମକର୍ତ୍ତା ସୋନାଲି, ବିଶ୍ୱଜିତ, ସ୍ୱୟଂଜିତ, ସୁମନ, ଅବିନାଶ, ରୁପାଲି, ଆଦ୍ୟଜିତ, ରାଜଲକ୍ଷ୍ମୀ, ମୈତ୍ରି, ଅନ୍ୟାନ୍ୟ ଗ୍ରାମର ବହୁତ ଯୁବକ, ଯୁବତୀ ଏବଂ ଅଭିଭାବକ ମାନେ ଭାଗନେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଦୁର୍ଗାପୂଜାରେ ଉତ୍ସବମୁଖର ଭଦ୍ରକର ଗାଁ ଠୁ ସହର ସବୁଠି ସାଂସ୍କୃତିକ ଉତ୍ସବର ମାହାଲ

ଭଦ୍ରକ, ୨୨/୧୦ (ଆ.ପ୍ର) : ମାଁ ଦୁର୍ଗା ପୂଜା ପାଇଁ ଉତ୍ସବମୁଖର ହୋଇଛି ଭଦ୍ରକ ସହର ସବୁଠି ପୂଜା ପାଉଛନ୍ତି ମା' ଦୁର୍ଗା ।ଭଦ୍ରକର ମୁଖ୍ୟ ରାସ୍ତା କଚେରୀ ବଜାରରୁ ବାଇପାସ ପୁରାପୁରି ଆଲୋକ ମାଳାରେସଜ୍ଜା ହୋଇଛି ସବୁଠି ସାଂସ୍କୃତିକ କାର୍ଯ୍ୟକ୍ରମ ପୁରାତନ ପୂଜା ମଣ୍ଡପ ଗାନ୍ଧୀ ପଡିଆ ଠାରୁ ନୂତନ ମଣ୍ଡପ ବାଇପାସ ଦୁର୍ଗା ମଣ୍ଡପ ସବୁଠୁ ଆକର୍ଷଣୀୟ ହୋଇଛି ଛଭଦ୍ରକ ସହର ଓ ଏହାର ଆଖପାଖ ଅଂଚଳରେ ମୋଟ ୨୧ଟି ମଣ୍ଡପରେ ମାଁ ପୂଜା ପାଉଥିଲେ । ଭଦ୍ରକର ବାଉଦପୁର ଗ୍ରାମରେ ପାରମ୍ପରିକ ଦୁର୍ଗାପୂଜା ଏହି ପୂଜା ଆଜକୁ ୭୦ ବର୍ଷରୁ ଅଧିକ ଦିନ ହେଲା ପାଳିତ ହୋଇଆସୁଛି । ସହରର ଜାନୁଗଞ୍ଜ ଦୁର୍ଗାପୂଜା ଆଜକୁ ୧୦୦ ବର୍ଷର ପୂଜା ପରମ୍ପରାକୁ ନେଇ ପାଳିତ ହେଉଛି । ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ମନ୍ଦିରରେ ରୀତି ନୀତି ଅନୁଯାୟୀ ମାଁ ଦୁର୍ଗାଙ୍କ ପୂଜା ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଆସୁଛି । ଭଦ୍ରକର ଗାନ୍ଧୀ ପଡ଼ିଆ ଦୁର୍ଗାପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳିତ ହେଉଛି । ଏଠାରେ ଆଲୋକ ସଜ୍ଜା ବେଶ୍ ମନଲୋଭା ହୋଇଛି । ପ୍ରତିଦିନ ସନ୍ଧ୍ୟାରେ କମିଟି ପକ୍ଷରୁ ଆଇନଜୀବି ସୌମ୍ୟ ଦେ, ଖବରଦାତା ଦୁର୍ଗା ବିଶ୍ୱାଳ, ମିଳନ ସାହୁ ପ୍ରମୁଖ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ଶିକ୍ଷକ ଗୌତମ ସୁତାର ଙ୍କ ତତ୍ତ୍ୱାବଧାନ ରେ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତି ଯୋଗିତା ହୋଇଥିଲା । ଛସେହିପରି ବାଇପାସ୍ ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର,ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ ଛସେହିପରି ଗବସାହି ଦୁର୍ଗାପୂଜା କମିଟି, ଚରମ୍ପା ଦୁର୍ଗାପୂଜା କମିଟି, ଆରଡି ଛକ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କର ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।

ମା' ଭଗବତୀଙ୍କ ପୀଠରେ ରିଲିଜ୍ ହେଲା ଜୟ ମା' ଭଗବତୀ ସଂଗୀତ

ବାଣପୁର /ଚିଲିକା, ୨୨/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ମା' ଭଗବତୀଙ୍କ ପୀଠରେ ଭଗବତୀଙ୍କ ମହିମାକୁ ନେଇ ଆଧାରୀତ 'ଜୟ ମା' ଭଗବତୀ 'ଶୁଭାଙ୍ଗିନୀ କ୍ରିୟେସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗୀତକୁ ପବିତ୍ର ଦଶହରା ଦିନ ପ୍ରଯୋଜକ ଶ୍ରୀ ଗୋଲକ ବିହାରୀ ପରିଡା ଓ ଡଃ ପୁଷ୍ପାଞ୍ଜଳୀ ପାଇକରାୟ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ମୁଖ୍ୟଦ୍ୱାର ନିକଟରେ ଶ୍ରୋତାଙ୍କ ନିମନ୍ତେ ଗୀତ ରିଲିଜ କରିଛନ୍ତି । କବି ଦିଗମ୍ବର ବିଶ୍ୱାଳଙ୍କ ରଚିତ ଗୀତକୁ ଯୁବ ସଂଗୀତ ନିର୍ଦ୍ଦେଶକ ବସନ୍ତ ମିଶ୍ର ସଂଗୀତରେ ସଜାଇଥିବା ବେଳେ ଶୈଳଭାମା ମହାପାତ୍ର ଓ ଭାଗିରଥି ପାଇକରାୟ କଣ୍ଠଦାନ କରିଛନ୍ତି । ଏହାର ବ୍ୟବସ୍ଥାପନା ଦାୟିତ୍ୱରେ ଅଛନ୍ତି ନୀଳମାଧବ ପାଇକରାୟ । ଏହି ଗୀତରେ ମା'ଙ୍କର କିଛି ନୀତିକାନ୍ତି ଓ ଜାନିଯାତ୍ରାର ଭିଡ଼ିଓ ସହ ଗୀତଟି ସୁନ୍ଦର ଭାବେ ପରିବେଷଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଯୋଜକ ଗୋଲକ ବିହାରୀ ପରିଡା ଓ ଡ଼ଃ ପୁଷ୍ପାଞ୍ଜଳୀ ପାଇକରାୟ, ଗୀତିକାର ଦିଗମ୍ବର ବିଶ୍ୱାଳ, କଣ୍ଠଶିଳ୍ପୀ ଭାଗିରଥି ପାଇକରାୟ, ଆଇନଜୀବି ରବୀନ୍ଦ୍ରନାଥ ମାନସିଂହଙ୍କ ସମେତ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ମା'ଙ୍କ ଭଜନଟି ଶ୍ରୋତା ମହଲରେ ଭକ୍ତି ଭାବ ଜାଗ୍ରତ କରାଇବା ସହ ଅଦ୍ଭୁତ ଲାଭ କରିବ ବୋଲି ଉଭୟ ପ୍ରଯୋଜକ ଓ ଶୁଭାଙ୍ଗିନୀ କ୍ରିଏସନ ଆଶାପୋଷଣ କରିଛନ୍ତି ।

ଦ.ପୂ. ରେଳବାଇ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଖଡ଼ଗପୁରରେ ଡିଆରଏମ (ମେକାନିକାଲ) ଦ. ପୂ. ରେଳବାଇ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି । (୧) ଇ-ଟେଣ୍ଡର ନୋଟିସ ନମ୍ବର M_BGY_VZR_COACH_ CLNG_26R2 । କାର୍ଯ୍ୟର ନାମ ଏବଂ ଏହାର ସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ଫଳାଫଳ ଆଧାରରେ ତିନି ବର୍ଷ ପାଇଁ ବାଙ୍ଗିରିପୋସି (BGY) ଏବଂ ଭଞ୍ଜପୁର (VZR) ରେ କୋଚଗୁଡ଼ିକର ଭିତର ସଫା; ବିଜ୍ଞାପିତ ମୂଲ୍ୟ: ଟ. ୨୯,୯୬,୪୯୦.୪୮; ବୋଲକାର ଟଙ୍କା: ଟ. ୫୯,୯୦୦.୦୦। (୨) ଇ-ଟେଣ୍ଡର ନୋଟିସ ନମ୍ବର M_HLZ SL_CLNG_26_R2 । କାର୍ଯ୍ୟର ନାମ ଏବଂ ଏହାର ସ୍ଥାନର ସଂକ୍ଷିପ୍ତ ବର୍ଣ୍ଣନା: ହଳଦିଆ ଷ୍ଟେସନରେ କୋଚଗୁଡ଼ିକର ଯାନ୍ତ୍ରିକ ସଫା ଏବଂ ପାଣି ଦେବା, ଫଳାଫଳ ଆଧାରରେ ତିନି ବର୍ଷ ପାଇଁ ସିକ୍ ସାଇଡ୍, BH ଯାର୍ଡ଼ GM ଯାର୍ଡ଼, ହଳଦିଆରେ ସହାୟକ କାର୍ଯ୍ୟରେ ସଫା ଏବଂ ଯୋଗଦାନ; ବିଜ୍ଞାପିତ ମୂଲ୍ୟ: ଟ. ୪୫,୮୯,୦୮୦.୪୭; ଆୟକର ଟଙ୍କା: ଟ.୯୧,୮୦୦.୦୦; ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୦୯.୧୧.୨୦୨୬ ଦିନ ୧୫.୦୦ ଘଣ୍ଟା ସମୟରେ କ୍ର.ମ. ନମ୍ବର ୧ ଏବଂ ୨ ପାଇଁ । ବିଡ଼ିଂ ଆରମ୍ଭ ତାରିଖ: ୨୬.୧୦.୨୦୨୬ କ୍ର.ମ. ନମ୍ବର ୧ ଏବଂ ୨ ପାଇଁ । ୱେବସାଇଟ୍ ବିବରଣୀ ଏବଂ ବିବରଣୀ: www.ireps.gov.in (PR-917)

ଦଳରୁ ବହିଷ୍କୃତହେଲେ ବିଜେଡି ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା

ଭୋଗରାଇ, ୨୨/୧୦ (ଆ.ପ୍ର) : ବିଜୁ ଜନତା ଦଳର ଉପସଭାପତି ତଥା ଭୋଗରାଇ ବ୍ଲକ ହୁଗୁଳି ପଂଚାୟତର ପୂର୍ବତନ ସରପଂଚ ତପନ କୁମାର ପଣ୍ଡା ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଦଳ ପକ୍ଷରୁ ବହିଷ୍କୃତ ହୋଇଥିବାର ସୂଚନା ମିଳିଛି । ଏହି ଖବର ଭୋଗରାଇରେ ପ୍ରଚାର ହେବା ପରେ ବିଭିନ୍ନ ଦଳ ତରଫରୁ ପ୍ରତିକ୍ରିୟା ପ୍ରକାଶ ପାଉଛି । ଜଣେ ବରିଷ୍ଠ ନେତା ଦଳରୁ ବହିଷ୍କାର ପରେ ରାଜନୈତିକ ମହଲରେ ଚର୍ଚ୍ଚା ହୋଇ ଧରିଛି । ବହିଷ୍କୃତ ହୋଇଥିବା ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା ଏହି ଘଟଣାକୁ ହାସ୍ୟାସ୍ପଦ ବୋଲି କହିଥିବା ବେଳେ ମୋର ରାଜନୀତି ଭବିଷ୍ୟତ ବିଧାୟକ ନିର୍ଣ୍ଣୟ କରିନାହାନ୍ତି । ସେବା ନିମନ୍ତେ ଆଗକୁ ବଢ଼ିବି ବୋଲି ପ୍ରକାଶ ସେ କରିଛନ୍ତି । ତେବେ ବିଶେଷ ସୂତ୍ରରୁ ଜଣାପଡ଼ିଛି ଶ୍ରୀ ପଣ୍ଡା ବିଜେପିରେ ଯୋଗଦାନ କରିପାରନ୍ତି । ଏନେଇ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ପଚାରିବାରୁ, ଶ୍ରୀ ପଣ୍ଡା ଦୀର୍ଘ ଦିନ ଧରି ଦଳ ବିରୋଧୀ କାର୍ଯ୍ୟରେ ସାମିଲ ଥିବାରୁ ତାଙ୍କୁ ଦଳ ପକ୍ଷରୁ ବହିଷ୍କାର କରାଯାଇଥିବା ନେଇ ସେ ପ୍ରକାଶ କରିଥିଲେ ।

ମହାନବମୀରେ ରେମୁଣାରେ ନବମାତୃକା ପୂଜା: ୯ ମହୀୟସୀ ମହିଳା ମାତୃଶକ୍ତିର ପ୍ରତୀକ ଭାବେ ହେଲେ ସମ୍ବର୍ଦ୍ଧିତ

ବାଲେଶ୍ୱର, ୨୨/୧୦ (ଆ.ପ୍ର) : 'ମୋ ମାଆ ହିଁ ଦୁର୍ଗା ମାଆ'-ଏହି ମହତ୍ୱପୂର୍ଣ୍ଣ ବାର୍ତ୍ତାକୁ ଆଧାର କରି ରେମୁଣା ନବମାତୃକା ପୂଜା କମିଟି ପକ୍ଷରୁ ଆୟୋଜିତ ଦ୍ୱାଦଶତମ ଅଭିନବ ନବମାତୃକା ପୂଜା ମହାନବମୀ ତିଥିରେ ସ୍ଥାନୀୟ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ସମ୍ପନ୍ନ ହୋଇଯାଇଛି । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ନଅ ଜଣ ମହୀୟସୀ ମହିଳାଙ୍କୁ ମାତୃଶକ୍ତିର ପ୍ରତୀକ ଭାବେ ପୂଜାର୍ଚ୍ଚନା ଓ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଚଳିତବର୍ଷ ରେମୁଣା ନିର୍ବାଚନମଣ୍ଡଳୀର ୩୬ ନମ୍ବର ଜୋନ୍‌ରୁ ଏହି ନଅ ଜଣ ମହିଳାଙ୍କୁ ଚୟନ କରାଯାଇଥିଲା । କମିଟିର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହକୁ ରେମୁଣା ବ୍ଲକ୍ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିପିନ ମାରାଣ୍ଡି, ଅବସରପ୍ରାପ୍ତ ଅଧକ୍ଷା ଡ. କଳ୍ପନା ପଟ୍ଟନାୟକ, ରେମୁଣା କଲେଜର ଅଧ୍ୟାପିକା ଜୟନ୍ତୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅଭିମନ୍ୟୁ ଧଳ୍ପା, ଶିକ୍ଷାବିତ୍ ଡ. ଶ୍ୟାମସୁନ୍ଦର ପଣ୍ଡା, ଅନନ୍ତ ଚରଣ ପୋଥାଳ, ଯୋଗେନ୍ଦ୍ର ନାଥ ସିଂହ ଓ ଡ. ସମର ବଲ୍ଲଭ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ନାମସଂକୀର୍ତ୍ତନ, ଶଙ୍ଖଧ୍ୱନି, ହୁଳହୁଳି, ଘଂଟା, ଖୋଳ ଓ କରତାଳର ମଙ୍ଗଳମୟ ପରିବେଶ ମଧ୍ୟରେ ନଅ ଜଣ ମାଆଙ୍କୁ ମଣ୍ଡପକୁ ସ୍ୱାଗତ କରାଯାଇଥିଲା । କମିଟିର ସମ୍ପାଦକ ଶିଳ୍ପୀ କେଶୁ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବିଦ୍ୟାଶ୍ରୀ ସେନାପତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ବିକର୍ତ୍ତନ ନାୟକ, ସତ୍ୟଭାମା ମୁଦୁଲି, ସୂର୍ଯ୍ୟନାରାୟଣ ମହାରଣା, ହୀରାଲାଲ ପାଳକ ଓ ଜଗଦାନନ୍ଦ ଖଟୁଆ ମାତୃବନ୍ଦନା ଗାନ କରିଥିଲେ । ଏହି ଅଭିନବ ପୂଜାରେ ନଅଟି ଭିନ୍ନ ଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ମହିଳାଙ୍କୁ ନଅ ମାତୃସ୍ୱରୂପା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ-କାରିଗରୀ ମାଆ ବିଳାସିନୀ ମହୁରିଆ, ଯୋଗ ମାଆ ରଜନୀରାଣୀ ବେହେରା, ପ୍ରେରଣାଦାୟୀ ମାଆ ଅଞ୍ଜନା ଦେ, ସୁଗୃହିଣୀ ମାଆ ମାଗୁଣୀ ବେହେରା, କରୁଣାମୟୀ ମାଆ ନିଶାମଣି ଦାସ ମଙ୍ଗରାଜ, ପାଠ ମାଆ ସୁଲୋଚନା ଦାସ, ଆଧ୍ୟାତ୍ମିକ ମାଆ ସୁବାସିନୀ ପଣ୍ଡା, ପ୍ରକୃତି ମାଆ ନୟନା ସିଂହ ଓ ଚାଷୀ ମାଆ ସରସ୍ୱତୀ ମହାର୍ଣ୍ଣା । ପୂଜାବିଧି ଅନୁଯାୟୀ ଶିଳ୍ପୀ କେଶୁ ଦାସ ଓ କନକଲତା ଦାସ ମାଆମାନଙ୍କ ପାଦ ପ୍ରକ୍ଷାଳନ କରିଥିବା ବେଳେ ଅର୍ପିତା ଦାସ ଓ ଶୈଳବାଳା ବେହେରା ଅଙ୍ଗପ୍ରସାଧନ କରିଥିଲେ । ପ୍ରଭାକର ସାହୁ ଓ କୁମୁଦିନୀ ସାହୁ ମାଲ୍ୟାର୍ପଣ କରିଥିଲେ । ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ । ଗିରିଶ କୁମାର ଷଡ଼ଙ୍ଗୀ ଓ ସୁକାନ୍ତି ପାଣିଗ୍ରାହୀ ଅଳଙ୍କାର, ସୁନାମଣି ଜେନା ମିଷ୍ଟାନ୍ନ, ରାଧାରଞ୍ଜନ ଦାସ ଡାଲା, ବୃନ୍ଦାବନ ବେହେରା ଓ ମାନସୀରାଣୀ ବେହେରା ଫଳ, ପ୍ରଦୀପ ଗିରି ଓ ମିନତି ଗିରି ଉତରୀୟ ଏବଂ ମିନତୀ ଦାସ ଓ ସୀତାରାମ ଦାସ ଗୋପୀନାଥଙ୍କ ଅମୃତ କେଳି ଅର୍ପଣ କରିଥିଲେ । ରାଜେନ୍ଦ୍ର କୁମାର ରାଉତ ପ୍ରଣାମୀ ପ୍ରଦାନ କରିଥିଲେ । ଏହାପରେ ନଅ ଜଣ ମହିଳାଙ୍କ ଦ୍ୱାରା ସମୂହ ଆରତି କରାଯାଇଥିଲା । କମିଟିର ସଦସ୍ୟ ଜଳଧର ଦାସ, ଦୁଷ୍ମନ୍ତ ଦାସ, ବସନ୍ତ ପ୍ରଧାନ, ଗୋପବନ୍ଧୁ ଗିରି, ଡ. ରତ୍ନାକର ସିଂହ, ମଧୁସୂଦନ ମାଝୀ ଓ ଦିବ୍ୟଲୋଚନ ମହାପାତ୍ର ପ୍ରମୁଖ ବୃକ୍ଷ, ଶ୍ରୀଫଳ, ପନିପରିବା, ପୁସ୍ତକ, ବିଛଣା ଚାଦର ଓ ଉପଢୌକନ ଆଦି ଉପହାର ନୈବେଦ୍ୟ ସ୍ୱରୂପ ପ୍ରଦାନ କରିଥିଲେ । କମିଟିର ଷାଲିନ ମିଶ୍ର, ବାସନ୍ତୀ ଦାସ ଓ ଅସିତ ଦାସ ମଙ୍ଗରାଜ ମାନପତ୍ର ପାଠ କରିଥିଲେ । ସମାରୋହରେ ସତ୍ୟନାରାୟଣ ପାଳକ, ବିଶ୍ୱଜିତ ଘୋଷ, ଗୌରାଙ୍ଗ ପଢ଼ିଆରୀ, ଶିରୀଷ ଷଡ଼ଙ୍ଗୀ, ଅବନୀକାନ୍ତ ପ୍ରଧାନ, ଇଂ. ବି. ସୌମ୍ୟ ସୌମିତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ । ଶେଷରେ ଗିରିଶ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ପାରମ୍ପରିକ ଦେବୀ ଉପାସନା ସହ ସମାଜ ଗଠନରେ ମହିଳାଙ୍କ ବହୁମୁଖୀ ଅବଦାନକୁ ସମ୍ମାନ ଜଣାଇବାର ଏହି ଅଭିନବ ପ୍ରୟାସ ନବମାତୃକା ପୂଜାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

ହିନ୍ଦୁତ୍ୱର ବାର୍ତ୍ତା ନେଇ ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ବିଜୟା ଦଶମୀ ଉତ୍ସବ ଅନୁଷ୍ଠିତ

ଭୋଗରାଇ, ୨୨/୧୦ (ଆ.ପ୍ର) : ପବିତ୍ର ବିଜୟା ଦଶମୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ହିନ୍ଦୁତ୍ୱର ବାର୍ତ୍ତା ଘରେ ଘରେ ପହଂଚାଇବା ପାଇଁ ଅଖଣ୍ଡ ଭାରତ ହିନ୍ଦୁ ମହାସଭା ପକ୍ଷରୁ ପବିତ୍ର ବିଜୟା ଦଶମୀ ଉପଲକ୍ଷେ ବିଜୟା ରଥରେ ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ମୂର୍ତ୍ତି ସହିତ ବାଇକ ରାଲି ଅନୁଷ୍ଠିତ ହୋଇ ଯାଇଛି । ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ଜିଲ୍ଲା ସଭାପତି ସୁବୋଧ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ଓଡ଼ିଶା ପ୍ରଦେଶ ସଭାପତି କୌଶିକ ଚାନ୍ଦ ରଥର ସାରଥୀ ହୋଇ ସମଗ୍ର ଦକ୍ଷିଣ ଭୋଗରାଇ ଅଂଚଳ ପରିକ୍ରମା କରିଥିଲେ ।ରଥ ପରିକ୍ରମା ସାରି ଭୋଗରାଇର କେନ୍ଦ୍ରସ୍ଥଳ ଥାନାଛକ ସ୍ଥିତ ହେଲିପେଡ ପଡ଼ିଆରେ ପହଂଚିବା ପରେ ସେଠାରେ କୁଆଁରୀ କନ୍ୟା ପୂଜନ, ଶସ୍ତ୍ର ପୂଜନ ସହିତ ଖୋର୍ଦ୍ଧାର ପାଇକ ବୀରପୁତ୍ରମାନେ ପାଇକ ଆଖଡ଼ାର ରଣକୌଶଳ ପ୍ରଦର୍ଶନ କରିଥିଲେ । ସନାତନୀ ହିନ୍ଦୁ ଆଜି ବିପଦଗାମୀ ହେଉ ଥିବାରୁ ଅଖଣ୍ଡ ଭାରତ ହିନ୍ଦୁ ମହାସଭା ସଂକଳ୍ପବଦ୍ଧ ହୋଇ ହିନ୍ଦୁତ୍ୱର ବାର୍ତ୍ତା ଘରେ ଘରେ ପହଂଚାଇ ସନାତନୀ ହିନ୍ଦୁ ମାନଙ୍କୁ ଜାଗରଣ କରିବା ପାଇଁ ଏହାଏକ ଅଭିନବ ପ୍ରୟାସ ବୋଲି ଜିଲ୍ଲା ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ଯୋଗଦେବା ସହିତ ଉଦବୋଧନ ଦେଇ କହିଥିଲେ, କନ୍ୟା ରତ୍ନ ଅମୂଲ୍ୟ ସମ୍ପଦ, ତେଣୁ ପ୍ରତ୍ୟେକ ମାଆମାନେ କନ୍ୟା ସନ୍ତାନର ଯତ୍ନ ନେବା ଆବଶ୍ୟକ । କନ୍ୟା ପୂଜନ, ଶସ୍ତ୍ର ପୂଜନ ଆମ ହିନ୍ଦୁ ମାନଙ୍କର ସଂସ୍କୃତି ଓ ପରମ୍ପରା । ଅଖଣ୍ଡ ଭାରତ ଏହି ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଥିବାରୁ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ମହାନ୍ତି ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ପ୍ରଦେଶ ସଭାପତି ଶ୍ରୀଚାନ୍ଦଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଉକ୍ତ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ଲାଇଫ ଲାଇନ ଡାଇଗ୍ନୋଷ୍ଟିକ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ଚାନ୍ଦ, ବିଶିଷ୍ଟ ସମାଜସେବୀ ଅଂଶୁମାନ ମହାନ୍ତି, ସଞ୍ଜୀବ କୁମାର ସାହୁ, ସୁନୀଲ କର, ଅମଳେନ୍ଦୁ ଶେଖର ଦାସ, ଅଖଣ୍ଡ ଭାରତ ହିନ୍ଦୁ ମହାସଭାର କଖଡ଼ା ମଣ୍ଡଳ ସଭାପତି ସୁନୀଲ କୁମାର କର, ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା କୃପାସିନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ବ୍ଲକ ସଭାପତି ଭଗବାନ ଚନ୍ଦ୍ର ବେହେରା, ପ୍ରିୟବ୍ରତ ପ୍ରଧାନ, ଜିଲ୍ଲା ସଂଯୋଜକ ଦିନେଶ ରଣା, ୩୧ ନମ୍ବର ଜୋନ୍ ସଭାପତି ଗୌତମ ଜେନା ପ୍ରମୁଖଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

ଦଶହରା ଉପଲକ୍ଷେ ସିଂଲା ଥାନାରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୨୨/୧୦ (ଆ.ପ୍ର) :ମା ଦୁର୍ଗାଙ୍କର ଦଶହରା ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ସିଂଲା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଲିକ ଏବଂ ତାଙ୍କ ସହ ଧର୍ମିଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟକ୍ରମ ରୀତି ନୀତି ଅନୁଯାଇ ଅନୁଷ୍ଠିତ ହୋଇଯାଇଛି । ସକାଳ ଠାରୁ ଦ୍ୱି ପ୍ରହର ପର୍ଯ୍ୟନ୍ତ ମା ଦୁର୍ଗାଙ୍କର ପୂଜା ବିଧିପୂର୍ବକ ଗୀତା ପାଠ ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂଜା ପରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ଥାନାରେ ସମସ୍ତ କର୍ମଚାରୀ ଶାନ୍ତି ଶୃଙ୍ଖଳା ତଥା ନିରଗ ରହିବା ସହ ଆଖପାଖ ଅଂଚଳରେ ମା ଙ୍କର କୃପା ଦୃଷ୍ଟି ସଦାସର୍ବଦା ରହିଥାଉ ବୋଲି ମତବ୍ୟକ୍ତ କରିଥିଲେ ଥାନା ଅଧିକାରୀ ଶ୍ରୀ ମହାଲିକ । ଏଥିରେ ଉକ୍ତ ଥାନାର ଏସ ଆଇ ତପନ କୁମାର ଜେନା, କସ୍ତୁରୀ ରଞ୍ଜନ ସାହୁ, ଏ ଏସ ଆଇ ପବିତ୍ର ମୋହନ ରାଉତ, ରାକେଶ କୁମାର ମହାପାତ୍ର, ଚନ୍ଦ୍ର ସୋରେନ, ବବି ମିଶ୍ର, କନେଷ୍ଟବଳ ମଧୁ ବାସ୍କେ, ଛବି ହାଁସଦା, ରାମ ସୋରେନ, ଉଦ୍ଧବ ଚାମ୍ପିଆ, ଜେସାଇ ଟୁଡୁ,ଗଣେଶ ମୁର୍ମୁ, ସନ୍ତୋଷ କୁମାର ପ୍ରଧାନ, ରବିନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

ମାଟ୍ରିକ ବ୍ୟାଚର ବିଦ୍ୟାର୍ଥୀଙ୍କ ଗୁରୁ ପୂଜନ ସହିତ ବନ୍ଧୁ ମିଳନ

ଭୋଗରାଇ, ୨୨/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ଦେହୁରଦା ପଂଚାୟତ ବହ୍ଲାରପୁର ଶ୍ରୀକାନ୍ତ ମୋହନ୍ଦା ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମାଟ୍ରିକ ବ୍ୟାଚର ବିଦ୍ୟାର୍ଥୀଙ୍କ ବନ୍ଧୁ ମିଳନ ସହିତ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଲ୍ଲୀପ ପାତ୍ର, ପ୍ରାକ୍ତନ ଶିକ୍ଷକ ହିମାଂଶୁ ଶେଖର ମିଶ୍ର, ଜଗନ୍ନାଥ ବେଜ, କୁଞ୍ଜବିହାରୀ ଆଧେକ, ରାଧାଶ୍ୟାମ ପାତ୍ର, ଖେଳ ଶିକ୍ଷକ ଜୟନ୍ତ ପଣ୍ଡା, ଅଣଶିକ୍ଷକ କର୍ମଚାରୀ ଅନନ୍ତ ବେଜ, ଅନନ୍ତ ମହାନ୍ତି, ହେମନ୍ତ ବେହେରା, ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ଅରୁଣ ସେନାପତି, ଶିକ୍ଷୟିତ୍ରୀ ସ୍ୱାଗତିକା ଦାସ, ସାଧନା ଜେନା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ତାପରେ ୨୦୦୬ ମସିହା ମାଟ୍ରିକ ବ୍ୟାଚର ବିଦ୍ୟାର୍ଥୀମାନେ ପ୍ରାକ୍ତନ ଶିକ୍ଷକ ମାନଙ୍କୁ ଫୁଲ ଚନ୍ଦନ ଉପଢୌକନ ଓ ଗଛ ଦେଇ ପୂଜାର୍ଚ୍ଚନା କରିଥିଲେ । ପ୍ରାକ୍ତନ ଛାତ୍ର ଆଶିଷ କୁମାର ତୋଳା ମଞ୍ଚ ଆହ୍ୱାନ ଓ ପ୍ରାକ୍ତନ ଛାତ୍ର ସତ୍ୟଜିତ ମଣ୍ଡଳ ଅତିଥି ପରିଚୟ ଦେଇଥିଲେ । ଶେଷରେ ପ୍ରାକ୍ତନ ଛାତ୍ର ଅରବିନ୍ଦ ଦତ ଧନ୍ୟବାଦ ପ୍ରଦାନ କରିଥିଲେ । ସତ୍ୟଜିତ ମଣ୍ଡଳ, ରଞ୍ଜିତ ଦାସ, ଗୌତମ ଦାସ, ଅଭିନନ୍ଦନ ଦାସ, ରାଜେନ୍ଦ୍ର ମଣ୍ଡଳ, ଦେବ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ସୁଜିତ ଦେ, ଗୋବିନ୍ଦ ବେହେରା, ଚିନ୍ମୟ ଦାସ, ଉମାରାଣୀ ଗିରି, ସୋନାଲି ଚକ୍ରବର୍ତୀ, ଅମିତା ପ୍ରାମାଣିକ, ସସ୍ମିତା ଦାସ, ଜୟନ୍ତୀ ପଣ୍ଡା, ପୁଷ୍ପଲତା ବେହେରା, ମମତା ପାଳ, ମଧୁମିତା ପାଳ, ପୁଷ୍ପାରାଣୀ ଗିରି, ସୁମିତା ରାଣୀ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ନୀଳଗିରିରେ ୪୨ତମ ରାବଣ ପୋଡ଼ି ଉତ୍ସବ ଜନସମୁଦ୍ର ପାଳଟିଲା ଅସତ୍ୟ ଉପରେ ସତ୍ୟର ବିଜୟ

ନୀଳଗିରି, ୨୨/୧୦ (ଆ.ପ୍ର) : ବିଜୟା ଦଶମୀ ଅବସରରେ ନୀଳଗିରି ଥାନା ପଡିଆ ପରିସରରେ ୪୨ତମ ରାବଣ ପୋଡ଼ି ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ରାବଣ ପୋଡ଼ି ଉତ୍ସବ ପାଲଟିଥିଲା ଜନସମୁଦ୍ର । ପ୍ରାୟ ୩-୪ ଘଂଟା ଧରି ଉପସ୍ଥିତ ଜନତା ଏହି ଉତ୍ସବକୁ ଉପଭୋଗ କରିଥିଲେ । ଦୀର୍ଘ ବର୍ଷ ଧରି ନୀଳଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟ ଏହି ଉତ୍ସବ କରି ଆସୁଥିବା ବେଳେ, ଗତବର୍ଷ ତାଙ୍କର ଦେହାନ୍ତ ହୋଇଥିଲା । ବାପାଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ତାଙ୍କ ସୁ-ପୁତ୍ର ଦିବ୍ୟଜ୍ୟୋତି ଆଚାର୍ଯ୍ୟ ନୀଳଗିରିବାସୀଙ୍କ ସହଯୋଗ ଲୋଡ଼ିଥିଲେ । ଶେଷରେ ନୀଳଗିରିର ଉଦୀୟମାନ ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ଚଳିତ ବର୍ଷ ଧୁମଧାମରେ ଏହି ଉତ୍ସବ ପାଳନ କରିଛନ୍ତି । ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ମଂଚାସୀନ ରହି କହିଥିଲେ, ଦୀର୍ଘ ୪୧ ବର୍ଷ ଧରି ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟ ଏହି ଉତ୍ସବ ପାଳନ କରି ଆସୁଥିବା ବେଳେ ତାଙ୍କ ସୁପୁତ୍ର ସମସ୍ତଙ୍କ ସହଯୋଗରେ ଚିତାକର୍ଷକ ଭାବେ ଏହି ଉତ୍ସବ ପାଳନ କରୁଥିବାରୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି । ଆଜିର ସମାଜରେ ଅନେକ ରାବଣ ରୂପୀ ମଣିଷ ରହିଥିବା ବେଳେ ନିଜକୁ ରାମ ବୋଲାଉଥିବା କୁଚକ୍ରୀମାନେ ଠିକ୍ ଏହି ରାବଣ ଭଳି ପୋଡ଼ି ହୋଇ ପାଉଁଶ ହୋଇଯିବେ ବୋଲି ସେ ପ୍ରକାଶ କରିବା ସହ ଯେତେଦିନ ପର୍ଯ୍ୟନ୍ତ ଏହି ଉତ୍ସବ ହେଉ ଥିବ ସେତେଦିନ ପର୍ଯ୍ୟନ୍ତ ସାଥିରେ ରହିବେ ବୋଲି କହିଥିଲେ । ସେହିପରି ମୁଖ୍ୟ ଅତିଥି ଭାବେ ପୂର୍ବତନ ଅବସର ପ୍ରାପ୍ତ ଜିଲ୍ଲାପାଳ ତଥା ନୀଳଗିରି ମାଟିର ଯୋଗ୍ୟ ସନ୍ତାନ ସରୋଜ କୁମାର ସେଠୀ ମଂଚାସୀନ ରହି ଏଭଳି ଉତ୍ସବକୁ ଭୂୟସୀ ପ୍ରଶଂସା କରିବା ସହ ସବୁଦିନ ମୋର ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ । କମିଟିର ସମ୍ପାଦକ ଉଦୟ ଜ୍ୟୋତି ମହାନ୍ତି, ସଦସ୍ୟ ସଦାଶିବ ରଥ, ରଶ୍ମିରଞ୍ଜନ ରାଉତ, ବିଶ୍ୱନାଥ ଦାସ ଓ ସଭାପତି ଦିବ୍ୟଜ୍ୟୋତି ଆଚାର୍ଯ୍ୟ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଶ୍ୱନାଥ ଦାସ ନିଜ ଅଭିଭାଷଣରେ କହିଥିଲେ, ଏହି ୪୨ତମ ରାବଣ ପୋଡ଼ି ଉତ୍ସବକୁ ଭଣ୍ଡୁର କରିବା ପାଇଁ ବିରୋଧୀ ଗୋଷ୍ଠୀ ସମସ୍ତ ରଣକୌଶଳ ପ୍ରୟୋଗ କରୁଥିଲେ ମଧ୍ୟ ତାହା ବିଫଳ ହୋଇଛି । ପରେ ମୁଖ୍ୟ ଅତିଥି ସରୋଜ କୁମାର ସେଠୀ ରାବଣ ଦେହରେ ଅଗ୍ନି ସଂଯୋଗ କରି ରାବଣ ବଧ କରିଥିଲେ । ଆତସବାଜି ଶବ୍ଦରେ ଥାନା ପଡିଆ ଥରି ଉଠିଥିଲା । ପାଖାପାଖି ୨୫ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇ ଥିବା ଦେଖିବାକୁ ମିଳିଛି ।

ବାଲେଶ୍ୱରରେ ଅନୁଷ୍ଠିତ ହେଲା ବିରାଟ ରାବଣପୋଡ଼ି ସମାରୋହ

ସମାଜକୁ ନିଶାମୁକ୍ତ କରିବା ସହ ସାଇବର ଠକେଇରୁ ସତର୍କ ରହିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ବାଲେଶ୍ୱର, ୨୨/୧୦ (ଆ.ପ୍ର) : ବାଲେଶ୍ୱର ରାବଣପୋଡ଼ି କମିଟି ପକ୍ଷରୁ ସହରର ଆଇଟିଆଇ ପଡ଼ିଆରେ ୨୭ତମ ବିରାଟ ରାବଣପୋଡ଼ି ସମାରୋହ ମହାନବମୀ ସନ୍ଧ୍ୟାରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଆକାଶଛତା ଓ ଆକର୍ଷଣୀୟ ଆତସବାଜିର ରଙ୍ଗୀନ ପ୍ରଦର୍ଶନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟନାଟିକା 'ସୀତା ହରଣ' ଓ 'ରାବଣ ଯୁଦ୍ଧ' ଉତ୍ସବର ଆକର୍ଷଣ ବଢ଼ାଇଥିଲା । ଏହି ଅବସରରେ ନିଶା ରାକ୍ଷସ ଓ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣପୋଡ଼ି ଉତ୍ସବର ଉଦ୍‌ଘାଟନ କରିଥିଲେ । ସମାଜକୁ ନିଶାମୁକ୍ତ କରିବା ସହ ସାଇବର ଠକେଇରୁ ସତର୍କ ରହିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ସମାରୋହରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲ୍ଲାପାଳ ଶିବ ମାଲ୍ୟାବ୍, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ, ପୌରାଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ରାବଣପୋଡ଼ି କମିଟିର ଉପଦେଷ୍ଟା ହରେକୃଷ୍ଣ ଦାଶ ଓ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାରଦୀୟ ଦୁର୍ଗାପୂଜାର ଶୁଭେଚ୍ଛା ଜଣାଇଥିଲେ । କମିଟିର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ସଭାପତିତ୍ୱ କରିବା ସହ ରାବଣପୋଡ଼ି ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସାଧାରଣ ସମ୍ପାଦକ କିଶୋର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ଭାଗବତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ଉତ୍କଳ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ସ୍କୁଲଶ୍ରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧକ୍ଷ ଡ. ଘନଶ୍ୟାମ ବିଶ୍ୱାଳ, ଶିକ୍ଷାବିତ୍ ତଥା ଜଗନ୍ନାଥ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ଗଙ୍ଗାଧର ଜେନା, ସମାଜସେବୀ ସୁମନ୍ତ କୁମାର ଜେନା ଏବଂ ମା' ବୁଢ଼ୀ ବାଣ୍ଟୁଳୀ ଡାନ୍ସ ଗ୍ରୁପ୍‌କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ରାବଣପୋଡ଼ି କମିଟିର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ସ୍ମୃତିରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଆକାଶଛତା ପ୍ରଦର୍ଶନ, ବିଭିନ୍ନ ପ୍ରକାର ଆତସବାଜି ଏବଂ ସାଂସ୍କୃତିକ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କମିଟିର ସମ୍ପାଦକ ଚିତରଞ୍ଜନ ପଣ୍ଡା, ସତ୍ୟଶିବ ସୁନ୍ଦର ଦାଶ, ରାମନାରାୟଣ ଶତପଥୀ, ଯୁଗ୍ମ ସମ୍ପାଦିକା ରଞ୍ଜିତା ମହାପାତ୍ର, କୋଷାଧକ୍ଷ ଜ୍ୟୋତିରାଦିତ୍ୟ ମହାନ୍ତି, ଦିବ୍ୟଜ୍ୟୋତି ମହାନ୍ତି, 'ଅଜିକାଲି' ସମ୍ପାଦକ ନିର୍ମାଲ୍ୟ ମହାନ୍ତିଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟା ରାଧାକୃଷ୍ଣ ଦାସ, ଶୁଭେନ୍ଦୁ ପଟ୍ଟନାୟକ, ସନ୍ଧ୍ୟାରାଣୀ ଭୂୟାଁ, ମିନତୀ ସେଠୀ, ଛବିରାଣୀ ମନ୍ତ୍ରୀ, ରୋଜି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସାହାରା ବୃଦ୍ଧାଶ୍ରମରେ ରୋଟାରୀ କ୍ଲବ ବାଲେଶ୍ୱର ସେଂଟ୍ରାଲ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଂଟନ

ବାଲେଶ୍ୱର, ୨୨/୧୦ (ଆ.ପ୍ର) : ସଦର ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗୀ ପଂଚାୟତର ନିଧିପଣ୍ଡା ଛକରେ ଥିବା ସାହାରା ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ଗୁରୁବାର ପୂର୍ବାହ୍ନ ରେ ରୋଟାରୀ କ୍ଲବ ବାଲେଶ୍ୱର ସେଂଟ୍ରାଲ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଏକ ମାସର ଗ୍ରୋସରୀ ସାମଗ୍ରୀ ପ୍ରଦାନ କରାଯାଇଛି । କ୍ଲବର ସଭାପତି ଗୌରହରି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁଦର୍ଶନ ଦାସ, ପୂର୍ବତନ ସଭାପତି ଜୟନ୍ତ କୁମାର ରଣା କ୍ଲବର ସଦସ୍ୟ ସାମିତ ମହାନ୍ତି, ସପନ କୁମାର ବେହେରା ଗୋକୁଳ କୃଷ୍ଣ ବେହେରା, ଅମ୍ରିତ ମହାପାତ୍ର, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ କଥାବାର୍ତ୍ତା କରିଥିଲେ । ସାହାରା ବୃଦ୍ଧାଶ୍ରମର ପ୍ରତିଷ୍ଠାତା ତଥା କ୍ଲବର ସଦସ୍ୟ ରାଜୀବ କୁମାର ଦାସ ଓ କର୍ମଚାରୀ ମାନେ ଖାଦ୍ୟ ବଂଟନ ବେଳେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଉଦ୍‌ଘାଟିତ ହେଲା ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାର ନୀଳଗିରି ଶାଖା

ନୀଳଗିରି, ୨୨/୧୦ (ଆ.ପ୍ର) : ରାଜନୈତିକ ସ୍ତରରେ ହେଉ କିମ୍ବା ପ୍ରଶାସନିକ ସ୍ତରରେ ଅଥବା ଅସାମାଜିକ ବ୍ୟକ୍ତିଙ୍କ ଚକ୍ରବ୍ୟୁହରେ ପେଶିହୋଇ ଶୋଷିତ, ଲାଞ୍ଛିତ, ନିର୍ଯାତିତ ଭଳି ସମସ୍ୟାକୁ ନେଇ ନିଜକୁ ଅସହାୟ ମନେକରୁଥିବା ଯେକୌଣସି ବ୍ୟକ୍ତି ୨୪ଘଂଟା ମଧ୍ୟରେ ତ୍ୱରିତ ନ୍ୟାୟସହିତ ସମାଧାନର ପନ୍ଥା ଏବେ ହାତ ପାଆନ୍ତାରେ ।ମାନବାଧିକାର ନ୍ୟାୟପ୍ରଦାନ ପାଇଁ ଭାରତସରକାର ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜାତୀୟ ଏବଂ ଅନ୍ତର୍ଜାତୀୟ ମାନବାଧିକାରର ଏକ ନୂତନ ଶାଖାକାର୍ଯ୍ୟାଳୟ ନୀଳଗିରି ହସ୍ପିଟାଲ ରୋଡ ଗଣେଶ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ଆନୁଷ୍ଠାନିକ ଉଦ୍ଘାଟିତ ହୋଇଯାଇଛି । ନୀଳଗିରି ସହରର ସାନଅଡା ନିବାସୀ ଯୁବ ସାମାଜିକକର୍ମୀ ଓମପ୍ରକାଶ ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନ୍ୟାୟିକ ପ୍ରତିଷ୍ଠାନକୁ ଓମ୍ ପ୍ରକାଶଙ୍କ ପିତା ସଞ୍ଜୟ କୁମାର ଜେନା ଏବଂ ମାତା ଭାରତୀପ୍ରଭା ବିଶ୍ୱାଳଙ୍କ କରକମଳରେ ଶୁଭଉଦ୍ଘାଟନ ହୋଇଯାଇଛି । ପିତାମାତାଙ୍କ ଆଶୀର୍ବାଦରୁ ମାତ୍ର ୧୯ବର୍ଷ ବୟସରେ ଭାରତବର୍ଷର ଶହଶହ ଯୁବକମାନଙ୍କୁ ପଛରେ ପକାଇ ନିଜର ଓଜସ୍ୱିନୀ ଭାଷଣ ଏବଂ ତୀକ୍ଷ୍ଣ ବୁଦ୍ଧିମତା ବଳରେ ଏହି ସୋପାନରେ ଉତୀର୍ଣ୍ଣହୋଇ ଓଡିଶାଗୌରବ ଅର୍ଜନକରିବା ସହିତ ଅନ୍ତର୍ଜାତୀୟ ମାନବାଧିକାର ଓଡ଼ିଶା ଶାଖାର ଉପସଭାପତି ଭଳି ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି । ସ୍ୱଚ୍ଛ କର୍ମମୟ ଜୀବନ ମଧ୍ୟରେ ସମାଜର ଅବହେଳିତ ଶ୍ରେଣୀର ଯଥା ପିତୃମାତୃହୀନ, ବେସାହାରା ବୃଦ୍ଧବୃଦ୍ଧା, ଅହରହ ଦୁର୍ଗତି ମଧ୍ୟରେ ରହିଥିବା ମଣିଷମାନଙ୍କୁ ନ୍ୟାୟପ୍ରଦାନ କରିବାରେ ତାଙ୍କର ନିଷ୍ଠାପର ଉଦ୍ୟମ ତାଙ୍କୁ ଏହି ସୋପାନରେ ପହଂଚାଇଛି । ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଏଭଳି ସେବାସଂସ୍ଥାକୁ ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
– ବୁଦ୍ଧଦେବ

ସମ୍ପାଦକୀୟ...

ଆଦର୍ଶର ସଂଜ୍ଞା

ଆଧୁନିକ ଯୁଗରେ ପିତା ମାତାଙ୍କ ନିକଟରେ ଆଦର୍ଶର ସଂଜ୍ଞା ମଧ୍ୟ ପରିବର୍ତ୍ତନ ହୋଇଯାଇଛି । ଅଧିକାଂଶ ଅଭିଭାବକ ଭାବୁଛନ୍ତି ତାଙ୍କର ସନ୍ତାନ ଉଚ୍ଚଶିକ୍ଷା ଲାଭକରି, ଉଚ୍ଚ ବେତନ ପାଇ, ପାଶ୍ଚାତ୍ୟ ଶୈଳୀରେ ଜୀବନ ନିର୍ବାହ କରିଲେ ସେ ଆଦର୍ଶରେ ଗଣ୍ୟ । ସମାଜରେ ଏହି ଶ୍ରେଣୀୟ ଆଦର୍ଶ ବ୍ୟକ୍ତିତ୍ୱ ମାନେ ସେମାନଙ୍କର ଅହଂକାରୀ ଏବଂ ସ୍ୱାର୍ଥପର ମନୋଭାବରୁ ସାଧାରଣ ଲୋକଙ୍କ ଶ୍ରଦ୍ଧା ଭାଜନ ହୋଇ ପାରନ୍ତି ନାହିଁ । ପିତା ମାତା ମାନେ ମଧ୍ୟ ଏହି ଆଦର୍ଶ ସନ୍ତାନମାନଙ୍କର, ସେମାନଙ୍କ ପ୍ରତି ପ୍ରଦର୍ଶିତ ହେୟ ଆଚରଣରେ ଅସହାୟ । ଚୋର ମାଆ ଚୁପି ଚୁପି କାନ୍ଦିବା ଅବସ୍ଥା । ସୁବର୍ଣ୍ଣ ନିର୍ମିତ ପକ୍ଷୀଟିକୁ ସୁନା ପଂଜୁରୀରେ ରଖିଦେଲେ, ତାହା କେବଳ ଦର୍ଶନ ସୁଖ ପ୍ରଦାନ କରିପାରେ, ମାତ୍ର ତାର ସୁମଧୁର କାକଳୀ କେବେବି ଆମ କର୍ଣ୍ଣ ଗୋଚର ହେବ ନାହିଁ । ତେଣୁ ପ୍ରକୃତ ପକ୍ଷରେ ଜଣେ ନମ୍ର, ଉଦାର, ନିସ୍ୱାର୍ଥପର, ଏବଂ ସର୍ବୋପରି ଆଧ୍ୟାତ୍ମିକ ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ସମାଜରେ ଆଦର୍ଶ ବ୍ୟକ୍ତି ରୂପେ ପରିଗଣିତ । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା ଏବଂ ଆତ୍ମ କୈନ୍ଦ୍ରିକ ମାନସିକତା, ଏହି ଆଦର୍ଶ ପଥର ପଥିକ ହେବାପାଇଁ ଅନେକାଂଶରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ନକରାତ୍ମକ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଗୋଟିଏ ପିଲାକୁ ଆଦର୍ଶ ରୂପେ ଗଢିବା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ କିନ୍ତୁ ସଂପୂର୍ଣ୍ଣ ଅସମ୍ଭବ ନୁହେଁ । ସର୍ବାଗ୍ରେ ମାତା ମାନଙ୍କର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁ ମନସ୍ତତ୍ୱବିଦ୍ ମାନଙ୍କ ମତରେ, ଧମକପୂର୍ଣ୍ଣ ଶାସନ ଅପେକ୍ଷା ଶ୍ରଦ୍ଧାଜଡିତ ଶାସନ ପିଲାଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବା ପାଇଁ ଅଧିକ ଶକ୍ତିଶାଳୀ ମାର୍ଗ, ଯାହାକି ମାଆ ମାନଙ୍କର ଈଶ୍ୱର ଦତ୍ତ ଗୁଣ । କିନ୍ତୁ ମାଆ ମାନେ କେତେ ପରିମାଣରେ ଶ୍ରଦ୍ଧା କରିବା ଉଚିତ୍ ତାହାର ମଧ୍ୟ ସୀମାରେଖା ନିର୍ଦ୍ଦିଷ୍ଟ । ନଚେତ୍ ଅବାଞ୍ଛିତ ଶ୍ରଦ୍ଧା ପିଲାଙ୍କୁ ଏକଜିଦିଆରେ ପରିଣତ କରାଇବା ଅସମ୍ଭବ ନୁହେଁ । ଅନେକ ମାଆଙ୍କର ଗୋଟିଏ ସାଧାରଣ ଅଭିଯୋଗ, ଆମ ପିଲା ଦୁଷ୍ଟ, ଆଉ ଅମାନିଆ । କିନ୍ତୁ ଏ ଗୁଣ ଗୁଡିକତ ପିଲାଙ୍କର ସହଜାତ । ସେମାନଙ୍କର ଦୁଷ୍ଟାମୀରୁ ଶିକ୍ଷା ପ୍ରଦାନ, ଜିଦ୍‌କୁ ସତ୍ ମାର୍ଗରେ ପରିଚାଳନା ଏବଂ ଅମାନିଆଙ୍କୁ ମନେଇବାର କୌଶଳ ମାଆ ମାନଙ୍କର ଦକ୍ଷତା ଉପରେ ନିର୍ଭର କରେ । ଇତିହାସ କହେ ବହୁ ମହାମାନବଙ୍କ ସଫଳତାର ପଶ୍ଚାତ୍ ଭାଗରେ ସେମାନଙ୍କ ମାତା ମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ମାଆ ସନ୍ତାନ ମାନଙ୍କୁ ଆଦର୍ଶ ରୂପେ ଗଢିବା ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳ ସମ୍ବନ୍ଧରେ ଅଜ୍ଞ । ସର୍ବପ୍ରଥମେ ଏଥିପାଇଁ ମାଆ ମାନଙ୍କର ଅସୀମ ଧୈର୍ଯ୍ୟ ଦରକାର ଏବଂ ବ୍ୟକ୍ତିଗତ ସୁଖ ସ୍ୱାଛନ୍ଦକୁ କିୟଦାଂଶରେ ତ୍ୟାଗ କରିବା ଦରକାର । ଚପଳମତି ଶିଶୁର ବିକ୍ଷିପ୍ତ ମାନସିକତାକୁ ଆୟତ କରିବା ନିମନ୍ତେ ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ ଏକାନ୍ତ ଆବଶ୍ୟକ, ଯାହାକି ଅସୀମ ଧୈର୍ଯ୍ୟ ବିନା ସମ୍ଭବ ନୁହେଁ । ମାଆମାନେ ନିଜର ମନୋରଂଜନ ପାଇଁ ଟିଭି ମୋବାଇଲ୍ ର ବ୍ୟବହାର, ରନ୍ଧନ କାର୍ଯ୍ୟରେ ଅତ୍ୟଧିକ ସମୟ ବିନିଯୋଗ ତଥା ପଡୋଶୀ ମାନଙ୍କ ସହିତ ଅଦରକାରୀ ଗଳ୍ପରୁ ନିବୃତ୍ତ ରହି, ସର୍ବଦା ସେମାନଙ୍କର ଶିଶୁ ଉପରେ ତୀକ୍ଷଣ ନଜର ରଖିବା ଆବଶ୍ୟକ । ବିଷୟଗତ ଶିକ୍ଷା ସାଙ୍ଗରେ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ । ମନ ଏବଂ ଶରୀର ସୁସ୍ଥ ରହିଲେ ଗୋଟିଏ ଶିଶୁ ବିଷୟଗତ ଶିକ୍ଷାରେ ସଫଳତା ପାଇ ପାରିବ । ତେଣୁ ମାନସିକ ସୁସ୍ଥତା ପାଇଁ, ଆବଶ୍ୟକ ନୈତିକ ଶିକ୍ଷାର, ପ୍ରାଥମିକ ଶିକ୍ଷକ ହେଲେ ମାଆ । ନମ୍ରତା, ଶାଳୀନତା, ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ, ସମୟାନୁବର୍ତ୍ତୀତା, ଆତ୍ମନିର୍ଭରଶୀଳତା ପରି ନୈତିକ ଶିକ୍ଷା, ମାଆ ମାନେ କେବଳ ଉପଦେଶ ମାଧ୍ୟମରେ ନୁହେଁ, ନିଜେ ପାଳନ କରି ପିଲା ମାନଙ୍କୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟିତ ହେବା ଉଚିତ୍ । ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ । କହୁଥିବା କାର୍ଯ୍ୟ ଅପେକ୍ଷା କରୁଥିବା କାର୍ଯ୍ୟ ସେମାନଙ୍କୁ ଅଧିକ ପ୍ରଭାବିତ କରିଥାଏ । ପିଲା ମାନଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ କରାଇବା ପାଇଁ ପ୍ରାର୍ଥନା ଏବଂ ପ୍ରଣାମ ପରି ଦୁଇଗୋଟି କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ଉଚିତ୍ । ମାଆ ମାନେ ପିଲା ମାନଙ୍କର ଭଗବତ୍ ସତା, ତଥା ଛୋଟ ଛୋଟ ଶିକ୍ଷଣୀୟ ପୌରାଣିକ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରାଇବା ଉଚିତ୍ । ନିଜେ ଠାକୁର ଘରେ ପ୍ରାର୍ଥନା କରିବା ସମୟରେ ପିଲା ମାନଙ୍କୁ ଅଭ୍ୟସ୍ତ କରାଇବା ଆବଶ୍ୟକ । ଗୁରୁଜନ ମାନଙ୍କ ପଦ ସ୍ପର୍ଶ କରି ପ୍ରଣାମ କଲେ, ସେମାନଙ୍କ ଅନ୍ତର ଭିତରୁ ଝରି ପଡିଥାଏ ଆବେଗ ଭରା ଆଶିର୍ବାଦ । ମାଆ ମାନେ, ଗୁରୁଜନଙ୍କୁ ପ୍ରଣାମ ପାଇଁ, ପିଲା ମାନଙ୍କୁ ପ୍ରବର୍ତ୍ତାଇବା ପରିବର୍ତ୍ତେ, ଗୁରୁଜନ ମାନଙ୍କୁ ନିଜେ ପ୍ରଣାମ କରିବା ଅଭ୍ୟାସ ଜାରି ରଖିଲେ ପିଲାଙ୍କୁ ଅଭ୍ୟସ୍ତ କରାଇବାକୁ ବିଶେଷ କଷ୍ଟ କରିବାକୁ ପଡିବ ନାହିଁ ।

ମନ୍ଥର ନ୍ୟାୟିକ ପ୍ରକ୍ରିୟା

॥ ଗଙ୍ଗାଧର ସାମଲ ॥

ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ସଂଖ୍ୟା ବର୍ତ୍ତମାନ ୩୩ରୁ ୩୭କୁ ବୃଦ୍ଧି କରିବା ପାଇଁ ସରକାର ଜାରି କରିଥିବା ଅଧ୍ୟାଦେଶକୁ ଇତିମଧ୍ୟରେ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି । ୯୦ ହଜାରରୁ ଊର୍ଦ୍ଧ୍ୱ ମାମଲା ବୋଝ ଧରିଥିବା ସର୍ବୋଚ୍ଚ ନ୍ୟାୟାଳୟ ଏହାଦ୍ୱାରା କ୍ରମଶଃ ଚାପମୁକ୍ତ ହେବ ବୋଲି ଆଶା କରାଯାଉଛି । ତେବେ ବାସ୍ତବତା ବା ଆମ ଆଇନ ବ୍ୟବସ୍ଥା ଅନେକ ଜଟିଳ ହୋଇଥିବାରୁ ବହୁ ଅଧିକ ଆଶା କରିବା ବୃଥା । ତଥାପି ପୂର୍ବାପେକ୍ଷା ସ୍ଥିତିରେ ଅନେକ ସୁଧାର ଆସିବା ନିଃସନ୍ଦେହ । ୧୯୫୦ରେ ଆମ ଦେଶରେ ମାତ୍ର ଆଠଜଣ ସାତ ଜଣ ବିଚାରପତି ଓ ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଆରମ୍ଭ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟରେ ୧୯୫୬ରେ ଆଇନ ପ୍ରଣୟନ ପରେ ବିଚାରପତି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା । ଏହାପରେ ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫, ୨୦୦୮ରେ ୩୦, ୨୦୧୯ରେ ୩୩କୁ ବୃଦ୍ଧି ପାଇଥିଲା । ତେଣୁ ବିଚାରପତି ନିଯୁକ୍ତି ମଧ୍ୟ ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇନାହିଁ ।

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇ ଆସୁଛି । ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଉପସ୍ଥିତ ସୁଧାର ଆସିପାରୁନାହିଁ । କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚାର ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି । ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା ଜୀବନ କାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ । ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି । ଏପରିକି ବାଦୀପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟ କଚେରୀ ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି । ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତାର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉନାହାନ୍ତି । ଏହି ପୃଷ୍ଠଭୂମିରେ ବିଭିନ୍ନ ସ୍ତରର ଅଦାଲତମାନଙ୍କରେ ଅଧିକରୁ ଅଧିକ ବିଚାରପତି ନିଯୁକ୍ତି ବା ପଦବୀ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ଦାବି ହୋଇ ଆସୁଛି । ଏହି ତୃଣମୂଳସ୍ତରୀୟ ସମସ୍ୟା ସମାଧାନ ହେଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ।

ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବଳ ସାଧାରଣ ନାଗରିକଙ୍କ ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରଭାବିତ କରୁଛି । ଏକ ଅନୌପଚାରିକ ଗବେଷଣା ଅନୁଯାୟୀ ବିଳମ୍ବିତ ନ୍ୟାୟ ଯୋଗୁଁ ଜିଡ଼ିପିର ୧.୫ରୁ ୨% କ୍ଷତି ହେଉଛି । କିନ୍ତୁ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ପଛରେ ରହିଥିବା ଲୁକ୍କାୟିତ କାରଣ ମାନ ଏବଂ ସେଥିରେ କଣ ସୁଧାର ଅଣାଯାଇପାରିବ ସେ ସମ୍ପର୍କିତ କୌଣସି ଗବେଷଣା ଭାରତରେ ହୋଇଥିବା ଜଣାଯାଉନାହିଁ । ତ୍ରୟୋଦଶ ଅର୍ଥ ଆୟୋଗ ଏ ସମ୍ପର୍କରେ କିଞ୍ଚିତା ଦୃଷ୍ଟିପାତ କରିଥିବା ଜଣାଯାଏ । ଆୟୋଗଙ୍କ ତର୍ଜମା ଅନୁଯାୟୀ ଭାରତୀୟ ଅଦାଲତରେ ବିଚାରପତିମାନେ ଅନେକ ପ୍ରକାରର ଅଣନ୍ୟାୟିକ କାର୍ଯ୍ୟ ଦ୍ୱାରା ଚାପଗ୍ରସ୍ତ ହୋଇପଡୁଛନ୍ତି । ତେଣୁ ଜିଲ୍ଲା ଅଦାଲତରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପେସାଦାର ଅଦାଲତ ପରିଚାଳକ ଏମବିଏ ଡିଗ୍ରୀଧାରୀ କୋର୍ଟ ମ୍ୟାନେଜର ନିଯୁକ୍ତି ପାଇଁ ଅର୍ଥ ଆୟୋଗ ସୁପାରିସ କରିବା ସହିତ ଏଥିପାଇଁ ସେତେବେଳେ ୨୦୧୦-୧୫ରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ । କିନ୍ତୁ ଏହାର ମାତ୍ର ୧୩% ଉପଯୋଗ ହୋଇପାରିଥିଲା । ଏ କ୍ଷେତ୍ରରେ ହରିଆଣା, ତାମିଲନାଡୁ, ପଞ୍ଜାବ, ରାଜସ୍ଥାନ ପରି କେତେକ ରାଜ୍ୟ ଅସ୍ଥାୟୀ ବା ଚୁକ୍ତିଭିତ୍ତିକ କୋର୍ଟ ମ୍ୟାନେଜର ନିଯୁକ୍ତି କରିଥିଲେ ମଧ୍ୟ ଦେଶରେ ସମୁଦାୟ କୋର୍ଟ ମ୍ୟାନେଜର ସଂଖ୍ୟା ମାତ୍ର ୧୨୮ରେ ସୀମିତ ରହିଯାଇଥିଲା ।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୋର୍ଟ ମ୍ୟାନେଜର ନିଯୁକ୍ତି ଓ ଦରମା ବାବଦ ଅର୍ଥ ବୋଝ ରାଜ୍ୟ ମାନଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟ ମାନଙ୍କୁ ସୁପାରିସ କରିବା ପାଇଁ କୁହାଗଲା । ଏଥି ସହିତ ଏହି ଯୋଜନା ମଧ୍ୟ ଏକ ପ୍ରକାର ସ୍ଥାଣୁ ହୋଇଗଲା । ଯୋଜନା ବିଫଳ ହେବା ପଛରେ କେନ୍ଦ୍ର ସରକାରଙ୍କ ଅନାଗ୍ରହ, ବିଚାରପତି ଓ କୋର୍ଟ ମ୍ୟାନେଜରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପଦପଦବୀର କର୍ତ୍ତୃତ୍ୱ, ସମ୍ମାନ ଓ ଆତ୍ମାଭିମାନର ପ୍ରଶ୍ନ, ଏକ ସୁସ୍ଥ ବ୍ୟବସ୍ଥା ବିକାଶରେ ଅବହେଳା ଆଦି ଅନେକ କାରଣ ଥିଲା । ଏହି ଯୋଜନାକୁ ଯଦି ସଫଳତାର ସହିତ ବ୍ୟବସ୍ଥିତ କରାଯାଇପାରିଥାନ୍ତା ତେବେ ବିଳମ୍ବିତ ନ୍ୟାୟିକ ଅପବାଦ ଅନେକ ମାତ୍ରାରେ ସୁଧାରି ଆସି ପାରିଥାନ୍ତା ।

ବର୍ତ୍ତମାନ ଭାରତ ସ୍ୱାଧୀନତାର ଅମୃତକାଳର ଯାତ୍ରା କରୁଛି । ଏହି ସମୟରେ ଅନେକ ସୁଧାର ଓ ସଂସ୍କାର ଆଶା କରାଯାଇପାରେ । କାରଣ ସ୍ୱାଧୀନତାର ଶହେ ବର୍ଷ ପରେ ମଧ୍ୟ ଜଣେ ସାଧାରଣ ନାଗରିକ ଠିକ ସମୟରେ ନ୍ୟାୟ ପାଇପାରିବ ନାହିଁ ତେବେ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଲ୍ୟବୋଧ ହିଁ ବ୍ୟାହତ ହେବ । ବିଚାରପତି ନିଯୁକ୍ତିରେ କେନ୍ଦ୍ର ସରକାର ଓ କଲେଜିୟମ୍ ବ୍ୟବସ୍ଥା ମଧ୍ୟରେ ବିରୋଧାଭାସ ଏକ ଅଲିଖିତ ପରମ୍ପରାରେ ପରିଣତ ହୋଇସାରିଛି । ଏଥିଯୋଗୁଁ ମଧ୍ୟ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରୁଛି । ତେଣୁ ଏ ଦିଗରେ ମଧ୍ୟ ସର୍ବସମ୍ମତ ନିଷ୍ପତ୍ତି ବାଞ୍ଛନୀୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭

ଦୂରେଇବା ପ୍ଲାଷ୍ଟିକ ଓ ମୂର୍ତ୍ତି ରଙ୍ଗ

॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ॥

ଦଶହରା ଭସାଣୀ ଚାଲିଛି, ଆଗକୁ ଦୀପାବଳି, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା ଆଉ ବାଲିଯାତ୍ରା । ସଂପ୍ରତି ମୂର୍ତ୍ତିକାରିଗରୀରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି । ଏହା ଆମ ସମସ୍ତଙ୍କ ପାଇଁ ଘାତକ । ସଚେତନତାକୁ ବ୍ୟାପକ କରିବା ସହ ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଲୋଡ଼ା । ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ, ଗଛ ଲଗାଇବା ଓ ଟ୍ରାଫିକ ନିୟମ ମାନିବା ସହ ହଜାର ବର୍ଷର ପରିଚୟର ସମୃଦ୍ଧ କଟକ ସହରର ପାର୍ବଣରେ ଡିଜେମୁକ୍ତ ରୋଷଣି, ନିଶାମୁକ୍ତ ଭଷାଣି ଓ ପ୍ଲାଷ୍ଟିକ ମୁକ୍ତ ପୂଜା ପାଇଁ ନିକଟରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନିବେଦନ କରାଯାଇଛି ।

ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳୀ ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ । ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳ ସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ । ବଡ଼ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନ ହେବାରୁ ଏହାକୁ ନେଇ ଟାଗିଆଡ଼େ ଏକ ପ୍ରକାର ନୀରବତାର ଢୋ ହଲ୍ଲା !! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ । ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର । ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟ, ମୋଲିବଡ଼େନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି । ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ । ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ । ଯାହା ଜାପାନ୍‌ରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା । ଜାପାନର 'ମିନମାତା' ଅଂଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା । ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ । ସୂଚନାଯୋଗ୍ୟ ଅହମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ବେଶ୍ ନାଁ ଥିବା ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ । ମୂର୍ତ୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନ ମାନର ରଙ୍ଗ ବ୍ୟବହାର କରୁଛନ୍ତି । କିନ୍ତୁ ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା । ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଂଚଳର ଫୁଲ, ଶଙ୍ଖଚିହ୍ନ, ଶିଠ ଫଳ ଆଦି ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷ ଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣି କାରିଗରମାନେ ଏହି ପ୍ରଦୂଷଣ ବିପର୍ଯ୍ୟୟ କରିବାକୁ ପଛାଉ ନାହାଁନ୍ତି ।

ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ କିନ୍ତୁ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହେଉଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ପ୍ରଧାନ ଓ ସର୍ବୋତମ ଶ୍ରେଷ୍ଠ କର୍ତ୍ତବ୍ୟ । ରାଜ୍ୟର ଅନେକ ସ୍ଥାନରେ ନଦୀ, ନାଳ ଜଳକୁ ଲୋକମାନେ ନିଜର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ଠାରୁ ଜୀବନ ରକ୍ଷକ ପିଇବା ପାଣି, ଗାଈ ଗୋରୁମାନଙ୍କ ବ୍ୟବହାର କରିଆନ୍ତି । ଏହି ରାସାୟନିକ ପ୍ରଦୂଷଣ ଭୟାନକ ଭାବେ ନଦୀ ନାଳକୁ ସଂକ୍ରମିତ କରିଚାଲୁଥିବାବେଳେ ଏହାକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି । ସେହିପରି ଗାଈଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅସୁସ୍ଥ ହୋଇଥାଏ । କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶ ଭାବରେ ଯେଉଁ ଗୁରୁତର ଭାବେ ପ୍ରଭାବ ପକାଇଥାଏ ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି କୃଷିବିଜ୍ଞାନୀ ମାନେ ମତ ଦିଅନ୍ତି । ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ । ଆଉ ଗୋଟିଏ କଥା ହେଉଛି ଯେଉଁ ମୂର୍ତ୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତ୍ତିରେ ଦେଇଥାନ୍ତି ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକ ପ୍ରକାର ବିକିରଣର ପ୍ରଭାବ ପକାଇ ଏହା ସେମାନଙ୍କ ଶରୀରକୁ ରୋଗାକ୍ରାନ୍ତ କରିଥାଏ । ମୂର୍ତ୍ତି ବିସର୍ଜନ ବେଳେ ଯେଉଁ ପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାଁନ୍ତି କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ ସେପରି କୌଣସି ସଚେତନତା ସୃଷ୍ଟି ନ ହେଉଥିବାରୁ ଦିନକୁ ଦିନ ଏହି ପ୍ରଦୂଷଣ ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ସାଧାରଣରେ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ । ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତି ନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ । ଧରାପୃଷ୍ଠରେ ମାଆଙ୍କ ଆଗମନୀ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରିବା ସହ ମୂର୍ତ୍ତି ପ୍ରସ୍ତୁତିରେ ରଙ୍ଗର ଯେଉଁପରି ବ୍ୟାପକ ପ୍ରୟୋଗ ହେଉଛି ଏହାକୁ ସଚେତନ କରିବା ସହ ସମସ୍ତଙ୍କୁ ଏକ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦେଲେ ପାର୍ବଣ ଆନନ୍ଦମୟ ହେବ ।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬,
କଟକ, ଦୂରଭାଷ : ୯୮୬୧୩୫୫୬୨୮

ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା

॥ ଡା. ରାଜକିଶୋର ପଣ୍ଡା ॥

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ ରେ ମୃତ୍ୟୁବରଣ କଲେ । ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ । ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ । ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରଠାରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ । କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି । ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଂଟ୍ରାଲ ଷ୍ଟୁଡେଂଟସ୍ ୟୁନିୟନର ମ୍ୟୁଜିୟମରେ । ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି । ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ । ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଉଛି ସୁରାୱର୍ଦ୍ଦି ମଇଦାନ ଭାବରେ ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପୀଢ଼ି ଉତ୍ୟକ୍ତ ହୋଇଉଠିଛନ୍ତି । ଉର୍ଦ୍ଦୁ ବିଭାଗର ଛାତ୍ର "ଅବୁ ତୈୟାବ ହାବିଲଦାର୍" ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉଁ ବ୍ୟକ୍ତି ବଙ୍ଗାଳୀ ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ । ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା । ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ । ଏହି ବିରୋଧର ଜବାବ ଦେବାକୁ ଯାଇ "ଫାତିମା ତସନିମ୍ ଜୁମା" ଯିଏ କି ମ୍ୟୁଜିୟମ୍‌ର ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, "ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍ ।" ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି । ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା "ଏକେ ଫଜଲୁଲ ହକ୍"ଙ୍କ ପାଖରେ ବସିଛନ୍ତି । ଏହି "ଫଜଲୁଲ ହକ୍" ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ ।

ମ୍ୟୁଜିୟମ୍‌ରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି ।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ । ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ । ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତିରୁ ଯେତେବେଳେ ଜିନ୍ନା କହିଥିଲେ, "ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ ।" ପୂର୍ବ ପାକିସ୍ତାନରେ ବହୁସଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା । ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା । ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତେବେଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ରାଜ୍ୟରେ ଆସିଥିଲେ । ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ପଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ । ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି ଉର୍ଦ୍ଦୁ । ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ । ଛାତ୍ରମାନେ ଜିନ୍ନାଙ୍କର ଏହି ବୟାନର ତତ୍‌କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, "ମାନି ନା", "ମାନି ନା" ଅର୍ଥାତ୍ ଆମେ ମାନିବୁ ନାହିଁ ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍‌ରେ ଅଡ଼ି ବସିଥିଲେ । ପଶ୍ଚିମ ପାକିସ୍ତାନରେ ଉର୍ଦ୍ଦୁ ମୁଖ୍ୟ ଭାଷା ଥିବା ବେଳେ ପୂର୍ବ ପାକିସ୍ତାନରେ ବଙ୍ଗଳା ହେଉଛି ମୁଖ୍ୟ ଭାଷା । ଭାଷାର ଆବଶ୍ୟକତା କେବଳ କଥାବାର୍ତ୍ତାରେ ନିହିତ ନାହିଁ ବରଂ ଏହା ଶିକ୍ଷା, ନିଯୁକ୍ତି, ସାହିତ୍ୟ ଓ ଶାସନ ସହ ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ । ଉର୍ଦ୍ଦୁକୁ ସମଗ୍ର ପାକିସ୍ତାନ (ପୂର୍ବ ଓ ପଶ୍ଚିମ)ର ରାଜଭାଷା ରୂପେ ମାନ୍ୟତା ଦେବା ଫଳରେ ପୂର୍ବଭାଗ ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ପଛେଇଯିବ ବୋଲି ଏଠାକାର ଲୋକମାନେ ମନେକରିଥିଲେ । ଏହା ହିଁ ବାଟ କଢ଼ାଇ ନେଇଥିଲା ୧୯୫୨ ମସିହାର ଭାଷା ଆନ୍ଦୋଳନକୁ । ଏକୋଇଶି ଫେବୃଆରୀ ୧୯୫୨ ରେ ଢାକାରେ ପୋଲିସର ଗୁଳି ଚାଳନା ଫଳରେ ଅନେକ ଆନ୍ଦୋଳନରତ ଯୁବକ ମୃତ୍ୟୁବରଣ କରିଥିଲେ । ମୃତକଙ୍କ ମଧ୍ୟରେ ପ୍ରମୁଖ ଥିଲେ ଅବଦୁସ ସଲାମ୍, ରଫିକଉଦ୍ଦିନ୍ ଅହମ୍ମଦ୍, ଅବୁଲ ବରକତ୍ ଏବଂ ଅବଦୁଲ ଜବାର । ଏମାନଙ୍କର ବଳିଦାନକୁ ସ୍ମରଣୀୟ କରିବା ପାଇଁ ଏକୋଇଶି ଫେବୃୟାରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ୟୁନେସ୍କୋ ତରଫରୁ ଘୋଷଣା କରାଗଲା ୧୯୯୯ ମସିହାରେ । ପରିଶେଷରେ ୧୯୫୬ ମସିହାରେ ବଙ୍ଗଳା ଭାଷାକୁ ପାକିସ୍ତାନର ସମ୍ବିଧାନରେ ରାଜ୍ୟ ଭାଷାର ମାନ୍ୟତା ମିଳିଲା । କିନ୍ତୁ ସେତେବେଳକୁ ଏହି ଭାଷାଗତ ବିବାଦ ଅତ୍ୟନ୍ତ ଜଟିଳ ଆକାର ଧାରଣ କରିସାରିଥିଲା । ଭାଷାର ଏହି ଅସନ୍ତୋଷ ଧୀରେ ଧୀରେ ଏକ ରାଜନୈତିକ ବିଚ୍ଛିନ୍ନତା ସୃଷ୍ଟି କଲା ଓ ଶେଷରେ ଏହା ଯାଇ ପହଂଚିଲା ୧୯୭୧ ର ମୁକ୍ତି ସଂଗ୍ରାମରେ । ବାଂଲାଦେଶର ସରକାରୀ ତଥ୍ୟ ଅନୁଯାୟୀ ଏହି ଯୁଦ୍ଧରେ ତିରିଶ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ।

ଆଜିର ଏହି ବିରୋଧ ମୁକ୍ତି ସଂଗ୍ରାମର ସ୍ମୃତି ସହ ଜଡ଼ିତ ଅଛି । ବିରୋଧୀ ପକ୍ଷ କହୁଛନ୍ତି କି ବାଂଲାଦେଶ ସେହି ମାଟି ଉପରେ ନିର୍ମିତ ହୋଇଛି ଯେଉଁଠି ଅଗଣିତ ଯୁବପୀଢ଼ି ବଙ୍ଗଳା ଭାଷା ପାଇଁ ଜୀବନ ଦେଇଛନ୍ତି । ସେମାନଙ୍କୁ ସଂଗ୍ରହାଳୟରେ ଜିନ୍ନାଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା, ଅତୀତ ଇତିହାସର ଅପମାନ କରିବା ଭଳି ମନେ ହେଉଛି ।

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ ? ଏହି ପ୍ରଶ୍ନର ସରଳ ଉତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ । ଯୁବପୀଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି । କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି । ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ । କର୍ଜନ ହଲ ଓ ସୁରାୱର୍ଦ୍ଦି ଉଦ୍ୟାନ ଆଜି ମଧ୍ୟ ୧୯୪୮ ର ବିରୋଧକୁ ମନେପକାଇ ଦିଅନ୍ତି । ତେଣୁ ଏହି ଐତିହ୍ୟ ପରିସର ମଧ୍ୟରେ ଜିନ୍ନାଙ୍କର ୧୯୪୮ ମସିହାର ଭାଷଣର ଫଟୋ ଲଗାଇବା ନିଶ୍ଚିତ ପକ୍ଷେ ବାଂଲାଦେଶର ଜନତାଙ୍କୁ ଅପମାନିତ ବୋଧ କରାଇବ । ପାକିସ୍ତାନ ପାଇଁ ଜିନ୍ନା ହେଉଛନ୍ତି ରାଷ୍ଟ୍ରପିତା । ତାଙ୍କର ଫଟୋ ଉପରେ ଛେପ ପକାଇବା ଓ ପାଦ ରଖିବା ଇସଲାମାବାଦର ଦୃଷ୍ଟି ନିମନ୍ତେ ଗଭୀର ଆଘାତ ବୋଲି ମାନିବାକୁ ପଡ଼ିବ । ସେଠାକାର ସରକାର, ମିଡ଼ିଆ ଓ ରାଜନୈତିକ ଦଳ ଏହାକୁ ବାଂଲାଦେଶର "ଐତିହାସିକ ଶତ୍ରୁତା"ର ନୂଆ ଅଧ୍ୟାୟ ବୋଲି କହିପାରନ୍ତି । ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଆଗରୁ ଥିବା ଦୁର୍ବଳ ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନରମ ହୋଇପାରେ । କୌଣସି ରାଷ୍ଟ୍ର ନିଜର ଜଟିଳ ଇତିହାସକୁ କେବେ ସମ୍ପୂର୍ଣ୍ଣ ଭାବରେ ଲୋପ କରିପାରିବ ନାହିଁ । କିନ୍ତୁ ସଂଗ୍ରହାଳୟ, ପାଠ୍ୟପୁସ୍ତକ ଓ ଛାତ୍ର ରାଜନୀତି ଏହା ସ୍ଥିର କରନ୍ତି, କି ଅତୀତକୁ କିପରି ସନ୍ତୁଳନତାର ସହିତ ପରିପ୍ରକାଶ କରାଯାଇପାରିବ । ଜିନ୍ନାଙ୍କ ଫଟୋକୁ ନେଇ ଉଠିଥିବା ବିରୋଧ ଏହା ପ୍ରମାଣିତ କରୁଛି କି ବାଂଲାଦେଶ ଆଜି ପର୍ଯ୍ୟନ୍ତ ଭାଷା ବିଦ୍ୱେଷକୁ ଭୁଲି ନାହିଁ । ଏଠାରେ ଇତିହାସ ବନ୍ଦ ପୁସ୍ତକ ନୁହେଁ ବରଂ ଅଟେ ଜୀବନ୍ତ ଯୁକ୍ତି ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ସିଥଓ ଆରମ୍ଭ
SEITHO ARAMBHA

ଶୁକ୍ରବାର, ୨୩ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ୨୯ତମ ରାଜ୍ୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୨/୧୦ (ଆ.ପ୍ର) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ୨୯ତମ ରାଜ୍ୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ରାଜ୍ୟ ସଭାପତି ଦେବେନ୍ଦ୍ର ବିଜୟ ସାହୁ, ବିଚାରଧାରାର ପ୍ରଦେଶ ଅଧ୍ୟକ୍ଷ ଜଗତ କିଶୋର ଦାସ, ଗଜପତିର ସଭାପତି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗଞ୍ଜାମ ସମ୍ବାଦ ସମ୍ପାଦିକା ଡ. କଲ୍ୟାଣୀ ମିଶ୍ର, ଯୁଗ୍ମ ସାଧାରଣ ସମ୍ପାଦକ ସୀମାଂଚଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜଗନ୍ନାଥ ଓ ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପରେ ସଂସଦର ଦିବଂଗତ ସଦସ୍ୟମାନଙ୍କ ସ୍ମରଣାର୍ଥେ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ଦ୍ୱାରା ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଏହାପରେ ନିର୍ଦ୍ଧାରିତ ମର୍ଯ୍ୟାଦା ଓ ବିଧି ଅନୁସାରେ ରାଷ୍ଟ୍ରଗୀତ ବନ୍ଦେ ମାତରମ ଗାନରେ ସମସ୍ତେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଗଜପତିର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଅତିଥିମାନଙ୍କୁ ଉଚ୍ଛସ୍ୱିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗଞ୍ଜାମ ସମ୍ବାଦ ସମ୍ପାଦିକା ଡ. କଲ୍ୟାଣୀ ମିଶ୍ର ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଗଜପତିର ସଭାପତି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ । ପ୍ରଥମ ଅଧିବେଶନରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ଗବେଷଣା ପତ୍ରିକା 'ଉତ୍କଳିକା', 'ପ୍ରବୋଧନ'ର ମୁଖ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକଙ୍କ ରଚିତ ସମ୍ପାଦକୀୟ ସଂଗ୍ରହ 'ଜୀବନର ବିନ୍ଦୁ' ଏବଂ ଢେଙ୍କାନାଳର ବିଚାରଧାରା ପ୍ରମୁଖ ବୈକୁଣ୍ଠ ବିହାରୀ ସ୍ୱାଇଁଙ୍କ ରଚିତ 'ଓଡ଼ିଶାରୁ ଆଣ୍ଡାମାନ ଯାଏଁ ଭ୍ରମଣ ଅନୁଭୂତି' ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାପରେ ଯୁଗ୍ମ ସାଧାରଣ ସମ୍ପାଦକ ସୀମାଂଚଳ ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଚାରଧାରାର ପ୍ରଦେଶ ଅଧ୍ୟକ୍ଷ ଜଗତ କିଶୋର ଦାସ ଅଭିଭାଷଣ ପ୍ରଦାନ କରିବା ପରେ ରାଜ୍ୟ ସଭାପତି ଦେବେନ୍ଦ୍ର ବିଜୟ ସାହୁ ସଭାପତିଙ୍କ ଅଭିଭାଷଣ ରଖିଥିଲେ । ଶେଷରେ ଲୋକ ସଂସଦ, ଗଜପତି ଶାଖା ଉପ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ସମସ୍ତ ମଂଚାସୀନ ଅତିଥି ବୃନ୍ଦ ଓ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ସଦସ୍ୟା ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ରାଜ୍ୟ ସଭାପତି ଦେବେନ୍ଦ୍ର ବିଜୟ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ସଂଗଠନର ଆର୍ଥିକ ସ୍ଥିତି, ସାଙ୍ଗଠନିକ ସୁଦୃଢ଼ୀକରଣ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଥମେ କୋଷାଧ୍ୟକ୍ଷ ସତ୍ୟଶ୍ଳୋକ ସାହୁ ସଂଗଠନର ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ । ପରେ ଡ. ବିଶ୍ୱଜିତ ଖମାରୀ ସଂଗଠନର ଉଚ୍ଚସ୍ତରୀୟ ଓ ତୃଣମୂଳସ୍ତରୀୟ ସମ୍ପ୍ରସାରଣ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିବା ସହ ସେଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏହାସହ ସଂଗଠନର ନିୟମାବଳୀରେ ସଂଶୋଧନ ଓ ପରିବର୍ତ୍ତନ ସମ୍ପର୍କିତ ପ୍ରସ୍ତାବ ପ୍ରଫେସର ହିମାଂଶୁ ଶେଖର ରାଉତ ଉପସ୍ଥାପନ କରିଥିଲେ । ଯାହା କି ପରବର୍ତ୍ତୀ ସମୟରେ ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ସାଧାରଣ ପରିଷଦ ବୈଠକରେ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା, ସାଙ୍ଗଠନିକ ସମ୍ପ୍ରସାରଣ, ଆର୍ଥିକ ବିବରଣୀ, ନିୟମାବଳୀରେ ସଂଶୋଧନ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ସଂଗଠନର ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା , ସଦସ୍ୟ ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ପରବର୍ତ୍ତୀ ଅଧିବେଶନରେ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯିବା ସହ ସଂଗଠନର ଆଗାମୀ ଦିନର କାର୍ଯ୍ୟକଳାପକୁ ଅଧିକ ସକ୍ରିୟ ଓ ସୁସଂଗଠିତ କରିବା ଦିଗରେ ଏହି ନିର୍ବାଚନ ଗୁରୁତ୍ୱ ବହନ କରୁଥିବା ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଶେଷରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଖୋର୍ଦ୍ଧାର ଉପସଭାପତି ତଥା ଅଙ୍କନ ବିଭାଗର ସେବାନିବୃତ୍ତ ପ୍ରଫେସର ଚିନ୍ତାମଣି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ, ମାନବସେବା, ନୈତିକ ମୂଲ୍ୟବୋଧ ଓ ରାଷ୍ଟ୍ରୀୟ ଚେତନାକୁ ଆଧାର କରି କାର୍ଯ୍ୟ କରୁଥିବା ଲୋକ ସଂସଦର ଏହି ବାର୍ଷିକ ସାଧାରଣ ପରିଷଦ ବୈଠକ ସାଙ୍ଗଠନିକ କାର୍ଯ୍ୟଧାରାର ସମୀକ୍ଷା, ନୂତନ ଯୋଜନା ପ୍ରଣୟନ ଓ ଭବିଷ୍ୟତର ଦିଗନିର୍ଦ୍ଦେଶ ନିର୍ଦ୍ଧାରଣ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା । ସାଙ୍ଗଠନିକ ସମ୍ପ୍ରସାରଣ, ନିୟମାବଳୀ ସଂଶୋଧନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏହି ସଙ୍ଗଠନ ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ବେଳେ ଏହାକୁ ଜାତୀୟ ସ୍ତରରେ ସଙ୍ଗଠିତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା ଏଥି ସହ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇ କେନ୍ଦ୍ରୀୟ ସଙ୍ଗଠନର ସଭାପତି ରୂପେ ଡ଼ଃ କେ.ଶଙ୍କରନ୍, ସାଧାରଣ ସମ୍ପାଦକ ଭାବରେ ଚିତରଞ୍ଜନ ନାୟକ, କୋଷାଧ୍ୟକ୍ଷ ସତ୍ୟ ଶ୍ଳୋକ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପ୍ରଜୟ କୁମାର ନନ୍ଦ ପ୍ରମୁଖ ନିର୍ବାଚିତ ହୋଇଥିଲେ । ନୂତନ ଭାବେ ନିର୍ବାଚିତ କର୍ମକର୍ତ୍ତାଙ୍କୁ କରତାଳି ମାଧ୍ୟମରେ ସ୍ୱାଗତ କରାଯାଇଥିଲା । ପ୍ରଥମ ଅଧିବେଶନରେ ସଂଚାଳିକା ଭାବେ ଶୁଭ୍ରା ପଟ୍ଟନାୟକ ଓ ସ୍ନିଗ୍ଧା ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଗଜପତି ଶାଖା ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦିଗଦର୍ଶନ ଓ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଶଶିକାନ୍ତ ମହାପାତ୍ର, ସମ୍ପର୍କ ସେତୁ ସଂଯୋଜକ ରାଜେନ୍ଦ୍ର କୁମାର ରଥ, କୋଷାଧ୍ୟକ୍ଷ ପ୍ରମୁଖ ଏ ରାମାରାଓ ଏବଂ ସୀତାରାମ ପ୍ରଧାନ ପ୍ରଭୃତି ସଦସ୍ୟଗଣ ସହଯୋଗ କରିଥିଲେ ।

ଅଳକା ଆଶ୍ରମରେ ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର, ୨୨/୧୦ (ଆ.ପ୍ର) : ସ୍ୱାଧୀନତା ସଂଗ୍ରାମର ଏକ୍ମୁଦ୍ଧି ଶାଳ ଭାବେ ପରିଚିତ ଜଗତସିଂହପୁର ଜିଲ୍ଲାର ଜାଗ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶିକ୍ଷାବିତ ଭଗବାନ ଦାଶ, ଉତ୍କଳ ରଞ୍ଜନ ମହାନ୍ତି ଏବଂ ପ୍ରତାପ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୀରବର ସାମନ୍ତଙ୍କ ତ୍ୟାଗ,ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ଏବଂ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଆଜିର ଯୁବସମାଜ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ । ସେହିପରି ଅଳକା ଆଶ୍ରମର ବରିଷ୍ଠ ସଦସ୍ୟ ଲାଲା ସଂଗ୍ରାମ କେଶରୀ ରାୟ,ସ୍ନିଗ୍ଧମୟୀ ରାୟ, ସୃଜନିକା ରାୟ ଏବଂ ଲାଲା ରାଜବୀର ରାୟ ପ୍ରମୁଖ ଏଥିରେ ଯୋଗଦେଇ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ ଏବଂ ରାଜନେତା ଭାବରେ ସ୍ୱର୍ଗତ ସାମନ୍ତଙ୍କ ଅବଦାନ ଏବଂ କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ । ଶେଷରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନାରାୟଣ ବୀରବର ସାମନ୍ତଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ଐତିହାସିକ ଦଶହରା ପଡ଼ିଆରେ ମିଳନ ପରେ ମେଲାଣି ନେଲେ ମା' ଦୁର୍ଗା

ଯାଜପୁର, ୨୨/୧୦ (ଆ.ପ୍ର) : ଯାଜପୁର ବ୍ଲକ ଅନ୍ତର୍ଗତ ପୁରୁଷୋତମ ପୁର ଓ ଜଗଦୀଶ ପୁରର ମଣ୍ଡପ ମାନଙ୍କରେ ପୂଜା ପାଉଥିବା ଦେବୀ ଦୁର୍ଗା ଓ ହରପାର୍ବତୀ ଆଜି ମେଲାଣି ନେଇଛନ୍ତି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ୧୦ ଟାରେ ମେଢ଼ ଗୁଡ଼ିକ ବିରାଟ ପଟୁଆର ସହ କବିର ପୁରର ଐତିହାସିକ ଦଶହରା ପଡ଼ିଆରେ ଆୟୋଜିତ ହୋଇଥିବା ମିଳନ ମଣ୍ଡପରେ ବିଜେ ହୋଇଥିଲେ । ପରେ ପଡିଆର ଏକ ପାର୍ଶ୍ୱରେ ଆକର୍ଷଣୀୟ ଆତସବାଜି ସହ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା ।ବାବା ଭୁବନେଶ୍ୱର୍ ପୂଜା କମିଟିର ରାବଣ ପୋଡିରେ ସ୍ଥାନୀୟ ସରପଂଚ ସୁଜିତ୍ କୁମାର ରାୟ ଅଗ୍ନି ସଂଯୋଗ କରିଥିବାବେଳେ ଜଗଦୀଶ ପୁରର ବାବା ଭଦ୍ରେଶ୍ୱର୍ ପୂଜା କମିଟିର ଅକ୍ଷୟ କୁମାର ଓଝା ରାବଣ ପୋଡିରେ ଅଗ୍ନି ସଂଯୋଗ କରିଥିଲେ ଓ ମହାଲକ୍ଷ୍ମୀ ରାବଣ ପୋଡିରେ ମଳୟ ରାମ ଅଗ୍ନି ସଂଯୋଗ କରିଥିଲେ । ଚଳିତ ବର୍ଷ ଭସାଣୀ ଉତ୍ସବରେ ଜମ୍ମୁ କାଶ୍ମୀରର ପୂର୍ବତନ ପୋଲିସ ଡି ଜି ଶିଶିର କୁମାର ମିଶ୍ରଙ୍କ ସହ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦୁର୍ଗତି ନାଶିନୀ ମା ' ଦୁର୍ଗାଙ୍କୁ ମେଲାଣି ଦେଇଥିଲେ । ଏହି ଭସାଣୀ ଶୋଭାଯାତ୍ରାରେ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅତି ଉଚ୍ଚ ଶକ୍ତି ସମ୍ପନ୍ନ ଡି ଜେକୁ ବାରଣ କରାଯିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ଦୁର୍ଗା ପୂଜା ସମ୍ପନ୍ନ ହୋଇଥିବାରୁ ଶାନ୍ତି କମିଟିର ସଭାପତି ବ୍ରଜ କିଶୋର ପାଢ଼ୀ ଓ ପୂଜା କମିଟିର ସମସ୍ତ ସଦସ୍ୟ ପୋଲିସ ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

ଖମ୍ବାରୀଗାଁ ପଂଚାୟତରେ ଉଦ୍ଘାଟନ ଓ ଭିତିପ୍ରସ୍ତର ସ୍ଥାପନ

ପାତ୍ରପୁର, ୨୨/୧୦ (ଆ.ପ୍ର) : ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପାତ୍ରପୁର ବ୍ଲକ୍‌ର ଖମ୍ବାରୀଗାଁ ପଂଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଲାଲ କମାଗାଁରେ ଆୟୋଜିତ ମିଶ୍ରଣ ପର୍ବରେ କିଛି ପରିବାରର ସଦସ୍ୟ ବିଜେପିରେ ଯୋଗ ଦେଇଛନ୍ତି । ବିଧାୟକଙ୍କ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଖଣ୍ଡଦେଉଳି ପ୍ରାଥମିକ ବିଦ୍ୟାଳୟରେ ନିଜ ହାତପାଣ୍ଠିରୁ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ । ପରେ ଖମ୍ବାରୀଗାଁରେ ଗ୍ରାମବାସୀଙ୍କ ସୁବିଧା ନିମନ୍ତେ ନିର୍ମାଣ ହେବାକୁ ଥିବା କୋଠ ମଣ୍ଡପର ଶିଳାନ୍ୟାସ କରିଥିଲେ । ଏହାପରେ ଲାଲକମାଗାଁରେ ପହଂଚିବା ପରେ ଗ୍ରାମବାସୀ ବାଜାବାଦ୍ୟ ସହ ବିଧାୟକଙ୍କୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇଥିଲେ । ସେଠାରେ ନବନିର୍ମିତ ସାଂସ୍କୃତିକ ମଣ୍ଡପକୁ ସେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ସାମିଲ ଥିଲେ । ପରେବିଧାୟକ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଅନ୍ୟପକ୍ଷରେ ଲାଲକମାଗାଁରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଡି. ଅନନ୍ତ, ଡି. ଜଗନ୍ନାଥନ, ବୃନ୍ଦାବନ ରେଡ୍ଡୀ ଓ ଜି. ପ୍ରକାଶଙ୍କ ସମେତ ଅନେକ ପରିବାରର ସଦସ୍ୟ ବିଜେପିରେ ସାମିଲ ହୋଇଥିଲେ । ବିଧାୟକ ସେମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକରେ ସାଂସଦ ପ୍ରତିନିଧି ମିନା ଦ୍ୟାନସାମନ୍ତରା, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଓ୍ୱାଇ ମୋହନ ରାଓ, ପୂର୍ବତନ ସରପଂଚ ଆର ବାଳକୃଷ୍ଣ ରେଡ୍ଡୀ, ସଦାନନ୍ଦ ନାୟକ, ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବହୁ ଜନପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ଦଶପଲ୍ଲା, ୨୨/୧୦ (ଆ.ପ୍ର) : ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିୟୋଜିତ ଠିକା ସଫେଇ କର୍ମଚାରୀ ମାନେ ବିଗତ ୫ ମାସ ହେଲା ସେମାନଙ୍କ ପାରିଶ୍ରମିକ ନପାଇ ୬ ଦିନ ହେଲା ସଫେଇ କାର୍ଯ୍ୟ ବନ୍ଦ କରିବା ଫଳରେ ନାହିଁ ନଥିବା ସମସ୍ୟା ଉପୁଜୁ ଥିବା ଦେଖାଦେଇଛି । ଟେଣ୍ଡର ନେଇଥିବା ଠିକା ସଂସ୍ଥାର ମନମାନୀ ଯୋଗୁଁ ୧୦ ଜଣ ଏହି କାର୍ଯ୍ୟ ରେ ନିୟୋଜିତ କର୍ମଚାରୀ ବନ୍ଦ ଭଳି କଠୋର ନିଷ୍ପତି ନେବା ଫଳରେ ହସ୍ପିଟାଲ ରୁ ବାହାରୁଥିବା ବର୍ଜ୍ୟ ବସ୍ତୁ ଓ ମଇଳା ଏଣେ ତେଣେ ପଡିବା ସହିତ ପୂତ ଗନ୍ଧମୟ ପରିବେଶ ରେ ସାଧାରଣ ରୋଗୀ ଅଣ ନିଶ୍ୱାସୀ ହୋଇ ପଡୁଛନ୍ତି । ପ୍ରତ୍ୟେକ ୱାର୍ଡ ଗୃହ ଓ ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇ ପଡିଛି । ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଗୋଷ୍ଠୀ ହୋଇଥିବାରୁ ଏଭଳି ପରିସ୍ଥିତି ଘଟୁଥିବ ବୋଲି ଆଲୋଚନା ହେଉଅଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହି ଗୁରୁତ୍ୱ ର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବୀ ହେଉଛି ।

ଚୌଦ୍ୱାରରେ ପବିତ୍ର କନ୍ୟା ପୂଜନ ଉତ୍ସବ ଅନୁଷ୍ଠିତ



ଟାଙ୍ଗୀ ଚୌଦ୍ୱାର, ୨୨/୧୦ (ଆ.ପ୍ର) : ନବରାତ୍ରି ଅବସରରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ ନଂ ୱାର୍ଡ ସ୍ଥିତ ଓଟିଏମ ଦୁର୍ଗା ବଜାର ଦୁର୍ଗା ସାହିରେ ଦୁର୍ଗାମାଙ୍କ ପୂଜା ବେଶ ଯାକଜମକର ପାଳିତ ହେଉଥିବା ବେଳେ ବିଜେପି ନେତା ସନ୍ତୋଷ ମହାନ୍ତିଙ୍କ ତରଫରୁ ଏକ ନିଆରା କନ୍ୟା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂନ୍ଧ୍ୟା ସମୟରେ ଓଟିଏମ ଦୁର୍ଗା ବଜାର ଆଖ ପାଖ ସାହି ବସ୍ତିର ପ୍ରାୟ ୧୦୦ଜଣ କୁନିକୁନି କନ୍ୟା ମାନଙ୍କୁ ନେଇ ଦୁର୍ଗା ମଣ୍ଡପ ନିକଟରେ ଏକ ଅସ୍ଥାୟୀ ମଣ୍ଡପ ଉପରେ କନ୍ୟା ମାନଙ୍କର ଗୋଡ଼ ହାତ ଧୋଇ ପୂଜା କରିବା ସହିତ ଉତରୀୟ ଦେଇ ମିଷ୍ଟାନ ବଂଟନ କରାଯାଇଥିଲା । ଚୌଦ୍ୱାର ପୌରପାଳିକା ଅଧୀନ ୮ ନଂ ୱାର୍ଡ ବିଜେପି ପାର୍ଥୀନୀ ଝୁନୁରାଣୀ ଦାସଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଚଳର ବହୁ ମୁରବି ଓ ନେତୃ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଓଡ଼ିଶା ଗୌରବ ଜାତୀୟ ସମ୍ମାନ-୨୦୨୬ ପାଇଲେ କଳାହାଣ୍ଡିର ଝିଅ ଡାକ୍ତର ଅଭିଷିକ୍ତକ୍ଷ ଦାସ

କଳାହାଣ୍ଡି, ୨୨/୧୦ (ଆ.ପ୍ର) : ଡ଼ାକ୍ତର ଅଭିଷିକ୍ତା ଦାସ ପାଇଲେ ଓଡିଶା ଗୌରବ ଜାତୀୟ ସମ୍ମାନ ୨୦୨୬ ଚଳିତ ମାସ ଗତ ୧୧ ତାରିଖ ଭୁବନେଶ୍ୱରର ହୋଟେଲ ମେଫେୟାର ଠାରେ ନେସନାଲ ଏକାଡେମୀ ଅଫ ସାକ୍ଷରତା ମିଶନ ତରଫରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ନୂଆପଡା ନିବାସୀ ସ୍ୱର୍ଗତ ଶିବଶଙ୍କର ଦାସ ଓ ରୀତାଞ୍ଜଳି ଦାସଙ୍କ ଏକ ମାତ୍ର କନ୍ୟା ଡ଼ାକ୍ତର ଅଭିଷିକ୍ତକ୍ଷ ଦାସଙ୍କୁ ସମ୍ମାନ ଜନକ ଓଡିଶା ଗୌରବ ଜାତୀୟ ସନ୍ମମାନ ୨୦୨୬ ପ୍ରଦାନ କରାଯାଇଛି । ଦାସ ଜଣେ ଦକ୍ଷ ଦାନ୍ତ ରୋଗ ବିଶେଷଜ୍ଞ ତଥା ସମାଜସେବି ମଧ୍ୟ ଜିଲ୍ଲାର ଦୁର୍ଗମ ଅଂଚଳରେ ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ସବୁ ଆୟୋଜନ କରି ଲୋକଙ୍କ ସେବା କରିଆସୁଛନ୍ତି । ତାସହ ବିଭିନ୍ନ ସମୟରେ ଶୀତ ବସ୍ତ୍ର ବାଂଟିବା ଛଡା ବାଂଟିବା ଗରିବଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ପରି ଜନସେବା କାର୍ଯ୍ୟକ୍ରମ ସବୁ କରିଆସୁଛନ୍ତି । ଦାସ ଏହି ସମ୍ମାନ ପାଇଲା ପରେ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ତାଙ୍କୁ ବିଭିନ୍ନ ସଂଗଠନ ତଥା ବ୍ୟକ୍ତି ବିଶେଷ ଶୁଭେଚ୍ଛା ବାର୍ତ୍ତା ଜଣାଉଛନ୍ତି । ତାଙ୍କ ସ୍ୱାମୀ ଅମିତ ମହାନ୍ତି, ଅଂଶୁମାନ ଦାସ ବିଶିଷ୍ଟ ସମାଜ ସେବି ଜୟନ୍ତ କୁମାର ବେହେରା, ସଂସ୍କୃତି ଗବେଷକ ଧାନକ୍ଷନନ୍ଦ ପଣ୍ଡା ଜାତୀୟ କଳାକାର ତରୁଣ ଦୁର୍ଗା କଳାହାଣ୍ଡି ଆର୍ଟ କଲେଜ ଅଧ୍ୟକ୍ଷ ଚିନ୍ତୁ ପ୍ରସାଦ ନାଏକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ବାଲିତୁଠରେ ୩୪ତମ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ରାବଣପୋଡ଼ି ଉତ୍ସବ



ଏରସମା, ୨୨/୧୦ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଂଚାୟତର ଦେବୀ ପଡ଼ିଆଠାରେ ୩୪ତମ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ରାବଣପୋଡ଼ି ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ସମଗ୍ର ଅଂଚଳ ଉତ୍ସବମୁଖର ହୋଇଉଠିଥିଲା । ଏହି ଉତ୍ସବରେ ବାଲିତୁଠ ପଂଚାୟତର ପୂର୍ବତନ ସରପଂଚ ବିଭୁରଞ୍ଜନ ସାମନ୍ତରାୟ ସଭାପତିତ୍ୱ କରିଥିଲେ । ସମ୍ପାଦକ ଶିଶିର ରଞ୍ଜନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରଶ୍ମିରଞ୍ଜନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହିରି କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମାର ବିଜେପି ନେତା ସତ୍ୟସାରଥୀ ମହାନ୍ତି ଯୋଗଦେଇଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ବାଲିତୁଠ ଅଂଚଳବାସୀ ଏକତା ଓ ଭାଇଚାରାର ମନୋଭାବ ନେଇ ଏହି ପର୍ବ ପାଳନ କରିବା ଏକ ଗର୍ବର ବିଷୟ । ରାବଣପୋଡ଼ି ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ଚିରନ୍ତନ ବିଜୟର ପ୍ରତୀକ । ମଣିଷ ନିଜ ମନରେ ଥିବା ରାବଣରୂପୀ କ୍ରୋଧ, ହିଂସା, ରାଗ, ଗର୍ବ ଓ ଅହଂକାରକୁ ଦୂର କରିପାରିଲେ ସମାଜରେ ଜଣେ ଭଲ ମଣିଷ ଭାବେ ପରିଚିତ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଏରସମା ବ୍ଲକ ଅଧ୍ୟକ୍ଷ ବିକାଶ କୁମାର ପରିଡ଼ା ଓ ୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ରହିଥିବା ବେଳେ ଅତିଥି ଭାବେ ବାଲିତୁଠ ସରପଂଚ ପ୍ରଫୁଲ୍ଲ କୁମାର ଦାସ ଓ ଚଟୁଆର ପୂର୍ବତନ ସରପଂଚ ସଞ୍ଜୟ କୁମାର ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବତନ ସମିତି ସଭ୍ୟ ପ୍ରକାଶ ପରିଡ଼ା, ଇଞ୍ଜିନିୟର ଦିବ୍ୟଜ୍ୟୋତି ତ୍ରିପାଠୀ, କୈଳାସ ଚନ୍ଦ୍ର ଦାସ, ଯୁବ ସମାଜସେବୀ ପ୍ରକାଶ ଚନ୍ଦ୍ର ପାଲ, ସୁରେଶ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ଶେଷ ହେବା ପରେ ମୁଖ୍ୟ ଅତିଥି ସତ୍ୟସାରଥୀ ମହାନ୍ତି ରାବଣ ପ୍ରତିମୂର୍ତ୍ତିରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ । ଏହାପରେ ଆତସବାଜି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ହଜାର ହଜାର ଦର୍ଶକ ଏହି ଉତ୍ସବକୁ ଉପଭୋଗ କରିଥିଲେ । ସ୍ଥାନୀୟ କୁଜଙ୍ଗ ପୋଲିସ ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଏହି ରାବଣପୋଡ଼ି ଉତ୍ସବ କେବଳ ଏକ ପାରମ୍ପରିକ ଆୟୋଜନ ନୁହେଁ, ବରଂ ଭାଇଚାରା, ଏକତା ଓ ସତ୍ୟର ବିଜୟର ବାର୍ତ୍ତା ବହନ କରିଥିଲା ।

ପୂର୍ବତନ କଉନସିଲର ତ୍ରିପତି ପାତ୍ରଙ୍କ ବିୟୋଗ

ପାରଳାଖେମୁଣ୍ଡି, ୨୨/୧୦ (ଆ.ପ୍ର) : ପାରଳାଖେମୁଣ୍ଡି ପୌର ପରିଷଦର ପୂର୍ବତନ କାଉନସିଲର ତଥା ନାୟରା ପେଟ୍ରୋଲ ପମ୍ପର ମାଲିକ ତ୍ରିପତି ପାତ୍ରଙ୍କ ବିଶାଖାପାଟଣା ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ବିୟୋଗ ଘଟିଛି । ତାଙ୍କର ଘର ପାରଳାଖେମୁଣ୍ଡି ସାନବ୍ରାହ୍ମଣସାହିରେ ଅବସ୍ଥିତ । ସେ ଜଣେ ସମାଜସେବୀ ଏବଂ ସମଭାବାପନ୍ନ ବ୍ୟକ୍ତି ହିସାବରେ ସମସ୍ତଙ୍କର ଜଣାଶୁଣା ଥିଲେ । ତାଙ୍କର ଅକାଳ ବିୟୋଗରେ ପାରଳାଖେମୁଣ୍ଡି ପୌରପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ ତଥା ସମସ୍ତ କାଉନସିଲର, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ , ହାଇଟେକ ହସପିଟାଲର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗଜପତି ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାଏକ, କଂଗ୍ରେସର ବରିଷ୍ଠ ନେତା ବସନ୍ତ ପଣ୍ଡା, ଅଭିମନ୍ୟୁ ପଣ୍ଡା ତଥା ଗଜପତି ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ ପ୍ରତିନିଧି ଦୁଃଖ ପ୍ରକାଶ କରିବାସହ ସେହି ଅମର ଆତ୍ମା ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାସହ ଦୁଃଖଦ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ନିମାପଡାରେ ପୂର୍ବତନ ଅଧ୍ୟକ୍ଷଙ୍କ ସ୍ମୃତି ଚାରଣ

ନିମାପଡା, ୨୨/୧୦ (ଆ.ପ୍ର) : ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁରସ୍ଥିତ ପ୍ରଫେସର ପଂଚାନନ ସାହୁଙ୍କ ବାସ ଭବନରେ ସ୍ୱର୍ଗତ ଅଧ୍ୟକ୍ଷ ପ୍ରଫେସର ପ୍ରହଲ୍ଲାଦ ମହାନ୍ତିଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଗୋପୀନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିଶ୍ର, ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀରଞ୍ଜନ କର,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ,ନିମାପଡା କଲେଜ ଆଲୁମିନ ସଂପାଦକ ବସନ୍ତ କୁମାର ପାତ୍ର, ପଣ୍ଡିତ ମୁରଲୀଧର ଭାରତୀ,ସମାଜସେବୀ ବନ ବିହାରୀ ଦାଶ, କାହ୍ନୁ ଚରଣ ବେହେରା, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଉପ-ସଭାପତି ବସନ୍ତ କୁମାର ଦାସ, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଡଃ କେଦାରନାଥ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ପ୍ରଫେସର ମହାନ୍ତି ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ବୋଲଗଡ ବେଗୁନିଆ କଲେଜ ଓ ନିଆଳୀ ମହାବିଦ୍ୟାଳୟରେ ଅଧ୍ୟକ୍ଷଭାବେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ। ସେ ଜଣେ ଶାନ୍ତ ସରଳ, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ବ୍ୟକ୍ତି ଥିଲେ । ଦିବଂଗତ ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୨୩ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଜି.ଉଦୟଗିରିରେ ମହାଆଡ଼ମ୍ବରରେ ଦୁର୍ଗାପୂଜା ଅନୁଷ୍ଠିତ

ଜି.ଉଦୟଗିରି, ୨୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରରେ ଚଳିତ ବର୍ଷ ଦୁର୍ଗାପୂଜା ମହାଆଡ଼ମ୍ବର ଓ ଉତ୍ସାହର ସହିତ ପାଳିତ ହେଉଥିବା ଦେଖିବାକୁ ମିଳିଛି ।ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ମା ଦୁର୍ଗାଙ୍କ ଆରାଧନା, ଭକ୍ତିମୟ ପରିବେଶ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସହରରେ ଦଶହରା ପର୍ବର ଆନନ୍ଦ ଦେଖିବାକୁ ମିଳିଥିଲା । ଏହି ଅବସରରେ ସହରର ବିଭିନ୍ନ ସ୍ଥାନକୁ ଆକର୍ଷଣୀୟ ଆଲୋକମାଳାରେ ସଜାଯାଇଥିବା ବେଳେ ଉତ୍ସବମୁଖର ହୋଇଉଠିଥିଲା ସମଗ୍ର ସହର । ଦୁର୍ଗାପୂଜା କମିଟିର ସଭାପତି ଅରୁଣ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟକ୍ରମ ସୁଚାରୁରୂପେ ଆୟୋଜିତ ହୋଇଥିଲା । ମା ଦୁର୍ଗାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସହର ସମେତ ଆଖପାଖ ଅଂଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସମାଗମ ହୋଇଥିଲା । ପୂଜା ମଣ୍ଡପରେ ଭକ୍ତିମୟ ପରିବେଶ ସହିତ ଲୋକଙ୍କ ମଧ୍ୟରେ ଉତ୍ସବର ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା । ଦଶହରା ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ବିଭିନ୍ନ ମନୋରଞ୍ଜନ ଧର୍ମୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୁଧବାର ଦିନ କମିଟି ପକ୍ଷରୁ ମହାଭାରତ ନାଟକ ଆୟୋଜନ କରାଯାଇଥିଲା । ଏହି ନାଟକ ମାଧ୍ୟମରେ ମହାଭାରତର ବିଭିନ୍ନ ପ୍ରସଙ୍ଗକୁ ମଂଚରେ ଉପସ୍ଥାପନ କରାଯାଇଥିଲା । ଏହା ଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ହୋଇଥିଲା ।ସେହିପରି ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରର ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକଙ୍କ ପାଇଁ ଅନ୍ୟତମ ଆକର୍ଷଣ ପାଲଟିବ ବୋଲି ଆଶା କରାଯାଉଛି । ପୂଜା ଆୟୋଜନରେ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗ ଓ ସକ୍ରିୟ ଭୂମିକା ରହିଥିଲା । କମିଟିର ଉପସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସମ୍ପାଦକ ଭେଙ୍କଟେଶ୍ୱର ବେହେରା, ସହସମ୍ପାଦକ ପ୍ରଶାନ୍ତ କୁମାର ମୁନୀ ଓ କୋଷାଧ୍ୟକ୍ଷ ସଞ୍ଜୟ କୁମାର ସୁବୁଦ୍ଧି କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ଆଚାର୍ଯ୍ୟ, ବିପିନ କୁମାର ମଲ୍ଲିକ, ନିରଞ୍ଜନ ପଣ୍ଡା, ରଘୁନାଥ ପତି, ଭୋକାଶଙ୍କର ସାମନ୍ତରାୟ, ଫିଟୁ ତ୍ରିପାଠୀ, ପ୍ରତାପ କୁମାର ପଣ୍ଡା, ନାରାୟଣ ମହାରଣା, ବାଳକୃଷ୍ଣ ବେହେରା, ବିଶେଶ୍ୱର ସାହୁ ଓ ସି.ଏଚ୍. ମହେଶ ପାତ୍ର ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସହରରେ ଦୁର୍ଗାପୂଜାକୁ ନେଇ ଦେଖାଦେଇଥିବା ଉତ୍ସାହ ଓ ଜନସମାଗମ ଧାର୍ମିକ ଭାବନା ସହିତ ସାମାଜିକ ଏକତାର ମଧ୍ୟ ପରିଚୟ ଦେଉଥିଲା । ଭକ୍ତି, ଆନନ୍ଦ ଓ ଭାଇଚାରାର ପରିବେଶ ମଧ୍ୟରେ ଜି.ଉଦୟଗିରିର ଦୁର୍ଗାପୂଜା ଉତ୍ସବ ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ରହିବ ।

ଦଶହରାରେ ବିଜୟ ଉତ୍ସବ ପାଳନ କରି ପିତ୍ରାଳୟକୁ ବାହୁଡିଲେ ମା' ଭଗବତୀ

ଚିଲିକାବାଣପୁର, ୨୨/୧୦ (ଆ.ପ୍ର) :ଜାନିଯାତ୍ରା ପର୍ବପର୍ବାଣୀରେ ଘରକୁ ନିମନ୍ତ୍ରଣ କରି ପର୍ବଶେଷରେ ସମ୍ମାନେ ଭଉଣୀମାନଙ୍କୁ ଭାଉଥର ଦେଇ ବିଦାୟ ଦେବା ମା'ଭଗବତୀଙ୍କ ମାନବୀୟ ଲୀଳାର ଏକ ବିଚିତ୍ର ପରମ୍ପରା କାହିଁ କେଉଁ କାଳରୁ ଚଳିଆସିଛି ଏହି ଶକ୍ତିପୀଠରେ । ବର୍ଷର ବିଭିନ୍ନ ସମୟରେ ଚାରିଦିଗକୁ ଯାତ୍ରା କରି ଶାରଦୀୟ ପର୍ବରେ ଯୋଗ ଦେବାକୁ ଚାରିଦିଗ ରକ୍ଷାକାରିଣୀ ମା' ସିଦ୍ଧେଶ୍ୱରୀ, ନାରାୟଣୀ, କାଳିଜାଇ, ବିରଜାଇଙ୍କ ସହିତ ପାଟେଶ୍ୱରୀ ବୁଢ଼ୀ ଠାକୁରାଣୀ, ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ସାଥିରେ ନେଇ ଦୀର୍ଘ ଷୋଳ ଦିନ ଧରି ପାଳନ କରୁଥିବା ଭିତର ପର୍ବ, ବାହାରପର୍ବର ଶେଷ ଉତ୍ସବ ବିଜୟାଦଶମୀ ଦଶହରାର ମଧ୍ୟରାତ୍ରରେ ଶେଷ ହୋଇଛି । ପ୍ରାଚୀନ ବଙ୍କାଡ଼ଗଡ଼ ଅଧୁନା ବାଣପୁର ରାଜ୍ୟର ସାମାଜିକ ଚଳଣି ଲୋକ ପରମ୍ପରାକୁ ଆଧାର କରି ଏହି ପୀଠରେ ପ୍ରଚଳିତ ସମସ୍ତ ଜାନିଯାତ୍ରା ପର୍ବପର୍ବାଣୀ ସବୁ ମା' ଭଗବତୀଙ୍କ ମାନବୀୟ ଲୀଳାର ଅନନ୍ୟ ପରମ୍ପରା ଭାବରେ ଅନୁଭବ କରିହୁଏ । ଏହି ଅନୁସାରେ ଦଶହରାର ମଧ୍ୟରାତ୍ରରେ ମା' ଭଗବତୀ କାଠିଠାକୁରାଣୀ ତିନି ଭଉଣୀ ନାରାୟଣୀ, କାଳିଜାଇ ଓ ବୁଢ଼ିଠାକୁରାଣୀଙ୍କ ବିଗ୍ରହର ପ୍ରତୀକ ଆଜ୍ଞାମାଳକୁ ସସମ୍ମାନେ ମେଲାଣି ଦେଇ ଅଟ ପହୁଆରରେ ମା'ବିରଜାଇ, ଗଡ଼ଦେବୀ ମା'କନକଦୁର୍ଗାଙ୍କ ଚଳନ୍ତି ପ୍ରତିମାଙ୍କୁ ସାଥିରେ ନେଇ ନିଜ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ଯାତ୍ରା ପଥରେ ଦ୍ୱାପର ଯୁଗର ଯୋଗମାୟା ଭଗବତୀଙ୍କ ଅପାରଶକ୍ତି ବଳରେ ମଥୁରା ବିଜୟ ସ୍ମୃତିକୁ ସମ୍ମାନ ଜଣାଇ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ମଧ୍ୟ ମା'ଙ୍କ ସାଥିରେ ସାମିଲ୍ ହୋଇ ଯାତ୍ରା କରିଥିଲେ । ଶାରଦୀୟ ପର୍ବରେ ଆସୁରିକ ଶକ୍ତିକୁ ପରାହତ କରି ସଂସାରକୁ ଅସୀମ ଶକ୍ତି ଶ୍ରଦ୍ଧା, ସୁଖ ଶାନ୍ତି ପ୍ରଦାନ କରି ବିଜୟାଦଶମୀରେ ବିଜୟ ଉତ୍ସବ ପାଳନ କରି ଆନନ୍ଦ ଉଲ୍ଲାସ ମନରେ ସ୍ୱମନ୍ଦିରକୁ ଫେରିଥିବା ତିନି ଭଉଣୀଙ୍କ ସହିତ ଶ୍ରୀ ଶ୍ରୀ ମଦନମୋହନଙ୍କୁ ଏକତ୍ର ସ୍ୱାଗତ କରିବାପାଇଁ ମନ୍ଦିର ନିଯୋଗୀ ସେବାୟତଙ୍କ ତରଫରୁ ଯଥୋଚିତ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ସମ୍ମୁଖରେ ଦେବୀମାନଙ୍କ ଉପବେଶନ ପାଇଁ ସ୍ୱତନ୍ତ୍ର ଆସନ ପକାଯାଇଥିଲା । କାଠିନାହାକ କାଠିଠାକୁରାଣୀଙ୍କୁ ଉକ୍ତ ଆସନରେ ଉପବେଶନ କରାଇବା ପରେ ପରମ୍ପରାକ୍ରମେ ବିଶିଷ୍ଟ ଶାକ୍ତପୂଜକ ଶ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତ ବାମନବ୍ରତ ଦାଶ ଦେବା ଦେବୀମାନଙ୍କୁ ଆବାହନ ସଂସ୍ଥାପନ କରି ପଂଚ ଉପଚାରରେ ପୂଜା କରିବା ପରେ ଆଳତୀ ବନ୍ଦାପନା ବଢ଼ାଇ ଦେବାଦେବୀଙ୍କୁ ମନ୍ଦିର ପ୍ରବେଶ ପୂର୍ବରୁ ଶୁଦ୍ଧପୂତ କରିବାକୁ ଅଗ୍ନି ଉତ୍ସବ କରିଥିଲେ । ଘଂଟା ଘଂଟ କାହାଳୀ ମାଦଳ ଢୋଲ ବାଦ୍ୟ ସହିତ ମା'ଙ୍କ ଜୟଜୟକାର ଧ୍ୱନୀ ହୁଳହୁଳି ଶବ୍ଦରେ ମନ୍ଦିର ସମ୍ମୁଖ ମୁଖରୀତ ହୋଇପଡ଼ିଥିଲା । ଶେଷରେ ଦେବୀମାନେ ଅଗ୍ନିସ୍ପର୍ଶ କରି ମନ୍ଦିରକୁ ପ୍ରବେଶ କରିବା ପରେ ଶ୍ରୀପତିତପାବନ ଦେବ ମାତୃଶକ୍ତିଙ୍କୁ ବିଦାୟ ଜଣାଇ ନିଜ ମନ୍ଦିରକୁ ଫେରିଯାଇଥିଲେ ।ମା'ଭଗବତୀ ମନ୍ଦିର ନିଯୋଗୀ ସେବାୟତଙ୍କ ତରଫରୁ ମନ୍ଦିର ସମ୍ମୁଖରେ ଖଇକୋରା, ଘଷା ବିଡ଼ିଆ,ବୁନ୍ଦିଆ, ରସଗୋଲା, ଫଳମୂଳ ନାନାଦି ନୈବେଦ୍ୟ ଦେବା ଦେବୀଙ୍କୁ ଅର୍ପଣ ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା । ମା' ବିରଜାଇ କାଠିଠାକୁରାଣୀ ବର୍ଷସାରା ଭଗବତୀ ମନ୍ଦିର ନାଟମଣ୍ଡପ ପାଖରେ ଅବସ୍ଥାନ କରୁଥିବା ବେଳେ ବର୍ଷର ଏହି ଗୋଟିଏ ଦିନ ମା'କନକ ଦୁର୍ଗା ବିମାନରେ ବିଜେ କରି ଭଉଣୀ ଭଗବତୀଙ୍କ ମନ୍ଦିରରେ ଦଶହରା ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଂଚଦିନ ଅବସ୍ଥାନ କରି ଶ୍ରଦ୍ଧାଳୁମାନଙ୍କୁ ଏକତ୍ର ଦର୍ଶନ ଦେବେ । କୁମାର ପୂର୍ଣ୍ଣିମୀ ଦିନ ମା' ଭଗବତୀ ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବା ବେଳେ ମଧ୍ୟରାତ୍ରରେ ମା'କନକ ମଧ୍ୟରାତ୍ରରେ ସହିତ ଶାରଦୀୟ ପର୍ବର ଆଦ୍ୟ ସେବକ ନରବଳୀର ପ୍ରତୀକ ବଳି ଜେନାଙ୍କ ସହିତ ଲଉଡ଼ି ଖେଳ ଅନୁଷ୍ଠିତ ହେବ । ଖେଳରେ ହାରି ଜାଇ ବଳିଜେନା ପୁନର୍ବାର ଆଗାମୀ ବର୍ଷର ଶାରଦୀୟ ପର୍ବରେ ଯୋଗ ଦେଇ ନିଜସେବା ଯୋଗାଇ ଦେବାର ସଂକଳ୍ପ କରି ଅନ୍ଧକାର ମଧ୍ୟରାତ୍ରରେ ଲୋକଲୋଚନର ଆଢୁଆଳରେ ଅମୁହା ଆଢୁଆଳରେ ଏକା ଏକା ନିଜ ଗ୍ରାମ ଅଭିମୁଖେ ଯାତ୍ରା କଲାବେଳେ ତାଙ୍କ ଆଗରେ କେହି ପଡନ୍ତି ନାହିଁ ବୋଲି ବିଶ୍ୱାସ ଅଛି । ରାତ୍ରୀର ଶେଷ ପ୍ରହରରେ ମନ୍ଦିର ଭିତରେ ସବୁ ନୀତିକାନ୍ତି ସାରି ଦୁଇ ଭଉଣୀ ବିରଜାଇ, କନକ ଦୁର୍ଗାଙ୍କୁ ନିଜ ମନ୍ଦିର ଭିତରେ ଛାଡ଼ିଦେଇ ମା' ଭଗବତୀ କାଠି ଠାକୁରାଣୀ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କାଳରେ ବାଣପୁର ରଘୁନାଥପୁରର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଦେବ ତ୍ରେତୟାରେ ରାମଚଣ୍ଡୀ ମା'ଭଗବତୀଙ୍କ ଅପାର ଶକ୍ତି ସାହାଯ୍ୟରେ ଲଙ୍କା ବିଜୟ ସ୍ମୃତିକୁ ସମ୍ମାନ ଜଣାଇ ଅଟପହୁଆରରେ ଯାଇଁ ମା'ଙ୍କୁ ଅର୍ଦ୍ଧ ବାଟରୁ ପାଛୋଟି ଆଣି ନିଜ ମନ୍ଦିରରେ କିଛି ସମୟ ପାଇଁ ଅବସ୍ଥାନ କରାଇ ମନ୍ଦିର ତରଫରୁ ପ୍ରସ୍ତୁତ ପ୍ରସିଦ୍ଧ ଅଧର ମୁଆଁ ଖଇକୋରା, ଘଷା ବିଡ଼ିଆ, ବୁନ୍ଦି, ରସଗୋଲା ଆଦି ଶୀତଳ ମଣୋହି କରିବା ପରେ ଶ୍ରୀରଘୁନାଥ ଦେବ ମା'ଭଗବତୀଙ୍କୁ ସସମ୍ମାନେ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱର ମନ୍ଦିର ନିକଟରେ ଛାଡ଼ି ଆସିବା ପରେ ମା' ରାତ୍ର ପହୁଡ଼ ଯାଇଥିଲେ ।

ଦିବ୍ୟ ଦର୍ଶନ ସଂଘ ଗୁଣପୁର ଶାଖାର ନୂତନ କମିଟି ଗଠିତ

ଗୁଣପୁର, ୨୨/୧୦ (ଆ.ପ୍ର) : ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଦ୍ୱାରା ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘର ଗୁଣପୁର ଶାଖା ଆନୁକୂଲ୍ୟରେ ଜ୍ଞାନ ମନ୍ଦିର ପରିସରରେ ଏକ ଦିବ୍ୟ ସତ୍‌ସଙ୍ଗ ଆୟୋଜିତ ହୋଇଥିଲା । ଏହି ଅବସରରେ ସଦ୍‌ଗୁରୁଦେବଙ୍କ ଗୁରୁବାଣୀ ପଠନ ଓ ଆଲୋଚନା ପରେ ସଂଘର କେନ୍ଦ୍ରୀୟ କମିଟିର ନିର୍ଦ୍ଦେଶ ଅନୁଯାୟୀ ଗୁଣପୁର ଶାଖାର ନୂତନ କମିଟି ଗଠନ କରାଯାଇଥିଲା । ନୂତନ କମିଟିରେ ହରିହର ସ୍ୱାଇଁ ସଭାପତି, ଶଙ୍ଖଶୁଭ୍ରା ପାଢ଼ୀ ଉପସଭାପତି, ବିଦୁର ପଣ୍ଡା ସମ୍ପାଦକ, ଦେବୀ ଶବର ସହସମ୍ପାଦକ, ପେଡିନା ଗୋପାଳ ରାଓ କୋଷାଧ୍ୟକ୍ଷ ଏବଂ ଦଳପତି କାର୍ଜୀ ଗ୍ରନ୍ଥାଗାର ରକ୍ଷକ ଭାବେ ମନୋନୀତ ହୋଇଥିଲେ । ସେହିପରି ଶାଖାର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ସହ ଗୁରୁଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ଧନଞ୍ଜୟ ବେହେରା ଏବଂ ଶୋଭାବତୀ ପାଲକାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ନବଗଠିତ କମିଟିର ସଦସ୍ୟମାନଙ୍କୁ ଗୁରୁଆଜ୍ଞା ପାଳନ ଓ ନିଜ ଦାୟିତ୍ୱ ନିଷ୍ଠାର ସହ ତୁଲାଇବା ପାଇଁ ଦିବ୍ୟ ଦର୍ଶନ ସଂଘର ଗୁରୁତୀର୍ଥ ଗୁଡ଼ିଆ ଶାଖାର ସମ୍ପାଦକ ଶ୍ରୀ ଜଗନ୍ନାଥ ଦାସ ଶପଥ ପାଠ କରାଇଥିଲେ । ସମସ୍ତେ ଏକତ୍ରିତ ହୋଇ ଗୁରୁକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ବ୍ୟକ୍ତିଗତ ଉନ୍ନତି ସହ ସମାଜର ମଙ୍ଗଳ ସାଧନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ଶିବରାମ ପ୍ରସାଦ ଶବର, ବନିତା ଶବର, ଉର୍ମିଳା ମୁଦୁଲୀ, ଶ୍ରୀଦେବୀ ମୁଦୁଲୀ, ମାଝୀ ଶବର, ଏମ୍. ପଦ୍ମା, ବନ୍ଧୁ ଶବର, ସ୍ୱର୍ଣ୍ଣ କଣ୍ଡା ଗୋରୀ, ଡମ୍ବରୁ ଦୃଷ୍ଟି, ଯାଦବ ବେହେରା, ଟୁନା ଶବରଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଗୁରୁଭାଇ ଓ ଗୁରୁଭଉଣୀମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ ।

ବାର୍‌ହା ମାଂସ ଜବତ ଦୁଇ ଗିରଫ

ପାତ୍ରପୁର, ୨୨/୧୦ (ଆ.ପ୍ର) : ସାମନ୍ତିଆପୁଲୀ ରେଞ୍ଜ ଅଧୀନ ଡୁରୁବୁଡି ବନାଂଚଳ ବୁଡ଼ାଗଡ଼ ନିକଟରେ ବାଇକ ଯୋଗେ ବାରହା ମାଂସ ଧରି ବିକ୍ରି ଉଦ୍ଦେଶ୍ୟରେ ଯାଉଥିବା ବେଳେ ଦୁଇ ଜଣଙ୍କୁ ବନ ବିଭାଗ ଗିରଫ କରିଥିବା ଜଣା ପଡିଛି । ଗିରଫ ଦୁଇ ଜଣ ହେଲେ ବେଲପଡା ଗ୍ରାମର ଭୈର ସେଠି ଓ ଲକ୍ଷଣ ସାହୁ । ସେମାନଙ୍କ ନିକଟରୁ ଓଆର ୦୭ ଡାବ୍ଲୁ ୩୭୫୩ ବାଇକ ସହ ମାଂସ ଜବତ ହୋଇଥିବା ବେଳେ ଓଆର କେଶ ନମ୍ବର ୧୫୫/୨୬ ପ୍ରକାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂତ୍ରରୁ ଜଣା ପଡିଛି ।

ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

ପୁରୀ, ୨୨/୧୦ (ଆ.ପ୍ର) : ବୁଧବାର ସକାଳେ ପୁରୀ ପୋଲିସ ପକ୍ଷରୁ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଇ ଦେଶ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ନିଜର ପ୍ରାଣବଳି ଦେଇଥିବା ବୀର ପୋଲିସ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶହୀଦମାନଙ୍କର ଅଦମ୍ୟ ସାହସ, ନିଃସ୍ୱାର୍ଥ ତ୍ୟାଗ ଓ ଅତୁଟ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ । ସେମାନଙ୍କ ମହାନ ବଳିଦାନରୁ ପ୍ରେରଣା ଗ୍ରହଣ କରି ଜନସାଧାରଣଙ୍କ ସୁରକ୍ଷା, ଶାନ୍ତି ଓ ଆଇନଶୃଙ୍ଖଳା ରକ୍ଷା ଦିଗରେ ନିଷ୍ଠା ଓ ସମର୍ପଣ ଭାବନାର ସହ କାର୍ଯ୍ୟ କରିବାକୁ ପୁରୀ ପୋଲିସ ପ୍ରତିବଦ୍ଧ ବୋଲି ପୁରୀ ପୋଲିସ ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

ପର୍ଲା ମାନପୁରୀଆଣି ଦେବୀଙ୍କ ଖଣ୍ଡାଧୁଆ ମଶାଲ ଯାତ୍ରା

ଧର୍ମଗଡ, ୨୨/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ଠାରେ ଗ୍ରାମ୍ୟ ଦେବୀ ମାଁ ମାନ ପୁରୀଆଣି ଦେବୀଙ୍କ ଚତୁର୍ଥ ତମ ଖଣ୍ଡାଧୁଆ ମଶାଲ ଯାତ୍ରା ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରଥମେ ଦେବୀଙ୍କ ଖଣ୍ଡା ଗ୍ରାମ ଗୋନ୍ତିଆଙ୍କ ଘରୁ ପୁଝାରି ଘରକୁ ଯାଇ ସ୍ଥାପିତ ହୋଇ ରୀତିନୀତି ଅନୁସାରେ ଗ୍ରାମର ପୋଖରୀକୁ ଖଣ୍ଡା ଧୋଇନେଇ ସେଠାରୁ ଗ୍ରାମ୍ୟ ଝାଙ୍କର ଘରକୁ ଆସିଥାଏ । ମାଁ ମାନ ପୁରୀଆଣି ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଗୋନ୍ତିଆ ପ୍ରବୀଣ କୁମାର ଦାସ ଓ ତାଙ୍କ ପରିବାର, ସୁଶାନ୍ତ ଦାସ, ମୁଙ୍ଗଲି କୁମାର ଦାସ, ଶମ୍ଭୁ ପ୍ରସାଦ ଦାସ, ବିଜୟ କୁମାର ଦାସ, ସାରଦା ଦାସ, ସୁଜିତ ଦାସ, ମନୋଜ ଦାସଙ୍କୁ ମୁକୁଟ ପିନ୍ଧାଇ ବାଜା, ରୋଷଣ ବଜାଇ ମନ୍ଦିରକୁ ଅଣା ଯାଇଥିଲା । ପରେ ଗୋନ୍ତିଆ ମଶାଲ ଗ୍ରହଣ କରି ନିମନ୍ତ୍ରଣ ଅତିଥି, ଗ୍ରାମବାସୀ ସହ ବାଜା, ନିଶାନ, ମାଦଳି, ଡେମ୍ସା ନାଚ, ଘୁମୁରା ଏଭଳି ବିଭିନ୍ନ ସାଂସ୍କୃତିକ ଦଳ ସହ ପରିକ୍ରମା କରି ମନ୍ଦିରକୁ ଆସିଥାନ୍ତି । ପରେ ସନ୍ଧ୍ୟାରେ ଗ୍ରାମ୍ୟ ଝାଙ୍କର ଘରୁ ଖଣ୍ଡା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ହୋଇଥାଏ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ, ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ମନୋଜ ପଟଯୋଶୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରି ମାଙ୍କ ଆଶୀର୍ବାଦ ଲାଭ କରି ମଶାଲ ଯାତ୍ରାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଚିରଞ୍ଜିବ ଡ୍ୟାନ୍ସ ଓ କଟପା ଗ୍ରୁପ ବଲାଙ୍ଗୀର, ସାନ ତେରଗାଁ ଘଂଟ ଦଳ, ଡେମସା ନାଚ ନବରଙ୍ଗପୁର, ଏସ.ଏନ ଇଭେଂଟ ଭାଲୁ ବୋଡ୍ରେନ, ଚାନ୍ଦାହାଣ୍ଡି ମାଦଳି, ପର୍ଲା, କାଦୋମାଲ ବନାବାଡି ଓ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ପୂଜା କମିଟି ବିଜନ ଦାସ, ସୁଧୀର ବାଗ, ଡିଲେ ସାହୁ, ନବୀନ ଦାସ, ଲକ୍ଷ୍ମୀଜ୍ୟୋତି ଜାଲ, ସୁଧୀର ଗୋପାଳ, ଅବି ସୁନାନୀ, ନିଳାଂଚଳ ସେଠିଆ, ସେତୁରାମ ଭକ୍ତ, ସେସିଆ ଛାତୀ, ଧନିରାମ ଗୋପାଳ, ଦୁଷ୍ମନ୍ତ ନାଏକ, ଗୁଣଧର ବୋଡ୍‌କିଆ, କୁମୁଦ ବୋଡ୍‌କିଆ, ବାବୁଲି ଦାସ, ମଳୟ ଲିମଗୋଛିଆ, ଚିନ୍ମୟ ଦାସ, ରୀଙ୍କୁ ଦାସ ଓ ବିଭିନ୍ନ କ୍ଲବ ର କର୍ମକର୍ତ୍ତା ,ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ ।

ଦିନକୁ ଦିନ ବଢୁଛି ହାଇୱା ସିଣ୍ଡିକେଟ୍ ବିବାଦସମାଧାନ ନହେଲେ ଗାଡ଼ି ଚଳାଚଳ ବନ୍ଦ କରିବାକୁ ଚେତାବନୀମାଲ ପରିବହନରେ ପାତରଅନ୍ତର ଅଭିଯୋଗ, ଋଣ କିସ୍ତି ପରିଶୋଧ ଚିନ୍ତାରେ ଗାଡ଼ି ମାଲିକ

ବାସୁଦେବ ପୁର, ୨୨/୧୦ (ଆ.ପ୍ର) : ଦିନ ଜଟିଳ ହେବାରେ ଲାଗିଛି ହାଇୱା ସିଣ୍ଡିକେଟ୍ ବିବାଦ । ମାଲ ପରିବହନ କାର୍ଯ୍ୟକୁ ନେଇ ଗାଡ଼ି ମାଲିକଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷ ଏବେ ଧୀରେ ଧୀରେ ତୀବ୍ର ରୂପ ନେଉଛି । ପରିବହନ କାର୍ଯ୍ୟରେ ସମସ୍ତ ଗାଡ଼ି ମାଲିକଙ୍କୁ ସମାନ ସୁଯୋଗ ମିଳୁନଥିବା ଏବଂ କିଛି ଗାଡ଼ି ମାଲିକ ଅଧିକ ଭଡ଼ା ପାଉଥିବା ବେଳେ ଅନ୍ୟମାନେ କାମରୁ ବଂଚିତ ହେଉଥିବା ନେଇ ଅଭିଯୋଗ ଉଠିଛି । ଏହାକୁ କେନ୍ଦ୍ର କରି ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଗାଡ଼ି ଚଳାଚଳ ବନ୍ଦ କରିବାକୁ ଅସନ୍ତୁଷ୍ଟ ଗାଡ଼ି ମାଲିକମାନେ ଚେତାବନୀ ଦେଉଛନ୍ତି । ଅଭିଯୋଗ ଅନୁଯାୟୀ, ଧାମରା ଟ୍ରକ ଟିପର କଇଥଖୋଲା ଆସୋସିଏସନ୍ ପକ୍ଷରୁ ମାଲ ପରିବହନ ପାଇଁ ଆସୁଥିବା କାର୍ଯ୍ୟ ଓ ଟାର୍ଗେଟ୍ ସମ୍ପର୍କରେ ସମସ୍ତ ଗାଡ଼ି ମାଲିକଙ୍କୁ ସମାନ ଭାବେ ସୂଚନା ଦିଆଯାଉନାହିଁ । କିଛି ଗାଡ଼ି ମାଲିକ ନିଜ ଇଚ୍ଛା ଅନୁଯାୟୀ ପରିବହନ କାର୍ଯ୍ୟ ପାଉଥିବା ବେଳେ ଅନ୍ୟ ମାଲିକମାନେ ଦୀର୍ଘ ସମୟ ଧରି କାମ ନପାଇ ଗାଡ଼ି ବିକି ବାକୁ ବାଧ୍ୟ ହେଉଛନ୍ତି । ଏହାଦ୍ୱାରା ପରିବହନ ବ୍ୟବସାୟରେ ସ୍ୱଚ୍ଛତା ଓ ସମାନ ସୁଯୋଗକୁ ନେଇ ପ୍ରଶ୍ନ ଉଠିଛି । ଗାଡ଼ି ମାଲିକଙ୍କ କହିବା ଅନୁଯାୟୀ, ହାଇୱା ଗାଡ଼ି କିଣିବା ପାଇଁ ଅନେକ ଯୁବକ ବ୍ୟାଙ୍କ, ଅର୍ଥ ଲଗାଣକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କଠାରୁ ଋଣ ଆଣିଛନ୍ତି । କେତେକ ଯୁବକ ସୁଧରେ ଟଙ୍କା ଆଣି ନିଜର ଜୀବିକା ଗଢ଼ିବା ଆଶାରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ଗାଡ଼ି ଚଳାଚଳ କଲେ ଭଡ଼ା ମିଳିବ, ସେଥିରୁ ଡିଜେଲ୍ ଖର୍ଚ୍ଚ, ଡ୍ରାଇଭରଙ୍କ ଦରମା, ରକ୍ଷଣାବେକ୍ଷଣ ଓ ଋଣର କିସ୍ତି ପୈଠ କରିବା ସହ ପରିବାର ଚଳାଇବା ସମ୍ଭବ ହେବ ବୋଲି ସେମାନେ ଆଶା ରଖିଥିଲେ । ହେଲେ ନିୟମିତ ଭଡ଼ା ନମିଳିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଏବେ ଦୁର୍ବଳ ହେବାରେ ଲାଗିଛି । ପରିବହନ କାର୍ଯ୍ୟ ନମିଳିବା ଯୋଗୁଁ ଗାଡ଼ିର ମାସିକ କିସ୍ତି ପୈଠ କରିବା ଅନେକ ମାଲିକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । କିସ୍ତି ଦେବାରେ ବିଳମ୍ବ ହେବାରୁ ଅର୍ଥଲଗାଣକାରୀ ସଂସ୍ଥା ଗାଡ଼ି ନେଇଯାଉଥିବା ନେଇ ମଧ୍ୟ ନଜର ଆସିଛି । ଗୋଟିଏ ପଟେ ଗାଡ଼ିର ଋଣ ଚାପ, ଅନ୍ୟପଟେ ଦୈନନ୍ଦିନ ଖର୍ଚ୍ଚ ଓ ପରିବାର ପ୍ରତିପୋଷଣର ଚିନ୍ତା ଗାଡ଼ି ମାଲିକଙ୍କୁ ମାନସିକ ଓ ଆର୍ଥିକ ଚାପରେ ପକାଉଛି । ଯେଉଁ ବ୍ୟବସାୟକୁ ଆଧାର କରି ବେକାର ଯୁବକମାନେ ଆତ୍ମନିର୍ଭରଶୀଳ ହେବାକୁ ସ୍ୱପ୍ନ ଦେଖିଥିଲେ, ସେହି ବ୍ୟବସାୟ ଏବେ ସେମାନଙ୍କ ପାଇଁ ସମସ୍ୟାର କାରଣ ହେବାରେ ଲାଗିଛି । ଏହି ସମସ୍ୟା ସମ୍ପର୍କରେ କଇଥଖୋଲା ଆସୋସିଏସନ୍‌କୁ ଅବଗତ କରାଯାଇଥିଲେ ମଧ୍ୟ ଆଶାନୁରୂପ ସମାଧାନ ମିଳିନଥିବା ଅସନ୍ତୁଷ୍ଟ ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି । ଯଦି ସଂଘ ପକ୍ଷରୁ ସମସ୍ତ ଗାଡ଼ି ମାଲିକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ନିରପେକ୍ଷ ଭାବେ ପରିବହନ କାର୍ଯ୍ୟ ବଂଟନ କରାଯାଏ, ତେବେ ବିବାଦର ସମାଧାନ ସମ୍ଭବ ହୋଇପାରିବ ବୋଲି ସେମାନଙ୍କ ମତ । ଅନ୍ୟପଟେ, ସଂଘର କିଛି ପଦପଦବୀରେ ଥିବା ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଅଧିକ ପରିବହନ କାର୍ଯ୍ୟ ଓ ଭଡ଼ା ମିଳୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି । ସମ୍ପର୍କ ଆଧାରରେ କିଛି ଗାଡ଼ିକୁ ଅଧିକ ସୁଯୋଗ ଦିଆଯାଉଥିବା ବେଳେ ଅନ୍ୟ ଗାଡ଼ି ମାଲିକମାନେ ଉପଯୁକ୍ତ କାମ ପାଉନଥିବା ଅଭିଯୋଗକାରୀମାନେ କହିଛନ୍ତି । ଏହାଦ୍ୱାରା ସଂଘର କାର୍ଯ୍ୟପ୍ରଣାଳୀ ଓ ପରିବହନ କାର୍ଯ୍ୟ ବଂଟନରେ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଯାଂଚ ହେବା ସହ ସଂଘର ପକ୍ଷ ମଧ୍ୟ ସାମ୍ନାକୁ ଆସିବା ଆବଶ୍ୟକ । ସେହିପରି, ପୂର୍ବରୁ ଜୟ ପରିମାଣରେ ଅଂଚଳରେ ଗାଡ଼ି ଭଡ଼ା ମିଳୁଥିବା ବେଳେ ଏବେ ସେହି କାର୍ଯ୍ୟ ବନ୍ଦ ହୋଇଯାଇଥିବା ନେଇ ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରଭାବରେ ଅନେକ ଗାଡ଼ି ମାଲିକଙ୍କ ରୋଜଗାର ହ୍ରାସ ପାଇଛି । ଗାଡ଼ି କିଣିବା ପାଇଁ ନିଆଯାଇଥିବା ଋଣ ପରିଶୋଧ କରିବା ସହ ବ୍ୟବସାୟକୁ ଟିକେଇ ରଖିବା ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଏପରି ପରିସ୍ଥିତିରେ ହାଇୱା ସିଣ୍ଡିକେଟ୍ ବିବାଦର ସମାଧାନ ପାଇଁ ସମସ୍ତ ପକ୍ଷ ଆଗକୁ ଆସିବା ଜରୁରୀ ହୋଇପଡ଼ିଛି । ଗାଡ଼ି ମାଲିକଙ୍କ ଅଭିଯୋଗ ଶୁଣିବା ସହ ପରିବହନ କାର୍ଯ୍ୟର ବଂଟନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା, ଭଡ଼ା ସମ୍ପର୍କିତ ତଥ୍ୟ ସମସ୍ତଙ୍କୁ ଜଣାଇବା ଏବଂ ସମସ୍ତଙ୍କୁ ନ୍ୟାୟସଙ୍ଗତ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏଥିସହ ସଂଘ କର୍ମକର୍ତ୍ତା, ଗାଡ଼ି ମାଲିକ ଓ ପ୍ରଶାସନ ମଧ୍ୟରେ ଏକ ଆନୁଷ୍ଠାନିକ ବୈଠକ ଆୟୋଜନ କରି ସମସ୍ୟାର ସମାଧାନ ଖୋଜିବାକୁ ଦାବି ହେଉଛି ।ଗାଡ଼ି ଚଳାଚଳ ବନ୍ଦ ହେଲେ କେବଳ ଗାଡ଼ି ମାଲିକ ନୁହନ୍ତି, ଡ୍ରାଇଭର, ହେଲପର ଓ ପରିବହନ ସହ ଜଡ଼ିତ ଅନ୍ୟ ବ୍ୟବସାୟୀମାନେ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ମାଲ ପରିବହନ ବାଧାପ୍ରାପ୍ତ ହେଲେ ସମ୍ପୃକ୍ତ ବ୍ୟବସାୟ ଓ ଶ୍ରମଜୀବୀଙ୍କ ରୋଜଗାର ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ । ତେଣୁ ସମସ୍ୟାକୁ ଅଧିକ ଜଟିଳ ହେବାକୁ ନଦେଇ ଆଲୋଚନା ମାଧ୍ୟମରେ ସମାଧାନ କରିବା ହିଁ ସମସ୍ତଙ୍କ ସ୍ୱାର୍ଥରେ ରହିବ । ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ହାଇୱା ପରିବହନ କାର୍ଯ୍ୟରେ ଅସନ୍ତୋଷ କେବେ ଦୂର ହେବ ? ଗାଡ଼ି ମାଲିକଙ୍କୁ କେବେ ସମାନ ସୁଯୋଗ ମିଳିବ? ଋଣ ଓ କିସ୍ତି ଚାପରେ ଥିବା ଯୁବକମାନେ କେବେ ଆଶ୍ୱସ୍ତ ହେବେ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଏବେ ଯାଏ କଇଥଖୋଲା ସଂଘର ପଦକ୍ଷେପ ଓ ପ୍ରଶାସନର ହସ୍ତକ୍ଷେପ ଉପରେ ନିର୍ଭର କରୁଛି । ଶୀଘ୍ର ସମାଧାନର ବାଟ ନବାହାରିଲେ ଗାଡ଼ି ଚଳାଚଳ ବନ୍ଦ ହେବାର ଚେତାବନୀ ଦେଇଥିବା ଗାଡ଼ି ମାଲିକଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର । ଆଗମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଅବୋହଳିତ ଟ୍ରକ ମାଲିକ ମାନେ ଚତାବନି ଦେଇଛନ୍ତି, ଓ କଇଥଖୋଲା ଆସୋସେଶନ ସବୁ ଗାଡି ଅଟକ ରଖିବେ ବୋଲି ଚେତାବନି ଦେଇଛନ୍ତି ।

ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର, ୨୨/୧୦ (ଆ.ପ୍ର) : ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅନ୍ତର୍ଗତ ଅଇଁଲାସାରିଠାରେ ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଭକ୍ତିମୟ ଓ ଉତ୍ସବମୁଖର ପରିବେଶରେ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବ ଅଂଚଳର ଧାର୍ମିକ ଆସ୍ଥା, ପରମ୍ପରା ଓ ଲୋକସଂସ୍କୃତିର ଏକ ନିଆରା ପରିଚୟ ସୃଷ୍ଟି କରିଛି । ଲାଲମୋହନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ, ଯୁବନେତା ନିହାର ରଞ୍ଜନ ବେହେରା, ବିଜେଡି ନେତା ଲକ୍ଷ୍ମଣ ମେହେର, ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତିନ ପଟେଲ, ସରପଂଚ ସଂଘ ସଭାପତି, ସରପଂଚ ମଦନା ବେହେରା, ସମିତି ସଭ୍ୟା ସସ୍ମିତା ସାହୁ, କବିରାଜ ଭୋଇ ଏବଂ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ ।ଏହି ଅଂଚଳର ଆରାଧ୍ୟା ଦେବୀ ମା' ସାଉନ୍ତେଶ୍ୱରୀଙ୍କ ସମେତ ବୁଢ଼ାରଜା, ନରିହା ବୁଢ଼ା, ଡଙ୍ଗରବୁଢ଼ା ଏବଂ ଅଇଁଲାସାରି ର ବୁଢ଼ା ଡଙ୍ଗର ପାହାଡ଼ରେ ବିରାଜମାନ ବିଭିନ୍ନ ଦେବାଦେବୀଙ୍କ ପ୍ରତି ଅଂଚଳବାସୀଙ୍କ ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି । ପାରମ୍ପରିକ ବରୁଆଙ୍କ ମାଧ୍ୟମରେ ଦେବଦେବୀଙ୍କ ଆବିର୍ଭାବ ଓ ଦର୍ଶନ ପାଇଁ ପଂଚାୟତ ସମେତ ଆଖପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭକ୍ତମାନେ ନିଜର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ମୁଖ୍ୟ ବରୁଆ ଜୟ ମଙ୍ଗଳ ବେହେରା ଓ ରାଜେନ୍ଦ୍ର ସା ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ମହୋତ୍ସବରେ ଅଂଚଳର ପାରମ୍ପରିକ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ଗୁରୁତ୍ୱ ଦିଆଯାଇଥିଲା । ଦୋଲ ମୁହୁରୀ କଳା ପରିଷଦ ଏବଂ ଶ୍ରୀରାମ କଳା ପରିଷଦ, ଚନ୍ଦ୍ରପୁର ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହା ଉପସ୍ଥିତ ଦର୍ଶକ ଓ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା । ଏହି ମହୋତ୍ସବର ସଫଳ ଆୟୋଜନରେ ବଳରାମ ଚନ୍ଦନ, ଯୁବନେତା ଉମେଶ ପଧାନ, ସୁବାଷ ଚନ୍ଦ୍ର ବିଶ୍ୱାଳ, ଗୋଲୁକ ବିଶ୍ୱାଳ, ଉଜାଲୁ ସା, ସଦାନନ୍ଦ ଦୀପ, ନାରାୟଣ ବେହେରା, ଶ୍ରୀବତ୍ସ ସାହୁ, ବ୍ରଜଲାଲ ସାହୁ, ମାଖନଫୁଲ ଚନ୍ଦନ, ସଦାନନ୍ଦ ବେହେରା ଓ ଅର୍ଜୁନ ବେହେରାଙ୍କ ସମେତ ଅନେକ ସ୍ଥାନୀୟ ବ୍ୟକ୍ତି ସହଯୋଗ କରିଥିଲେ କ୍ଷ ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଅଂଚଳର ଧାର୍ମିକ ପରମ୍ପରା, ଲୋକକଳା ଓ ସାମାଜିକ ଏକତାକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ଐତିହ୍ୟର ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

ଜିଲ୍ଲାସ୍ତରୀୟ ୬୭ ତମ ପୋଲିସ ଶହୀଦ ସ୍ମୃତି ଦିବସ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୨/୧୦ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ବେତାଗୁଡ଼ା ସ୍ଥିତ ସଶସ୍ତ୍ର ରିଜର୍ଭ ପୋଲିସ ପଡିଆ ଠାରେ ଗଜପତି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ୬୭ ତମ ପୋଲିସ ଶହୀଦ ସ୍ମୃତି ଦିବସ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମିଳିତ ପ୍ୟାରେଡ୍ ବାହିନୀର ସେଲ୍ୟୁଟ ଗ୍ରହଣ କରି କର୍ତ୍ତବ୍ୟ ସମୟରେ ଯେଉଁ ପୋଲିସ ଭାଇ ମାନେ ଉଗ୍ରବାଦୀ ଓ ମାଓବାଦୀ ମାନଙ୍କ ଶିକାର ହୋଇ ନିଜ ଜୀବନକୁ ଉତ୍ସର୍ଗ କରି ଦେଶମାତୃକା ପାଇଁ ପ୍ରାଣବଳି ଦେଇ ଯାଇଛନ୍ତି, ପ୍ରତିବର୍ଷ ଆଜିର ଦିନରେ ସେମାନଙ୍କ ସ୍ମୃତିଚାରଣ କରାଯିବା ସହ ପୋଲିସ ସହିଦ ସ୍ମୃତି ଦିବସ ପାଳନ କରାଯାଇ ଆସୁଅଛି । ଆମ ପୋଲିସ କର୍ମଚାରୀ ମାନେ ବିଭିନ୍ନ କ୍ଷେତ୍ରରେ ଯେକୌଣସି ବିପଦ ଆପଦ ହେଉ କିମ୍ବା ଉଗ୍ରବାଦୀ କି ମାଓବାଦୀ କାର୍ଯ୍ୟକଳାପ ହେଉ, ସବୁଥିରେ ତାର ଉଚିତ୍ ମୁକାବିଲା କରିବା ପାଇଁ ଯଥେଷ୍ଟ ସମର୍ଥ ଅଛନ୍ତି ବୋଲି କହି ସବୁବେଳେ ନିରବଚ୍ଛିନ୍ନ ଓ ନିର୍ଭୀକ ଭାବେ ସେବା ପ୍ରଦାନ କରିବା ସହ ଜନସାଧାରଣଙ୍କ ସମସ୍ତ ଆଶା ପୂରଣ କରିବା ଦିଗରେ ଆସ୍ଥାଭାଜନ ହେବା ପାଇଁ ଉପସ୍ଥିତ ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଏସପି ମୀନା ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପଠାଇଥିବା ବାର୍ତ୍ତା ପାଠ କରିବା ସହ କର୍ତ୍ତବ୍ୟ ସମୟରେ ଦେଶମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ବୀରଗତି ପ୍ରାପ୍ତ ହୋଇ ସହିଦ ହୋଇଥିବା ଭାରତ ବର୍ଷର ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ନାମ ପାଠ କରିବା ସହ ପୋଲିସ ସହୀଦ ସ୍ମୃତିସ୍ତମ୍ଭ ଠାରେ ସେମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ଦେଇ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେହିଭଳି ଉପସ୍ଥିତ ପୋଲିସ ଅଧିକାରୀ ମାନଙ୍କ ସମେତ ଉପସ୍ଥିତ ଶହୀଦ ପରିବାରଙ୍କ ପକ୍ଷରୁ ମଧ୍ୟ ସହିଦ ସ୍ମୃତିସ୍ତମ୍ଭ ଠାରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିବା ବେଳେ ପ୍ୟାରେଡ୍ ଦଳର ସମସ୍ତ ପୋଲିସ କର୍ମଚାରୀ ମାନେ ମଧ୍ୟ ନିଜର ସଶସ୍ତ୍ର ସହ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ସହିଦ ହୋଇଥିବା ଦୁଇ ପୋଲିସ କର୍ମଚାରୀ ସିମାଂଚଳ ପ୍ରଧାନ ଏବଂ ବିଶ୍ୱଜିତ ଜେନାଙ୍କ ପରିବାର ତଥା ସେମାନଙ୍କ ପତ୍ନୀଙ୍କୁ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଶେଷରେ ପୋଲିସ ଝଣ୍ଡାକୁ ସଶସ୍ତ୍ର ସଲାମୀ ସେଲ୍ୟୁଟ ଜଣାଇବା ପରେ କାର୍ଯ୍ୟକ୍ରମର ସମାପନ ପ୍ୟାରେଡ଼ ସମ୍ପନ୍ନ ହୋଇଥିଲା । ଏହି ସହିଦ ସ୍ମୃତି ଦିବସ ପାଳନ କାର୍ଯ୍ୟକ୍ରମରେ ପୋଲିସର ଜିଲ୍ଲା ପୋଲିସ କଂଟିଜେଂଟ ଓ ୩ୟ ବାଟାଲିୟନ କଂଟିଜେଂଟ ଦଳ ଭାଗ ନେଇଥିବା ବେଳେ ଏହାକୁ ରିଜର୍ଭ ଇନ୍ସପେକ୍ଟର ତଥା ପ୍ୟାରେଡ୍ କମାଣ୍ଡର (ଆର ଆଇ) ଅଭିରାମ ଖଟୁଆ, ସେକେଣ୍ଡ ଇନ କମାଣ୍ଡ ସର୍ଜେଂଟ ଖୁସିରାମ ଭୋଇ ଏବଂ ଆର୍ମଡ ଏଏସଆଇ ଘନଶ୍ୟାମ ପ୍ରଧାନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଏସଏପି ୩ୟ ବାଟାଲିୟନ ଆସିଷ୍ଟାଂଟ କମାଣ୍ଡେଂଟ ବୁବାଇ ସୋରେନ ମଂଚାସିନ ଥିବା ବେଳେ ଏସଡିପିଓ ମାଧବୀ ନନ୍ଦ ନାୟକ, ଅସିଷ୍ଟାଂଟ କମାଣ୍ଡେଂଟ ଉପେନ୍ଦ୍ର ଶବର, ଡିଆଇବି ଡିଏସପି ଠାକୁର ଦାସ ମୁର୍ମୁ, ପାରଳା ଆଦର୍ଶ ଥାନା-ଅଇଆଇସି ପ୍ରଶାନ୍ତ କୁମାର ଭୂପତି, ଫାୟାର ଅଫିସର, ଶହୀଦ ପରିବାର ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । କନ୍ଦର୍ପ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ ।

ଭଷାଣ ଉତ୍ସବ ଦେଖି ଫେରିବା ବେଳେ ଡ଼ଙ୍ଗା ବୁଡି ୧ ମୃତ ୧ ଗୁରୁତର ୨ ନିଖୋଜ, ଉଦ୍ଧାର କାର୍ଯ୍ୟ ଜାରି

ଯାଜପୁର,୨୨/୧୦ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ମହମ୍ମଦ ଜମା ପୁରରେ ଘଟିଛି ଏକ ଅଭାବନୀୟ ଘଟଣା । ଘଟଣାରୁ ପ୍ରକାଶ ଯେ ଛତିଶ ଦେବିଲି ପଂଚାୟତର ଏକ ପରିବାରର ୪ ଜଣ ସଦସ୍ୟ ବନ୍ଧୁ ଘରକୁ ଭସାଣୀ ଉତ୍ସବ ଦେଖିବାକୁ ଆସି ଫେରିବା ବେଳେ ନିକଟସ୍ଥ ବନ୍ତୀ ଘାଇ ନଦୀର ତଅଁର କୁଳ ଦଉଡ଼ି ବନ୍ଧା ଘାଟରେ ଏକ ଛୋଟ ହୁଲି ଡଙ୍ଗାରେ ପାରି ହେଉଥିବା ବେଳେ ଡଙ୍ଗାଟି ଓଲଟି ପଡିବାରୁ ଘଟଣା ସ୍ଥଳରେ ୪ ଜଣ ନଦୀରେ ବୁଡ଼ି ଯାଇଥିଲେ । ନଦୀ କୂଳିଆ ଲୋକେ ଖବର ପାଇ ନଦୀରୁ ଭାମା ଦଳେଇ (୫୨) ଓ ହେମଲତା ଦଳେଇ (୭୦) ୨ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ବୋଟ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡିଛି । ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଥିବା ଜଣାପଡିଛି । ଚିକାତ୍ସାଧିନ ଥିବା ଭାମା ଦଳେଇ (୫୨) ଙ୍କର ମୃତ୍ୟୁ ହୋଇଥିବା ବେଳେ ଅନିରୁଦ୍ଧ ଦଳେଇ (୮) ଓ ମଣିଆ ଦଳେଇ (୨୩) ଉଭୟ ନିଖୋଜ ଥିବା ଜଣାପଡିଛି ।

ୟୁଟ୍ୟୁବ୍‌ରେ ଉନ୍ନତ ଛେଳି ପାଳନ ତାଲିମ ଚାଷୀଙ୍କ ଆୟ ବୃଦ୍ଧି ଓ ଯୁବ ଉଦ୍ୟୋଗୀଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ

ଭବାନୀପାଟଣା, ୨୨/୧୦ (ଆ.ପ୍ର) : କର୍ତ୍ତବ୍ୟ ଅନୁଷ୍ଠାନ ଓ ରିଲାଏନ୍ସ ଫାଉଣ୍ଡେସନର ମିଳିତ ସହଯୋଗରେ ଉନ୍ନତ ଛେଳି ପାଳନ ସମ୍ପର୍କରେ ଚାଷୀ ଓ ଯୁବ ଉଦ୍ୟୋଗୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ୟୁଟ୍ୟୁବ୍ ମାଧ୍ୟମରେ ଏକ ଅନଲାଇନ୍ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ତାଲିମଦାତା ଭାବେ କଳାହାଣ୍ଡି ଜିଲ୍ଲାର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ନିରଦ ଚନ୍ଦ୍ର କହଁର ଯୋଗଦେଇ ଛେଳି ପାଳନର ବିଭିନ୍ନ ବୈଜ୍ଞାନିକ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ । ଛେଳିଙ୍କ ପାଇଁ ଉପଯୁକ୍ତ ଗୃହାଳ ନିର୍ମାଣ, ଉନ୍ନତ ପ୍ରଜାତି ଚୟନ, ସନ୍ତୁଳିତ ଖାଦ୍ୟ ପ୍ରଦାନ, ପ୍ରଜନନ ପରିଚାଳନା, ବୀମାକରଣ, ପରିଷ୍କାର-ପରିଚ୍ଛନ୍ନତା, ଟିକାକରଣ ଓ ବିଭିନ୍ନ ରୋଗର ନିୟନ୍ତ୍ରଣ ଉପରେ ସେ ବିସ୍ତୃତ ଭାବେ ବୁଝାଇଥିଲେ । ଛେଳି ପାଳନକୁ ଏକ ଲାଭଜନକ ଜୀବିକା ଭାବେ ଗ୍ରହଣ କରି ଗ୍ରାମାଂଚଳର ଯୁବକ-ଯୁବତୀମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ଚାଷୀମାନେ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ଉତ୍ପାଦନ ସହ ଆୟ ବୃଦ୍ଧି କରିପାରିବେ, ସେ ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ଡିଜିଟାଲ ମାଧ୍ୟମରେ ଏଭଳି ଜ୍ଞାନଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଚାଷୀଙ୍କୁ ଆଧୁନିକ କୃଷି ଓ ପଶୁପାଳନ ପଦ୍ଧତି ସମ୍ପର୍କରେ ଅବଗତ କରାଇବା ସହ ଜୀବିକା ନିର୍ବାହରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି ।

ଖମ୍ବାରୀଗାଁ ପଂଚାୟତରେ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ, ବିଜେପିର ମିଶ୍ରଣ ପର୍ବ

ପାତ୍ରପୁର, ୨୨/୧୦ (ଆ.ପ୍ର) : ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପାତ୍ରପୁର ବ୍ଲକର ଖମ୍ବାରୀଗାଁ ପଂଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଲାଲ କମାଗାଁରେ ଆୟୋଜିତ ମିଶ୍ରଣ ପର୍ବରେ କିଛି ପରିବାରର ସଦସ୍ୟ ବିଜେପିରେ ଯୋଗ ଦେଇଛନ୍ତି । ବିଧାୟକଙ୍କ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଖଣ୍ଡଦେଉଳି ପ୍ରାଥମିକ ବିଦ୍ୟାଳୟରେ ନିଜ ହାତପାଣ୍ଠିରୁ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ । ପରେ ଖମ୍ବାରୀଗାଁରେ ଗ୍ରାମବାସୀଙ୍କ ସୁବିଧା ନିମନ୍ତେ ନିର୍ମାଣ ହେବାକୁ ଥିବା କୋଠ ମଣ୍ଡପର ଶିଳାନ୍ୟାସ କରିଥିଲେ । ଏହାପରେ ଲାଲକମାଗାଁରେ ପହଂଚିବା ପରେ ଗ୍ରାମବାସୀ ବାଜାବାଦ୍ୟ ସହ ବିଧାୟକଙ୍କୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇଥିଲେ । ସେଠାରେ ନବନିର୍ମିତ ସାଂସ୍କୃତିକ ମଣ୍ଡପକୁ ସେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ସାମିଲ ଥିଲେ ।ପରେବିଧାୟକ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଅନ୍ୟପକ୍ଷରେ ଲାଲକମାଗାଁରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଡି. ଅନନ୍ତ, ଡି. ଜଗନ୍ନାଥନ, ବୃନ୍ଦାବନ ରେଡ୍ଡୀ ଓ ଜି. ପ୍ରକାଶଙ୍କ ସମେତ ଅନେକ ପରିବାରର ସଦସ୍ୟ ବିଜେପିରେ ସାମିଲ ହୋଇଥିଲେ । ବିଧାୟକ ସେମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକରେ ସାଂସଦ ପ୍ରତିନିଧି ମିନା ଦ୍ୟାନସାମନ୍ତରା, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଓ୍ୱାଇ ମୋହନ ରାଓ, ପୂର୍ବତନ ସରପଂଚ ଆଇ. ବାଳକୃଷ୍ଣ ରେଡ୍ଡୀ, ସଦାନନ୍ଦ ନାୟକ, ଗୌରାଙ୍ଗ ପାଣିଗ୍ରାହି ଙ୍କ ସମେତ ବହୁ ଜନପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଦୁର୍ଗା ଦେବୀଙ୍କ ଭସାଣି ଉତ୍ସବ

ନିମାପଡ଼ା, ୨୨/୧୦ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ଭୋଦର ପଂଚାୟତର ଭୋଦର ଗ୍ରାମରେ ଗ୍ରାମବାସି ଓ ରାୟ ବୃନ୍ଦାମଣି ପରିବାର ପକ୍ଷରୁ ଦୁଇଟି ସ୍ଥାନରେ ଦୁର୍ଗା ପୂଜା ମହା ସମାରୋହରେ ପାଳିତ ହୋଇ ଯାଇଛି. । ଏହି ଅବସରରେ ରାଜ୍ୟଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୂର୍ବତନ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ବିଜେଡି ନେତା ଦିଲ୍ଲୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସପ୍ତମୀ ଦିନ ନିକଟସ୍ଥ ହାରଣ୍ଡି /ଉଦ୍ରେଶ୍ୱର୍ଙ୍କ ପୀଠରୁ କଳସ ଆବାହନ କରାଯାଇ ଶାକମ୍ଭରି ନୀତିରେ ପୂଜା କରାଯାଇଥାଏ । ପୂଜା ମଣ୍ଡପକୁ କଳସ ଓ ପଂଚ ପଲ୍ଲବ ରେ ସଜ୍ଜିତ କଳ୍ପବୃକ୍ଷକୁ ପ୍ରବେଶ କରାଯାଇଥାଏ । ନବ ପତ୍ରିକାକୁ ସ୍ୱାଗତ କରାଯାଇ ପୂଜା ମଣ୍ଡପକୁ ବିଜେ କରାଯିବା ପରେ ମୃଣ୍ମୟୀ ମୂର୍ତି ପୂଜା ଚାରି ଦିନ ଧରି ଅନୁଷ୍ଠିତ ହୋଇଥାଏ । ମହାଷ୍ଟମୀ ରାତିରେ ସନ୍ଧି ପୂଜା ଅନୁଷ୍ଠିତ ହେବାପରେ ମା'ଙ୍କ ନିକଟରେ ପାଣିକଖାରୁ, ଆଖୁ କାକୁଡି ଓ ଦେଶୀ ପାଟକପୁରା କଦଳୀ ବଳି ଦିଆଯାଏ ଚଳିତ ବର୍ଷ ଦୁଇ ଦିନ ସପ୍ତମୀ ଥିବାରୁ ସପ୍ତମୀର ଦ୍ୱିତୀୟ ଦିବସରେ ଭିତିସି କମିଟି ସଭ୍ୟମାନଙ୍କ ଦ୍ୱାରା କଟି କଟି ଡବଲ କଟି ନାଟକ ମଂଚସ୍ଥ ହୋଇଥିଲା । ମହାନବମୀ ରାତ୍ରରେ ଜୟ ଆଳତି ଓ ବିଜୟିତ ରାତ୍ରରେ ପାହାନ୍ତି କଳିକା ନୃତ୍ୟ ଅତି ଉଚ୍ଚକୋଟୀର ହୋଇଥିଲା । ଏହି ନୃତ୍ୟ ଦେଖିବାକୁ ଅଂଚଳରୁ ହଜାର ହଜାର ଲୋକ ସମାଗମ ହୋଇଥିଲେ । ଦୁର୍ଗା ଦେବୀଙ୍କର ଭସାଣି ଉତ୍ସବ ନିକଟସ୍ଥ ଉଦ୍ରେଶ୍ୱର ମହାଦେବଙ୍କ ପୋଖରୀ ଓ କଡକିଆ ପୋଖରୀରେ ଶାନ୍ତି ଶୃଙ୍ଖଳା ସହିତ ପାରମ୍ପରିକ ବାଜା ଘଂଟ ବଜାଇ ଭସାଣି କାର୍ଯ୍ୟ କ୍ରମ ସମାପନ ହୋଇଯାଇଛି । ବହୁ ଜନ ସମାଗମ ହୋଇଥିବାରୁ ଚାରି ଛକ ଥାନା ଅଧିକାରୀ ଶୌରଭାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମୃତୟନ୍ କରାଯାଇଥିଲା ।

ଅଗ୍ରାଧିକାର ଭିତିକ ଜାମିନବିହୀନ ଗିରଫ ପରଓ୍ୱାନା କାର୍ଯ୍ୟକାରୀ ଅଭିଯାନ କ୍ରମରେ ଓ୍ୱାରେଂଟଭୁକ୍ତ ଅଭିଯୁକ୍ତକୁ ଗିରଫ

ପାରଳାଖେମୁଣ୍ଡି, ୨୨/୧୦ (ଆ.ପ୍ର) : ଗଜପତି ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ଅଗ୍ରାଧିକାର ଭିତିକ ଜାମିନବିହୀନ ଗିରଫ ପରଓ୍ୱାନା କାର୍ଯ୍ୟକାରୀ ଅଭିଯାନ କ୍ରମରେ ଆଜି ତା.୨୨.୧୦.୨୦୨୬ ରିଖରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଜଣେ ଓ୍ୱାରେଂଟଭୁକ୍ତ ଅଭିଯୁକ୍ତ ବିରବସ୍ ଲିମା (୨୭), ପିତା ବାଲାରାଜୁ ଲିମା, ସାକିନ ସଞ୍ଜୟ ଗାନ୍ଧୀ କଲୋନୀ, ପାରଳାଖେମୁଣ୍ଡି , ଜିଲ୍ଲା ଗଜପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନା କେସ୍ ନଂ ୩୬୩, ତା.୧୨.୧୧.୨୦୨୩, ଦଫା ୨୯୪/୩୦୭/୩୨୩/୩୪୧/୩୪୨/୩୬୪/୩୭୯/୫୦୬/୩୪ ଆଇପିସି ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲାର ଏସ.ଟି. କେସ୍ ନଂ ୪୨/୨୦୨୪ରେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍ (ସ୍ୱତନ୍ତ୍ର ଅଦାଲତ), ପାରଳାଖେମୁଣ୍ଡିଙ୍କ ଦ୍ୱାରା ତା.୦୧.୧୦.୨୦୨୬ ରିଖରେ ଗିରଫ ପରଓ୍ୱାନା ଜାରି କରାଯାଇଥିଲା । ଏହି ପରଓ୍ୱାନାକୁ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରି ଗିରଫ କରିବା ସହ ମାନ୍ୟବର ଅଦାଲତକୁ ଚାଲାଣ କରିଛି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ତିନୋଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି । ଗଜପତି ପୋଲିସ ପକ୍ଷରୁ ଫେରାର ଓ ଓ୍ୱାରେଂଟଭୁକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଏବଂ ବିଚାରାଧୀନ ମାମଲାଗୁଡ଼ିକରେ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଏହିପରି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

ଦୁର୍ଗାପୂଜା ଉପଲକ୍ଷେ ମଂଚସ୍ଥ ହେଲା ସାମାଜିକ ନାଟକ 'ଆସିଛି ଏକା, ଯିବି ମୁଁ ଏକା'

ଦଣପଲ୍ଲା, ୨୨/୧୦ (ଆ.ପ୍ର) : ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଉତ୍ସବମୁଖର ହୋଇଉଠିଛି ସମଗ୍ର ଦଣପଲ୍ଲା ଅଂଚଳ । ଦୁର୍ଗାବଜାରସ୍ଥିତ ସ୍ଥାୟୀ ଦୁର୍ଗାମଣ୍ଡପ ଏବଂ ଘରୋଇ ମୋଟର କର୍ମଚାରୀ ସଂଘର ପୂଜାମଣ୍ଡପରେ ଜଗତଜନନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିବା ବେଳେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତ ଓ ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଏହି ଅବସରରେ ଦୁର୍ଗାବଜାର ପୂଜାମଣ୍ଡପଠାରେ ବିଜୟା ଦଶମୀ ଉପଲକ୍ଷେ ନିର୍ଦ୍ଦେଶକ ତ୍ରିନାଥ ସା ?ଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ଆସିଛି ଏକା, ଯିବି ମୁଁ ଏକା' ମଂଚସ୍ଥ ହୋଇଥିଲା । ନାଟକରେ ସମସ୍ତ କଳାକାରଙ୍କ ଅଭିନୟ ଉଚ୍ଚକୋଟୀର ହୋଇଥିବା ବେଳେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଫେଂଟର ଅଞ୍ଜନ କୁମାର ମହାରଣାଙ୍କ ଅଭିନୟ ବିଶେଷ ଭାବେ ଦର୍ଶକଙ୍କ ମନ ଜିଣିଥିଲା । ତାଙ୍କ ଅଭିନୟକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ? ଚର୍ଚ୍ଚା ହୋଇଥିଲା । ନାଟକ ଦେଖିବା ପାଇଁ ମଣ୍ଡପରେ ପ୍ରବଳ ଜନସମାଗମ ହୋଇଥିଲା । ଉତ୍ସବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଟ୍ରାଫିକ୍ ? ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ଓ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଧାର୍ମିକ ଉତ୍ସାହ ସାଙ୍ଗକୁ ସାଂସ୍କୃତିକ ପରିବେଶ ଦଣପଲ୍ଲାର ଦୁର୍ଗାପୂଜା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା ।

ଭକ୍ତିର ମହକରେ ମହକିଲା ବାଲିଗୁଡ଼ା, ଉତ୍ସବର ରଙ୍ଗରେ ଝଲସିଲା ସହର



ବାଲିଗୁଡ଼ା, ୨୨/୧୦ (ଆ.ପ୍ର) : ଶାରଦୀୟ ଦୁର୍ଗୋତ୍ସବର ଆଧ୍ୟାତ୍ମିକ ପରିବେଶରେ ଉତ୍ସବମୁଖର ହୋଇଉଠିଛି କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ସହର । ନବରାତ୍ର ଓ ଦଶହରା ଅବସରରେ ବିଭିନ୍ନ ଦେବୀପୀଠ ଓ ପୂଜାମଣ୍ଡପରେ ମା'ଙ୍କ ଆରାଧନା, ଶ୍ରଦ୍ଧାଳୁଙ୍କ ସମାଗମ ଏବଂ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହରରେ ସୃଷ୍ଟି କରିଛି ଏକ ଭକ୍ତିମୟ ଓ ଉତ୍ସବମୁଖର ପରିବେଶ । ନୃତ୍ୟ, ସଙ୍ଗୀତ ଓ ନାଟକର ଆସରରେ ଦଶହରାର ଆନନ୍ଦ ଦ୍ୱିଗୁଣିତ ହୋଇଥିବାବେଳେ ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ପୀଠରେ ଶତାଧିକ ଭକ୍ତଙ୍କ ଭିଡ଼ ଜମୁଥିଲା । ଅଂଚଳର ଆରାଧ୍ୟା ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଶ୍ରୀ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ପକ୍ଷରୁ ନବରାତ୍ର ଉତ୍ସବ ଓ ମୃଣ୍ମୟୀ ପ୍ରତିମା ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଇଛି । ସେହିପରି ମା' ବରାଳ ଦେବୀ ପୀଠ ଏବଂ ବିରାଗୁଡ଼ା ସ୍ଥିତ ନବଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷରେ ସପ୍ତମୀଠାରୁ ଦଶହରା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ ମୃଣ୍ମୟୀ ପ୍ରତିମା ପୂଜା ଆୟୋଜନ କରାଯାଇଥିବାବେଳେ ନୂଆସାହି ସ୍ଥିତ ମା' ଦୁର୍ଗା ଦେବୀଙ୍କ ପୀଠ ଏବଂ ଚମ୍ପାସାହି ସ୍ଥିତ ମା' ତେଙ୍ଗଣୀଙ୍କ ପୀଠରେ ମଧ୍ୟ ଦଶହରା ପୂଜା ଧାର୍ମିକ ଉତ୍ସାହର ସହ ପାଳିତ ହୋଇଛି । ନବରାତ୍ରରେ ମା'ଙ୍କ ନବଦୁର୍ଗା ରୂପ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନେ ପୀଠଗୁଡ଼ିକରେ ପହଂଚୁଛନ୍ତି । ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ପ୍ରତିଦିନ ନୃତ୍ୟ, ସଙ୍ଗୀତ ସମେତ ବିଭିନ୍ନ ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ନୟାଗଡ଼ ଜିଲ୍ଲାର ସାମାଜିକ ନାଟକ 'ହା କୃଷ୍ଣ ବୋଲି ଜୀବ ଯାଉ' ଦର୍ଶକଙ୍କ ମନୋରଞ୍ଜନର ଖୋରାକ ଯୋଗାଇଥିବା ବେଳେ ନୂଆସାହି ସ୍ଥିତ ତରୁଣ କଳା ପରିଷଦ ପକ୍ଷରୁ ଷୋଡ଼ଶତମ କାଳ୍ପନିକ ନାଟକ 'ଅଭିଶପ୍ତ କାଶ୍ମୀର' ମଂଚସ୍ଥ ହୋଇଥିଲା । ସେହିପରି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ପୌରାଣିକ ନାଟକ 'ରାମାୟଣ ଦୁଇଥର' ମଧ୍ୟ ମଂଚସ୍ଥ ହୋଇଥିଲା । ନାଟକ ଓ ସାଂସ୍କୃତିକ ପରିବେଷଣ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଧାର୍ମିକ ଆସ୍ଥା ସହ ସାମାଜିକ ଓ ସାଂସ୍କୃତିକ ପରମ୍ପରାର ମିଳନ ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଛି । ଚଳିତ ବର୍ଷ ମା'ଙ୍କ ପୂଜାରେ ମନ୍ଦିର ପୀଠରେ ରବୀନ କୁମାର ମିଶ୍ର ଓ ନମିତା ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପୂଜାମଣ୍ଡପରେ ସୀତାରାମ ଦାସ ଓ ରୁନି ଦାସ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୁରୀ ଶ୍ରୀକ୍ଷେତ୍ର ଧାମରୁ ଆସିଥିବା ହିମାଂଶୁ ଶେଖର ଶତପଥୀ, ଗଞ୍ଜାମ ଜିଲ୍ଲା ଖଟିଆ ରାମଚନ୍ଦ୍ରପୁର ଶାସନର ଚିନ୍ମୟ ଶତପଥୀ ଏବଂ କଡପଡ଼ା ଗ୍ରାମର କାହ୍ନୁଚରଣ ପଣ୍ଡା ପୁରୋହିତ ଓ ପୂଜକ ଭାବେ ପୂଜାବିଧି ସମ୍ପନ୍ନ କରୁଛନ୍ତି । ଦୁର୍ଗାପୂଜାର ବିଭିନ୍ନ କାର୍ଯ୍ୟକ୍ରମ ପରେ ଆସନ୍ତା ୨୩ ତାରିଖ ସନ୍ଧ୍ୟାରେ ମା'ଙ୍କ ଭସାଣି ଉତ୍ସବ ଆୟୋଜନ କରାଯିବ । ଏହାକୁ ନେଇ ପୂଜା କମିଟି ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ମା'ଙ୍କୁ ମେଲାଣି ଦେବା ସହ ଆସନ୍ତା ବର୍ଷ ପୁଣି ଶାରଦୀୟ ଉତ୍ସବରେ ମା'ଙ୍କ ଆଗମନକୁ ଅପେକ୍ଷା କରିବେ ଭକ୍ତ । ଶେଷତଃ, ବାଲିଗୁଡ଼ା ରେ ଧାର୍ମିକ ଆସ୍ଥା, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ଅପୂର୍ବ ସମନ୍ୱୟରେ ଦୁର୍ଗୋତ୍ସବ ପାଳିତ ହୋଇଛି ।

ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ବିଜୟଙ୍କ ଦ୍ୱାଦଶାହରେ ବିଜୟ ସ୍ମୃତି-ସୁରଭି ସ୍ମରଣିକା ଉନ୍ମୋଚନ

ନିଶ୍ଚିନ୍ତକୋଇଲି,୨୨/୧୦ (ଆ.ପ୍ର) : ନିଶ୍ଚିନ୍ତକୋଇଲି ଅଂଚଳର ଜଣାଶୁଣା ସାହିତ୍ୟ ପ୍ରେମୀ ତଥା ନିଶ୍ଚିନ୍ତକୋଇଲି ବଜାରରେ ଦୀର୍ଘ ୪୦ବର୍ଷ ଧରି ବିଭିନ୍ନ ପତ୍ରପତ୍ରିକା, ଖବରକାଗଜ ବିକ୍ରେତା, ଜଣେ ନିଷ୍କପଟ, ହୃଦୟବାନ୍, ମେଳାପୀ ସ୍ୱର୍ଗତ ବିଜୟ ମହାପାତ୍ରଙ୍କ ଦ୍ୱାଦଶାହ ତିଥି ଅବସରରେ ସ୍ୱର୍ଗତ ମହାପାତ୍ରଙ୍କ ପୈତୃକ ବାସଭବନ ଓଳା ନିଶ୍ଚିନ୍ତକୋଇଲି ଠାରେ ଦ୍ୱାଦଶାହ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ବିଜୟଙ୍କ ସ୍ମୃତି ସ୍ମରଣ ଉଦ୍ଦେଶ୍ୟରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ବିଜୟ ସ୍ମୃତି-ସୁରଭି ସ୍ମରଣିକା ଉନ୍ମୋଚିତ ହୋଇଛି । ଉପସ୍ଥିତ ଅତିଥି ମାନେ ସ୍ୱର୍ଗତଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପୂର୍ବକ ତାଙ୍କର ଅମ୍ଳାନ୍ ସ୍ମୃତି ସର୍ବଦା ହୃଦୟରେ ଜୀବନ୍ତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି, କବୟିତ୍ରୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି,ଜନପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

ଚିକିତ୍ସା ଅପେକ୍ଷାରେ ଗୁରୁତର ଗାଈ, ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅଭିଯୋଗ

ସିନାପାଲି, ୨୨/୧୦ (ଆ.ପ୍ର) : ଗୃହପାଳିତ ପଶୁଙ୍କ ଚିକିତ୍ସା ସେବାକୁ ନେଇ ସିନାପାଲି ପ୍ରାଣୀ ଚିକିତ୍ସାଳୟର କାର୍ଯ୍ୟପ୍ରଣାଳୀ ଉପରେ ପୁଣି ପ୍ରଶ୍ନ ଉଠିଛି । ଠିକ୍ ସମୟରେ ଚିକିତ୍ସା ମିଳୁନଥିବା ଏବଂ ଜରୁରୀ ସମୟରେ ଚିକିତ୍ସା କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇପାରୁନଥିବା ନେଇ ପଶୁପାଳକମାନେ ଅଭିଯୋଗ କରିଛନ୍ତି । ଏପରିକି ଗତ କିଛି ଦିନ ମଧ୍ୟରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ୨ରୁ ୩ଟି ଗାଈଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବାବେଳେ, ଏବେ ବରଗାଁର ଜଣେ ବ୍ୟକ୍ତିଙ୍କ ଗାଈ ଗୁରୁତର ଅବସ୍ଥାରେ ରହିଥିବା କୁହାଯାଉଛି । ଏହି ଘଟଣା ପ୍ରାଣୀ ଚିକିତ୍ସା ସେବାର ଉପଲବ୍ଧତାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ସୃଷ୍ଟି କରିଛି । ଫୋନ୍ କଲେ ମିଳୁନି ପ୍ରତିକ୍ରିୟା, ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରି ମଧ୍ୟ ନିରାଶ ଅଭିଯୋଗ ଅନୁଯାୟୀ, ବରଗାଁର ଜଣେ ପଶୁପାଳକ ନିଜ ଗାଈର ଚିକିତ୍ସା ପାଇଁ ବାରମ୍ବାର ଉଦ୍ୟମ କରିଥିଲେ । କିନ୍ତୁ ସମ୍ପୃକ୍ତ କର୍ମଚାରୀଙ୍କୁ ଫୋନ୍ କରିବା ସତ୍ତ୍ୱେ ଯୋଗାଯୋଗ ହୋଇପାରିନଥିବା ସେ ଅଭିଯୋଗ କରିଛନ୍ତି । ଏପରିକି ଟୋଲ୍ ଫ୍ରି ନମ୍ବରକୁ ଯୋଗାଯୋଗ କରିବା ପରେ ମଧ୍ୟ ପ୍ରାଣୀ ଚିକିତ୍ସା କର୍ମଚାରୀ ଚିକିତ୍ସା ପାଇଁ ପହଂଚିନଥିବା ଅଭିଯୋଗ ହୋଇଛି । ଫଳରେ ଗୁରୁତର ଅବସ୍ଥାରେ ଥିବା ଗାଈର ଚିକିତ୍ସାକୁ ନେଇ ମାଲିକ ଚିନ୍ତାରେ ପଡ଼ିଛନ୍ତି । କାର୍ଯ୍ୟାଳୟରେ ଅଧିକାରୀଙ୍କ ଚୌକି ଖାଲି ଥିବା ଅଭିଯୋଗ । ଏହି ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ଚିକିତ୍ସାଳୟ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେଠାରେ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ନଥିବା ଏବଂ ତାଙ୍କ ଚୌକି ଖାଲି ପଡ଼ିଥିବା ଅଭିଯୋଗ କରାଯାଇଛି । ସେଠାରେ ଉପସ୍ଥିତ ଦୁଇଜଣ ନିମ୍ନସ୍ତରୀୟ କର୍ମଚାରୀ ଏହି ମାମଲାରେ ନିଜ ହାତରେ କିଛି ନଥିବା କହିଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ପଶୁଙ୍କୁ ସେବା ଯୋଗାଇବ କିଏ, ତାହାକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଅଂଚଳରେ ପ୍ରାଣୀ ଚିକିତ୍ସା କର୍ମଚାରୀ ନିୟମିତ ଭାବେ କାର୍ଯ୍ୟାଳୟରେ ଉପଲବ୍ଧ ରହୁନଥିବା ନେଇ ମଧ୍ୟ ଅଭିଯୋଗ ହେଉଛି । ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଂଚ କରିବା ସହ କାର୍ଯ୍ୟାଳୟର ଉପସ୍ଥାନ ଏବଂ ଚିକିତ୍ସା ସେବାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଗ୍ରାମାଂଚଳରେ ଅନେକ ପରିବାର ଗାଈ, ଛେଳି ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି । ଏଭଳି ପରିବାର ପାଇଁ ପଶୁଙ୍କ ଅସୁସ୍ଥତା କେବଳ ଚିକିତ୍ସା ସମସ୍ୟା ନୁହେଁ, ବରଂ ଆର୍ଥିକ ଚିନ୍ତାର କାରଣ ମଧ୍ୟ । ଠିକ୍ ସମୟରେ ଚିକିତ୍ସା ନମିଳିଲେ ପଶୁର ଅବସ୍ଥା ଅଧିକ ଗୁରୁତର ହୋଇପାରେ ଏବଂ ମୃତ୍ୟୁ ଘଟିଲେ ପରିବାରକୁ ବଡ଼ ଆର୍ଥିକ କ୍ଷତି ସହିବାକୁ ପଡ଼ିପାରେ । ଏଭଳି ପରିସ୍ଥିତିରେ ପ୍ରାଣୀ ଚିକିତ୍ସାଳୟରେ ନିୟମିତ ସେବା, ଜରୁରୀକାଳୀନ ଚିକିତ୍ସା ଏବଂ ଅଭିଯୋଗ ଶୁଣିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବା ଜରୁରୀ । ଚିକିତ୍ସାଳୟରେ ଅଧିକାରୀ ଅନୁପସ୍ଥିତ ରହିଲେ କିମ୍ବା ଫୋନ୍ ?ଯୋଗେ ଯୋଗାଯୋଗ ହୋଇନପାରିଲେ, ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ପଶୁପାଳକଙ୍କୁ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏତେସବୁ ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସ୍ଥାନୀୟ ଜନପ୍ରତିନିଧି ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ରେକର୍ଡ ଚେଜ୍ ସହ ନ୍ୟୁଜିଲ୍ୟାଣ୍ଡକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ନ୍ୟୁଜିଲ୍ୟାଣ୍ଡ ମାଟିରେ ନୂଆ ରେକର୍ଡ କରିଛି ଭାରତୀୟ ଟିମ । ଟି-୨୦ରେ ଇତିହାସ ସୃଷ୍ଟି କରିଛି ଶ୍ରେୟସ ଆୟରଙ୍କ ଭାରତୀୟ ଦଳ । ରେକର୍ଡ ରନ ଚେଜ୍ ? ସହ ନ୍ୟୁଜିଲ୍ୟାଣ୍ଡ ମାଟିରେ ଭାରତ ହାସଲ କରିଛି ଦମଦାର ବିଜୟ । ନମନ ଧୀର ଦମଦାର ଢଙ୍ଗରେ ଛକା ମାରି ଭାରତକୁ ବିଜୟ ଭେଟି ଦେବି ସହ ଦଳକୁ ୫ ଟିକିଆ ଟି-୨୦ ସିରିଜରେ ୧-୦ରେ ଆଗୁଆ କରି ଦେଇଛନ୍ତି । ପ୍ରଥମ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ୪ ୱିକେଟ ହରାଇ ବିଶାଳ ୨୨୫ ରନ କରିଥିଲା । ଏହାର ଜବାବରେ ଭାରତ ୬ ୱିକେଟ ହରାଇ ୨୩୦ ରନ କରି ନେଇଛି । ୨ ବଲ ପୂର୍ବରୁ ନମନ ଭାରତକୁ ୪ ୱିକେଟରେ ଦେଇଛନ୍ତି ରେକର୍ଡ ବିଜୟ । ଟି-୨୦ରେ ଭାରତ କେବେ ବି ଏତେ ରନ ଚେଜ କରି ନଥିଲା । ଭାରତର ସଫଳ ରନ ଚେଜ ଥିଲା ୨୦୯ । ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶାଖପଟନମ ଟି-୨୦ରେ ଭାରତ ଏପରି ସଫଳତା ପାଇଥିଲା । ହେଲେ ଏବେ ଟି-୨୦ରେ ଭାରତୀୟ ଦଳ ରେକର୍ଡ ରନ ଚେଜ ସହ ନ୍ୟୁଜିଲ୍ୟାଣ୍ଡ ମାଟିରେ ନୂଆ ଇତିହାସ ସୃଷ୍ଟି କରିଛି । ଭାରତ ପାଇଁ ସଞ୍ଜୁ ସାମସନ ଖେଳିଛନ୍ତି ୩୩ ବଲରେ ୬୭ ରନର ଇନିଂସ । ତାଙ୍କ ବ୍ୟତୀତ ଅଧିନାୟକ ଶ୍ରେୟସ ଆୟର ୨୮ ବଲରେ ୪୨ ଓ ନମନ ୧୫ ବଲରେ ଅପରାଜିତ ୪୨ ରନର ଇନିଂସ ଖେଳି ଭାରତ ପାଇଁ ବିଜୟ ମୁଣ୍ଡି ମାରିଛନ୍ତି । ଦମଦାର ଇନିଂସ ପାଇଁ ସଞ୍ଜୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି । ଖ୍ରୀଷ୍ଟଚର୍ଚ୍ଚରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲେ ଭାରତର ଅଧିନାୟକ ଶ୍ରେୟସ ଆୟର । ଦୀର୍ଘ ୪ ବର୍ଷ ପରେ କମବ୍ୟାକ କରିଥିବା ଭୁବନେଶ୍ୱର କୁମାର ପ୍ରଥମ ଦୁଇ ଓଭରରେ ୱିକେଟ ପାଇ ନଥିଲେ ହେଁ ମାପଚୁପ ବୋଲିଂ କରିଥିଲେ । ନ୍ୟୁଜିଲ୍ୟାଣ୍ଡ ପାଇଁ ଫିନ ଆଲେନ୍ ଓ ଟିମ ଶେଇଫର୍ଟ ମଧ ଧୈର୍ଯ୍ୟ ଦେଖାଇଥିଲେ । ତେବେ ୫ମ ଓଭରର ଶେଷ ବଲରେ ମୟଙ୍କ ଯାଦବ ୨୪ ରନ କରିଥିବା ଶେଇଫର୍ଟଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ । ଡାରେଲ ମିଚେଲ ଓ ଆଲେନ ଦ୍ୱିତୀୟ ୱିକେଟ ପାଇଁ ୩୧ ରନ ଯୋଡ଼ିବା ପରେ ଏହାକୁ ଭାଙ୍ଗିଥିଲେ ଅକ୍ଷର ପଟେଲ । ସେ ୨୪ ବଲରେ ୪୫ ରନ କରିଥିବା ଆଲେନଙ୍କୁ ଆଉଟ କରିଥିଲେ । ନିଜର ଦ୍ୱିତୀୟ ସ୍ପେଲ୍‌ରେ ମିଚେଲ(୨୮)ଙ୍କୁ ପାଭିଲିୟନ ପଠାଇ ଦେଇଥିଲେ ଅର୍ଶଦୀପ ସିଂହ । ନ୍ୟୁଜିଲ୍ୟାଣ୍ଡ ୧୨୨ରେ ୩ୟ ୱିକେଟ ହରାଇଥିଲେ ହେଁ ଗ୍ଲେନ ଫିଲିପ୍ସ ଓ ବେଭୋନ ଜ୍ୟାକବ୍ସ ବଡ଼ବଡ଼ ଶଟ ଖେଳିଥିଲେ । ଉଭୟ ଦଳୀୟ ସ୍କୋରକୁ ୧୨୨ରୁ ନେଇ ୧୯୫ରେ ପହଂଚାଇଥିଲେ । ଏହି ସମୟରେ ୩୧ ରନ କରିଥିବା ଜ୍ୟାକବ୍ସ ରନ ଆଉଟ ହୋଇଥିଲେ । ତେବେ ଫିଲିପ୍ସ ଶେଷ ଯାଏ ୪୦ ବଲରେ ୮୨ ରନ କରି ଅପରାଜିତ ରହିବା ସହ ଦଳୀୟ ସ୍କୋରକୁ ୨୨୫ରେ ପହଂଚାଇ ଦେଇଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ମୟଙ୍କ ଯାଦବ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ୱିକେଟ ପାଇଥିଲେ । କମବ୍ୟାକ ମ୍ୟାଚ୍‌ରେ ଭୁବନେଶ୍ୱର କୁମାର ୪ ଓଭରରେ ୪୯ ରନ ସହ କୌଣସି ୱିକେଟ ପାଇନାହାନ୍ତି । ରେକର୍ଡ ୨୨୬ ରନର ଟାର୍ଗେଟ ନେଇ ପଡ଼ିଆକୁ ଆସିଥିବା ଭାରତ ପାଇଁ ସାମସନ ଓ ଅଭିଷେକ ଶର୍ମା ବିଗାଟଭିତ ଢଙ୍ଗରେ ଦ୍ରୁତ ଆରମ୍ଭ ଦେଇଥିଲେ । ଛକା ଓ ଚୌକା ମାରି ସେମାନେ ନ୍ୟୁଜିଲ୍ୟାଣ୍ଡ ବୋଲରଙ୍କୁ ଘାଇଲା କରିଥିଲେ । ପାୱାର ପ୍ଲେ ଶେଷ ହେବାର ୨ଟି ବଲ ପୂର୍ବରୁ ଭାରତର ସ୍କୋର ୯୫ରେ ପହଂଚି ଯାଇଥିଲା । କିନ୍ତୁ ଏତିକି ବେଳେ ବଡ଼ ଶଟ ଖେଳିବାକୁ ଯାଇ ଅଭିଷେକ ଶର୍ମା(୧୨ ବଲରେ ୨୯) ମାଇକେଲ ବ୍ରେସୱେଲଙ୍କ ବଲରେ ଆଉଟ ହୋଇ ଯାଇଥିଲେ । ଏହାପୂର୍ବରୁ ସଞ୍ଜୁ କିନ୍ତୁ ୨୩ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଅଭିଷେକ ଆଉଟ ହୋଇଥିଲେ ହେଁ ସାମସନ ବଡ଼ ଶଟ ଖେଳି ଚାଲିଥିଲେ । ସେ ୩୩ ବଲରେ ୬୭ ରନ କରିବା ପରେ ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ମିଚେଲ ସାଂଟନରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ଏତିକି ବେଳେ ଭାରତର ସ୍କୋର ୧୧୫ ରନ ରହିଥିଲା । ଭାରତ କ୍ରମାଗତ ୨ଟି ୱିକେଟ ହରାଇବାରୁ ଦଳ ଉପରେ ଚାପ ପଡ଼ିଥିଲା । ତିଳକ ବର୍ମା ୬ ରନ ଓ ଈଶାନ କିଶନ ମାତ୍ର ୧ ରନ କରି ଆଉଟ ହେବାରୁ ନ୍ୟୁଜିଲ୍ୟାଣ୍ଡର ପଲ୍ଲାଭାରୀ ହୋଇଯାଇଥିଲା । କିନ୍ତୁ ଅଧିନାୟକ ଶ୍ରେୟସ ଆୟର ଓ ଉପ ଅଧିନାୟକ ଅକ୍ଷର ପଟେଲ ସ୍ଥିତି ସମ୍ଭାଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ । ଦଳୀୟ ସ୍କୋରକୁ ୧୨୨ରୁ ନେଇ ୧୬୭ ରନରେ ପହଂଚାଇଥିଲେ । ୧୪ ବଲରେ ୨୪ ରନ କରିଥିବା ଅକ୍ଷର ପଟେଲଙ୍କୁ ଆଉଟ କରି ଲକି ଫର୍ଗୁସନ କିଛି ରୋମାଂଚ ଭରିବାକୁ ଚେଷ୍ଟା କରିଥିଲେ । ଏତିକି ବେଳେ ଶ୍ରେୟସ ଆୟର କାଉଂଟର ଆଟାକ କରି ଚାପ ଢିଲିକ କରିଥିଲେ । ଭାରତକୁ ଶେଷ ଦୁଇ ଓଭର ଅର୍ଥାତ ୧୨ ବଲରେ ୧୬ ରନ ଦରକାର ଥିଲା । ଦଳ ହାତରେ ୫ ୱିକେଟ ଥିବାରୁ ବିଜୟ ସହଜ ଲାଗୁଥିଲା । କାରଣ ଆୟର ୪୨ ରନ ଓ ନମନ ୯ ବଲରେ ୨୪ ରନ କରି କ୍ରିଜରେ ଥିଲେ । ହେଲେ ୧୯ତମ ଓଭର ବୋଲିଂ କରିବାକୁ ଆସିଥିବା ଆଡାମ ମିଲନେ ପ୍ରଥମ ବଲରେ ଶ୍ରେୟସ ଆୟରଙ୍କୁ ଆଉଟ କରି ଦେଇଥିଲେ । ପରବର୍ତ୍ତୀ ବଲରେ ନୀତୀଶ କୁମାର ରେଡ୍ଡୀ ରନ କରି ପାରି ନଥିଲେ । ୩ୟ ବଲରେ ସେ ଲଲବଲ ହୋଇ ୧ ରନ ନେବାରୁ ଷ୍ଟ୍ରାଇକ ପାଇଥିଲେ ନମନ । ସେ ୪ର୍ଥ ବଲରେ ଚୌକା, ୫ମ ବଲରେ ୨ ଓ ଶେଷ ବଲରେ ୧ ରନ କରିବାରୁ ଭାରତକୁ ଶେଷ ଓଭରରେ ଜିତିବା ପାଇଁ ଦରକାର ପଡ଼ିଥିଲା ୮ ରନ । ଶେଷ ଓଭର ପକାଇବାକୁ ଆସିଥିଲେ ଅଭିଜ୍ଞ ମ୍ୟାଟ ହେନରୀ । ନମନ ତାଙ୍କର ପ୍ରଥମ ବଲରେ ଚୌକା ମାରିଥିଲେ । ପରବର୍ତ୍ତୀ ୨ଟି ବଲରେ ଭାରତକୁ ଦୁଇ ରନ ମିଳିବାରୁ ଶେଷ ୩ ବଲରେ ଦଳକୁ ବିଜୟ ପାଇଁ ମାତ୍ର ୨ ରନ ଦରକାର ଥିଲା । ଏତିକି ବେଳେ ହେନରୀଙ୍କ ବାଉନ୍ସରକୁ ହୁକ କରି ନମନ ସିଧା ବଲକୁ ବାଉଣ୍ଡରୀ ବାହାରକୁ ପଠାଇ ଦେଇଥିଲେ । ଭାରତ ମଧ୍ୟ ୨ ବଲ ପୂର୍ବରୁ ରେକର୍ଡ ବିଜୟର ସ୍ୱାଦ ଚାଖିଥିଲା ।

ଜାପାନରୁ ବିଦା ହେଲେ ଭାରତୀୟ ପାରା ସୁଇମର

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ବିଶ୍ୱ ମଂଚରେ ପୁଣି ଗୋଟିଏ ଲଜ୍ଜାଜନକ ସ୍ଥିତିର ସାମ୍ନା କରିଛି ଭାରତ । ଜାପାନର ନାଗୋୟାରେ ଚାଲିଥିବା ଏସିଆନ ପାରା ଗେମ୍ସରେ ଜଘନ୍ୟକାଣ୍ଡ ଘଟାଇଛନ୍ତି ଭାରତର ବରିଷ୍ଠ ପାରା ସୁଇମର ମହମ୍ମଦ ଶାମ୍ସ ଆଲାମ ଶେଖ । ସେ ଏସିଆନ ପାରା ଗେମ୍ସରେ ଭାଗ ନେବାକୁ ଯାଇ ହୋଟେଲରେ ରହିଥିବା ବେଳେ ଜଣେ ମହିଳା କର୍ମଚାରୀଙ୍କ ସହ ଅଭଦ୍ର ବ୍ୟବହାର କରିଛନ୍ତି । ରୁମରେ ସଫା କରିବା ସମୟରେ ସେ ମହିଳା କର୍ମଚାରୀଙ୍କୁ ମାଡ଼ି ବସି ଅଶ୍ଳୀଳ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ମହିଳା କର୍ମଚାରୀଙ୍କ ଅଭିଯୋଗ ପରେ ଜାପାନ ପୁଲିସ୍ ପ୍ରଥମେ ମହମ୍ମଦ ଆଲାମ ଶେଖଙ୍କୁ ଅଟକ ରଖିଥିଲା । ଭାରତୀୟ ପାରାଅଲିମ୍ପିକ୍ସ କମିଟି ମଧ୍ୟ କ୍ଷମା ପ୍ରାର୍ଥନା କରିଥିଲା । ଏହାପରେ ପୁଲିସ୍ ତାଙ୍କୁ ମୁକ୍ତ କରିଥିବା ବେଳେ କ୍ରୀଡ଼ା ମହାକୁମ୍ଭ ଅଧାରୁ ତାଙ୍କୁ ଜାପାନରୁ ସିଧା ଭାରତ ପଠାଇ ଦିଆଯାଇଛି । ଏହି ଘଟଣା ଭାରତର ଏସିଆନ ପାରା ଗେମ୍ସ କଂଟିଜେଂଟ ପାଇଁ ଗୋଟିଏ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି । ସେହିପରି ମହମ୍ମଦ ଭାରତରେ ପହଂଚିବା ପରେ ତାଙ୍କ ଉପରେ ଜୀବନ ବ୍ୟାପୀ ବ୍ୟାନ ମଧ୍ୟ ଲାଗିବାର ଆଶଙ୍କା ରହିଛି । ଭାରତୀୟ ପ୍ରତିନିଧି ମଣ୍ଡଳୀର ସୂତ୍ର ଅନୁସାରେ, ପୂରା ଘଟଣା ପାରା ସୁଇମିଂ ଟିମ ରହୁଥିବା ହୋଟେଲରେ ସୋମବାର ଘଟିଥିଲା । ଶେଖଙ୍କ ରୁମରେ ହୋଟେଲର ଜଣେ ହାଉସ କିପିଂ ମହିଳା କର୍ମଚାରୀ ନିଜର କାମ କରୁଥିଲା । ଏହି ସମୟରେ ୪୦ ବର୍ଷୀୟ ଶେଖ ତାଙ୍କ ସହ ଅଭଦ୍ର ବ୍ୟବହାର କରିଥିଲେ । ମହିଳା କର୍ମଚାରୀ ଜଣଙ୍କୁ ସେ ମାଡ଼ି ବସିଥିଲେ ହେଁ କୌଶଳକ୍ରମେ ସେ ବାହାରକୁ ଆସି ତୁରନ୍ତ ହୋଟେଲ, ସ୍ଥାନୀୟ ଆୟୋଜକ କମିଟି ଓ ଭାରତୀୟ ଅଧିକାରୀଙ୍କୁ ଜଣାଇଥିଲେ । ଅଭିଯୋଗ ପରେ ଶେଖଙ୍କୁ ଜାପାନ ପୁଲିସ ଉଠାଇ ନେଇ ଅଟକ ରଖିଥିଲା । ଏହାପରେ ଅର୍ଥାତ ମଙ୍ଗଳବାର ତାଙ୍କୁ ଭାରତ ବିଦା କରିଦିଆଯାଇଛି । ସେ ଭାରତରେ ପହଂଚି ପ୍ରାଧିକୃତ ଅଧିକାରୀଙ୍କ ଆଗରେ ନିଜର ପକ୍ଷ ରଖିବେ । ଏହାପରେ ତାଙ୍କ ବିରୋଧରେ ଭାରତୀୟ ପାରାଅଲିମ୍ପିକ୍ସ କମିଟି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ତାଙ୍କ ଉପରେ ଜୀବନବ୍ୟାପୀ ବ୍ୟାନ ମଧ୍ୟ ଲାଗିପାରେ । ଶେଖ ଏସିଆନ ପାରା ଗେମ୍ସର ବିଭିନ୍ନ ଇଭେଂଟରେ ଭାଗ ନେବାର ଥିଲା । କିନ୍ତୁ ଏବେ ସେ ଅଧୁଆରେ ପଡ଼ି ଜାପାନ ଛାଡ଼ିଛନ୍ତି । ବିହାରର ମୂଳବାସିନ୍ଦା ଶେଖ ଭାରତକୁ ଅନେକ ଅନ୍ତର୍ଜାତୀୟ ଇଭେଂଟରେ ପ୍ରତିନିଧିତ୍ୱ କରିଛନ୍ତି । ପୁରୁଷ ଏସ୫ର ୧୦୦ ମିଟର ବଟରଫ୍ଲାଏ ଓ ଏସବି୪ ବର୍ଗର ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସେ ବିଶ୍ୱର ୧ ନମ୍ବର ସ୍ଥାନରେ ଏକଦା ରହିଥିଲେ । ଭାରତ ପାଇଁ ଅନେକ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି ମହମ୍ମଦ । ଏହାପୂର୍ବରୁ ଏସିଆନ ଗେମ୍ସ ୨୦୨୬ରେ ହକି କଂଟିଜେଂଟରେ ଥିବା ଜଣେ ରେଫରୀ ମଧ୍ୟ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଥିଲା । ଏଥିପାଇଁ ଉକ୍ତ ହକି ଅଫିସିଆଲଙ୍କୁ ଟୁର୍ଣ୍ଣାମେଂଟ ଅଧାରୁ ଜାପାନରୁ ଭାରତକୁ ବିଦା କରାଯାଇଥିଲା ।

ରୌପ୍ୟ ଜିତି ଓଡ଼ିଶାର ଗର୍ବ ବଢ଼ାଇଲେ ଜୟନ୍ତୀ ବେହେରା

ନାଗୋୟା, ୨୨/୧୦ (ନ୍ୟୁ.ଏ): ଚଳିତ ଏସୀୟ ପାରା କ୍ରୀଡ଼ାରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଜୟନ୍ତୀ ବେହେରା । ମହିଳା ୪୦୦ ମିଟର ଟି୪୭ ଇଭେଂଟରେ ସେ ୧.୦୦.୬୫ ସମୟ ସହ ଦ୍ୱିତୀୟ ସ୍ଥାନରେ ରହି ଏହି ରୌପ୍ୟ ଜିତିଛନ୍ତି । ଏହି ଇଭେଂଟରେ ଭାରତର ଅଙ୍କନାବେନ୍ ଦୁମ୍ଭାଦିୟା ୫୯.୯୭ ସମୟ ସହ ସ୍ୱର୍ଣ୍ଣ ଜିତିଛନ୍ତି । ଥାଇଲାଣ୍ଡର ଶଣିରାୱାନ ଇନଥାଚୋଟ୍ କାଂସ୍ୟ ଜିତିଛନ୍ତି । ଜୟନ୍ତୀଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ ତାଙ୍କ ସଫଳତା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି । ତାଙ୍କର ଏହି ସଫଳତା ଭାବି କ୍ରୀଡ଼ାବିତ୍‌ମାନଙ୍କୁ ଅନୁପ୍ରାଣିତ କରିଚାଲିବ । ସୂଚନାଯୋଗ୍ୟ, ବୁଧବାର ଗୋଡ଼ ହାତ ନଥିବା ଓଡ଼ିଆ ଝିଅ ପାୟଲ ନାଗ ରୌପ୍ୟ ଜିତିଥିଲେ । ପୁରୀ ସାକ୍ଷୀଗୋପାଳର ଜୟନ୍ତୀ ୨୦୧୮ ଜାକର୍ତା ଏସୀୟ ପାରା କ୍ରୀଡ଼ାର ୪୦୦ ମିଟରରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ । ଏହା ସହିତ ୨୦୦ ମିଟରରେ ବି ସେ କାଂସ୍ୟ ପାଇଥିଲେ ।

ଭାରତକୁ 'ଆଶାର ଆଲୋକବର୍ତ୍ତିକା' କହି ପ୍ରଶଂସା କଲେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଆଜି ଭାରତକୁ 'ଆଶାର ଆଲୋକବର୍ତ୍ତିକା' କହି ପ୍ରଶଂସା କରିଛନ୍ତି । ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି । ନୂଆଦିଲ୍ଲୀରେ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଆଲୋଚନା ପରେ ଟସ୍କ ଭାରତ-ପୋଲାଣ୍ଡ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନେଇ ଆଶା ପ୍ରକାଶ କରିଛନ୍ତି । ହାଇଦ୍ରାବାଦ ହାଉସ୍ ?ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମିଳିତ ପ୍ରେସ୍ ବିବୃତି ଜାରି କରି ଟସ୍କ ରାଜନୈତିକ ଅସ୍ଥିରତା ସମୟରେ ବିଶ୍ୱସ୍ତରରେ ଭାରତର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପ୍ରଶଂସା କରିଥିଲେ । ସେ କହିଥିଲେ, 'ପ୍ରଧାନମନ୍ତ୍ରୀ ମହୋଦୟ, ଭାରତ ଭଳି ଏକ ଶକ୍ତିଶାଳୀ ଦେଶରେ ଆପଣଙ୍କ ଭଳି ନେତା ଆମ ସମସ୍ତଙ୍କ ପାଇଁ ଆଶାର ଆଲୋକବର୍ତ୍ତିକା ।' ଭାରତ ଓ ପୋଲାଣ୍ଡ ମଧ୍ୟରେ ଦୃଢ଼ ବିଶ୍ୱାସ ଏବଂ ଅହିଂସା ସମେତ ସମାନ ମୂଲ୍ୟବୋଧ ରହିଥିବା ସେ ଉଲ୍ଲେଖ କରିଥିଲେ । ଦୁଇ ଦେଶ ମଧ୍ୟରେ ଐତିହାସିକ ସଂଘର୍ଷ ନଥିବା କହିବା ସହ ମୋଦୀଙ୍କୁ ନିଜର ବନ୍ଧୁ ବୋଲି ପରିଚୟ ଦେବାରେ ସେ ବ୍ୟକ୍ତିଗତ ଭାବେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଥିଲେ । ୨୦୨୪ ଅଗଷ୍ଟରେ ମୋଦୀଙ୍କ ୱାର୍ସ ଗସ୍ତ ସମୟରେ ସ୍ଥାପିତ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନେଇ ଦୁଇ ନେତା ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ଆର୍ଥିକ ସମ୍ପର୍କ ଉପରେ ଗୁରୁତ୍ୱ ଦେଇ ଟସ୍କ କହିଥିଲେ ଯେ ତାଙ୍କ ପ୍ରତିନିଧିମଣ୍ଡଳରେ ବହୁ ସଂଖ୍ୟକ ପୋଲାଣ୍ଡ କମ୍ପାନିର ପ୍ରତିନିଧି ସାମିଲ ହୋଇଛନ୍ତି । ଭାରତ-ପୋଲାଣ୍ଡ ସମ୍ପର୍କ ଇତିହାସରେ ଏହା ସବୁଠାରୁ ବଡ଼ ପ୍ରତିନିଧିମଣ୍ଡଳ ବୋଲି ସେ କହିଥିଲେ । ଖଣି ଖନନ ଓ ଜାହାଜ ନିର୍ମାଣ ଭଳି ପାରମ୍ପରିକ କ୍ଷେତ୍ର ସହ ମହାକାଶ ପ୍ରଯୁକ୍ତିବିଦ୍ୟା, ଡିଜିଟାଲକରଣ, ଉପଗ୍ରହ ଓ ଡ୍ରୋନ୍ ସମେତ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ କ୍ଷେତ୍ରରେ ମଧ୍ୟ ଉଭୟ ଦେଶ ଉଚ୍ଚାଭିଳାଷୀ ସହଯୋଗ ପାଇଁ ଯୋଜନା କରୁଛନ୍ତି । ଏହି ସହଯୋଗ ଉଭୟ ଦେଶ ସହ ସମଗ୍ର ବିଶ୍ୱକୁ ଲାଭ ପହଂଚାଇବ ବୋଲି ଟସ୍କ ମତ ଦେଇଥିଲେ । ଏଥିସହ ଜି-୨୦ ଭଳି ଅନ୍ତର୍ଜାତୀୟ ମଂଚରେ ପରସ୍ପରକୁ ସମର୍ଥନ କରିଆରେ ଏହି ସହଭାଗିତା ବିଶ୍ୱସ୍ତରରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ସିଜେପି ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ଆନ୍ନାମଲାଇ-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ଦୀର୍ଘ ୫ ବର୍ଷ ଧରି ତାମିଲନାଡୁରେ ବିଜେପିର ନେତୃତ୍ୱ ନେଇଥିବା କେ ଆନ୍ନାମଲାଇଙ୍କ ଗୋଟିଏ ଭିନ୍ନ ରୂପ ଦେଖିବାକୁ ମିଳିଛି । ସେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ମନଇଛା ଧୂଳେଇ କରିଛନ୍ତି । ସରକାରଙ୍କ ବିରୋଧରେ ଆନ୍ଦୋଳନ କରୁଥିବା ଯୁବଗୋଷ୍ଠୀଙ୍କ ଉପରେ ପୁଲିସ୍ ?ର କାର୍ଯ୍ୟାନୁଷ୍ଠାନ ଓ ମତପାର୍ଥକ୍ୟକୁ ସକାରାତ୍ମକ ଭାବେ ଗ୍ରହଣ ନ କରିବା ପ୍ରସଙ୍ଗରେ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି ଆନ୍ନାମଲାଇ । ଚଳିତ ବର୍ଷ ବିଜେପିରୁ ଅଲଗା ହୋଇ ୱି ଦ ଲିଡର୍ସ ଗଠନ କରିଥିବା ଆନ୍ନାମଲାଇଙ୍କ କହିବା କଥା ଯେ ୧୨ ବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ ବିଜେପିକୁ ଶତ୍ରୁ ସୃଷ୍ଟି କରିବାର ଆବଶ୍ୟକତା ଅନୁଭବ ହୋଇଛି । ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟିର ବିକ୍ଷୋଭକୁ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, "ମୁଁ ଭାବୁଛି ଦିଲ୍ଲୀରେ ୧୨ ବର୍ଷ ହେଲା କେନ୍ଦ୍ର ସରକାର କ୍ଷମତାରେ ଥିବା ବୋଧେ ଭୁଲି ଯାଇଛନ୍ତି ଓ ନିଜର ପ୍ରାସଙ୍ଗିକତା କାଏମ ରଖିବା ପାଇଁ ଏବେ ବି ସବୁବେଳେ ଶତ୍ରୁ ସୃଷ୍ଟି କରିବାରେ ଲାଗିଛନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ ।" ୨୦୧୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଚାଲିଥିବା ଦୁର୍ନୀତି ବିରୋଧ ଆନ୍ଦୋଳନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ବୟାନକୁ ମନେ ପକାଇଛନ୍ତି ଆନ୍ନାମଲାଇ । ତାଙ୍କ କହିବା କଥା ଯେ ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ କହିଥିଲେ ଯେ ଯଦି ତାଙ୍କ ହାତ ବନ୍ଧା ହୋଇନଥାଆନ୍ତା, ତା'ହେଲେ ସେ ଦିଲ୍ଲୀ ଯାଇଥାଆନ୍ତେ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଥାଆନ୍ତେ । ୨୦୧୧ରେ ମୋଦି ଦେଇଥିବା ବୟାନ ସଂପୂର୍ଣ୍ଣ ଠିକ ଥିଲା ବୋଲି ଆନ୍ନାମଲାଇ କହିଛନ୍ତି । ହେଲେ ବିକ୍ଷୋଭ ବିରୋଧରେ କେନ୍ଦ୍ର ସରକାର ବିପରୀତ ଆଭିମୁଖ୍ୟ ଗ୍ରହଣ କରୁଥିବାରୁ ଏହା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, "ଆଜିକା ଦିନରେ ଆପଣଙ୍କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଜେଲ ହୋଇପାରେ । ଆପଣଙ୍କ ସ୍ୟୁରିଟୀ ବଣ୍ଡ ରଦ୍ଦ କରାଯାଇପାରେ । ଆଶ୍ଚର୍ଯ୍ୟଜନକ ଭାବେ ଜଣେ ସ୍ପେଶାଲ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଆପଣଙ୍କ ଚାରିପଟେ ଗୋଲ ଗୋଲ ଖେଳ ଖେଳିପାରନ୍ତି ।" ସିଜେପିର ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ବିକ୍ଷୋଭ କରିବାକୁ ଯୋଗୁ ଦିଲ୍ଲୀ ପୁଲିସ୍ ସେମାନଙ୍କୁ ଗିରଫ କରିବା ଓ ସ୍ପେଶାଲ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସେମାନଙ୍କୁ ୭ ଦିନ ପାଇଁ ତିହାର ଜେଲକୁ ପଠାଇବା ଘଟଣାକୁ ନେଇ ଆନ୍ନାମଲାଇ ଏକଥା କହିଛନ୍ତି । ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ସେ ପୁଲିସ୍‌ର କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ କରିବାରୁ ତାଙ୍କ ବିରୋଧରେ ଆକ୍ରମଣ ବଢ଼ିଥିଲା ବୋଲି ମଧ୍ୟ ଆନ୍ନାମଲାଇ ଦାବି କରିଛନ୍ତି । ସେ କହିଛନ୍ତି, "ଯଦି ଆପଣ ଗୋଟିଏ ଗଣତନ୍ତ୍ରରେ ଆଇନଗତ ପ୍ରକ୍ରିୟାର ଉଲ୍ଲଙ୍ଘନ ସମ୍ପର୍କରେ ପ୍ରଶ୍ନ କରିବେ, ତା'ହେଲେ ଆପଣଙ୍କୁ ଆକ୍ରମଣର ସାମ୍ନା କରିବାକୁ । ଆପଣଙ୍କୁ ଜଣେ ବିଦେଶୀ ଏଜେଂଟ ଭାବେ ସଜାଇ ଦିଆଯିବ ।" ଦଶହରା ସମୟରେ ସିଜେପିର କୁଶପୁତଳିକା ଦାହ କରାଯିବା ଘଟଣା ଉପରେ ମଧ୍ୟ ଆନ୍ନାମଲାଇ ପ୍ରଶ୍ନ ଉଠାଇଛନ୍ତି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ବିଜେପି ବିଧାୟକ ଅଶୋକ ଗୋଏଲ ନେଇଥିଲେ । ଏପରି କରି ସିଜେପିର ଜାତୀୟ ସ୍ତରରେ ବିଜେପି ପ୍ରଚାର କରିଛି କି ବୋଲି ଆନ୍ନାମଲାଇ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ "ବିଜେପି ପକ୍ଷରୁ ସିଜେପିର ବିରୋଧ କରାଯାଉଛି ନା ସଂଗଠନର ମାଗଣା ପ୍ରଚାରପ୍ରସାର କରାଯାଉଛି ? ସିଜେପିକୁ ଗୋଟିଏ ବଡ଼ ଖେଳାଳି ଭାବେ ସାମ୍ନାକୁ ଆଣି ବିଜେପି ବିରୋଧୀଙ୍କ ଭୋଟ ବିଭାଜନ କରିବାକୁ ଚାହୁଁଛି କି ?"

ବଲିଉଡ୍‌କୁ ଫେରୁଛି ଅଣ୍ଡରୱାର୍ଲ୍ଡ ଆତଙ୍କ !

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ବଲିଉଡ୍‌ରେ ଅଣ୍ଡରୱାର୍ଲ୍ଡର ଆତଙ୍କ ପୁଣି ଫେରୁଥିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଉପରେ ଆକ୍ରମଣ ଏବଂ ଏହା ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ନାମ ଆସିବା ପରେ ୧୯୯୦ ଦଶକର ଘଟଣାଗୁଡ଼ିକ ପୁଣି ଚର୍ଚ୍ଚାକୁ ଆସିଛି । ସେହି ସମୟରେ ଚଳଚ୍ଚିତ୍ର ନିର୍ମାତା, ଅଭିନେତା ଓ ସଙ୍ଗୀତ ଜଗତର ପ୍ରମୁଖ ବ୍ୟକ୍ତିଙ୍କୁ ଧମକ ଦେଇ ଅର୍ଥ ଆଦାୟ ଏବଂ ନିଜ ପସନ୍ଦର ଚଳଚ୍ଚିତ୍ରରେ କାମ କରାଇବାକୁ ଅଣ୍ଡରୱାର୍ଲ୍ଡ ଗ୍ୟାଙ୍ଗଗୁଡ଼ିକ ଉଦ୍ୟମ କରୁଥିଲେ ।୧୯୯୭ରେ ଶାହରୁଖ୍ ଖାନ୍‌ଙ୍କୁ ହତ୍ୟା କରିବାକୁ ଅଣ୍ଡରୱାର୍ଲ୍ଡ ଯୋଜନା କରୁଥିବା ନେଇ ମୁମ୍ବାଇ ପୁଲିସକୁ ସୂଚନା ମିଳିଥିଲା । ତତ୍କାଳୀନ ମୁମ୍ବାଇ ପୁଲିସର ଅପରାଧ ଶାଖାର ଅଧିକାରୀ ରାକେଶ ମାରିଆ ଏ ସମ୍ପର୍କରେ ଚଳଚ୍ଚିତ୍ର ନିର୍ମାତା ମହେଶ ଭଟ୍ଟଙ୍କୁ ସତର୍କ କରାଇଥିଲେ । ଗ୍ୟାଙ୍ଗଷ୍ଟର ଅବୁ ସାଲେମ୍ ଶାହରୁଖ୍‌ଙ୍କୁ ହତ୍ୟା କରିବାକୁ ଯୋଜନା କରିଥିବା ସୂଚନା ମିଳିଥିବାରୁ ତାଙ୍କୁ ଘରେ ରହିବାକୁ ଓ ଯାତାୟାତ ସୀମିତ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ତାଙ୍କ ସୁରକ୍ଷା ପାଇଁ ସାଦା ପୋଷାକରେ ଜଣେ କମାଣ୍ଡୋଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା । ୨୦୦୧ରେ ବ୍ରିଟିସ ଟେଲିଭିଜନ୍ କାର୍ଯ୍ୟକ୍ରମ 'ହଟ୍ ୱାକ୍'ରେ ଅଭିନେତା ତଥା ହାସ୍ୟଶିଳ୍ପୀ ରୁବି ୱାକ୍ସଙ୍କୁ ସାକ୍ଷାତ୍କାର ଦେବାବେଳେ ଶାହରୁଖ୍ ଅଣ୍ଡରୱାର୍ଲ୍ଡର ଧମକ ସମ୍ପର୍କରେ କହିଥିଲେ । ତାଙ୍କୁ ଅନେକଥର ଧମକ ମିଳିଥିବା ଏବଂ ପ୍ରାୟ ତିନି ବର୍ଷ ଧରି ସୁରକ୍ଷା ଯୋଗାଇ ଦିଆଯାଇଥିବା ସେ କହିଥିଲେ । ଅବୁ ସାଲେମ୍ ତାଙ୍କୁ ଫୋନ୍ କରି ଏକ ନିର୍ଦ୍ଦିଷ୍ଟ ଚଳଚ୍ଚିତ୍ରରେ କାମ କରିବାକୁ କହିଥିଲେ । ଶାହରୁଖ୍ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହି ସମୟରେ ସଙ୍ଗୀତ କମ୍ପାନି ଟି-ସିରିଜ୍‌ର ପ୍ରତିଷ୍ଠାତା ଗୁଲ୍‌ସନ କୁମାରଙ୍କୁ ୧୨ ଅଗଷ୍ଟ ୧୯୯୭ରେ ମୁମ୍ବାଇର ଏକ ଶିବ ମନ୍ଦିର ବାହାରେ ଗୁଳି କରି ହତ୍ୟା କରାଯାଇଥିଲା । ଏହା ପୂର୍ବରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ସୂଚନା ମିଳିଥିଲେ ମଧ୍ୟ ହତ୍ୟାକାଣ୍ଡକୁ ରୋକାଯାଇ ପାରି ନଥିଲା । ନିର୍ମାତା ରାକେଶ ରୋଶନ, ରାଜୀବ ରାୟ ଓ ଲରେନ୍ସ ଡି'ସୁଜା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ, କିନ୍ତୁ ବଂଚିଯାଇଥିଲେ ।

ଦିଲଜିତ୍ ଦୋସାଞ୍ଜଙ୍କ କନ୍‌ସର୍ଟକୁ ଦିଲ୍ଲୀ ପୁଲିସର ଅନୁମତି ମିଳିଲାନି

ନୂଆଦିଲ୍ଲୀ, ୨୨/୧୦ (ନ୍ୟୁ.ଏ): ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜଙ୍କ ଦିଲ୍ଲୀ କନ୍‌ସର୍ଟକୁ ଅନୁମତି ଦେବାକୁ ମନା କରିଛି ଦିଲ୍ଲୀ ପୁଲିସ । ଅକ୍ଟୋବର ୩୦ରେ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ଏହି କାର୍ଯ୍ୟକ୍ରମ ହେବାର ଥିଲା । ସୁରକ୍ଷା ସମ୍ପର୍କିତ ବିପଦର ସୂଚନା, ପାର୍ବଣ ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଦାୟିତ୍ୱ ଏବଂ ଅନ୍ୟାନ୍ୟ ସୁରକ୍ଷାଗତ କାରଣରୁ ଏହି ନିଷ୍ପତି ନିଆଯାଇଛି । ଦିଲଜିତ୍‌ଙ୍କ 'ଅରା ଇଣ୍ଡିଆ ଟୁର'ର ଦିଲ୍ଲୀ ପର୍ଯ୍ୟାୟ ପାଇଁ ଅନୁମତି ମାଗିଥିବା ଟିକେଟ୍ ବିକ୍ରୟ ସଂସ୍ଥା ବୁକ୍ ?ମାଇଁସୋକୁ ଦକ୍ଷିଣ ଜିଲ୍ଲାର ପୁଲିସ ଉପାୟୁକ୍ତଙ୍କ କାର୍ଯ୍ୟାଳୟ ଏ ସମ୍ପର୍କରେ ଚିଠି ଲେଖି ଜଣାଇଛି । ଅକ୍ଟୋବର ୧୪ରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆବେଦନ କରାଯାଇଥିଲା । ତାହାର ସମୀକ୍ଷା ପରେ ପୁଲିସ ଅନୁମତି ଦେଇନାହିଁ । ଚିଠିରେ ସ୍ପଷ୍ଟ ଭାବେ ସୁରକ୍ଷା ସମ୍ପର୍କିତ ନିର୍ଦ୍ଦିଷ୍ଟ ବିପଦର ସୂଚନା, ପାର୍ବଣ ସମୟରେ ସୁରକ୍ଷା ଓ ଆଇନଶୃଙ୍ଖଳା ସମସ୍ୟାକୁ କାରଣ ଭାବେ ଦର୍ଶାଯାଇଛି । ଦିଲଜିତ୍‌ଙ୍କ ଏହି କାର୍ଯ୍ୟକ୍ରମ ତାଙ୍କ 'ଅରା ଇଣ୍ଡିଆ ଟୁର'ର ଅଂଶ । ଦିଲ୍ଲୀ ପରେ ଇନ୍ଦୋର, ଅହମଦାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ଲକ୍ଷ୍ନୌ ଓ ଚଣ୍ଡୀଗଡ଼ରେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜନର ଯୋଜନା ରହିଛି । ଏହି ଟୁର ଦିଲଜିତ୍‌ଙ୍କ ପୂର୍ବରୁ ସଫଳ ହୋଇଥିବା 'ଦିଲ୍-ଲୁମିନାଟି ଟୁର' ପରେ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ, ଦିଲ୍ଲୀ କନ୍‌ସର୍ଟ ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତି ନାମରେ ସାମାଜିକ ଗଣମାଧ୍ୟମରେ କେତେକ ନକଲି ଆକାଉଂଟ ସକ୍ରିୟ ଥିବା ନେଇ ଦିଲଜିତ୍ ପ୍ରଶଂସକଙ୍କୁ ସତର୍କ କରାଇଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das